# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୩/୨୦୨୦ (୧୩ପୃଷ୍ଠା) | Bhubaneswar, Wednesday, September 23/2020 | ★★★★★★

୪୬ଶ ଭାଗ ୨୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**କୋହ ପ୍ରକାଶ କଲେ ଅମ୍ରିତା**

ଅଭିନେତ୍ରୀ ଅମ୍ରିତା ରାଓଙ୍କୁ ଜଣେ ନିର୍ଦ୍ଦେଶକ ଏକ ଚଳଚ୍ଚିତ୍ରରେ କାଷ୍ଟ କରି ପରେ ତାଙ୍କୁ ଫିଲ୍ମରୁ ହଟାଇ ଦେଇଥିଲେ। ସେଥିପାଇଁ ସେ ଦୁଃଖପ୍ରକାଶ କରିଥିଲେ।

୦୨

୧୩

**ଜୋକୋଭିଚ୍‌ଙ୍କୁ ୫ମ ଇଟାଲିଆନ ଓପନ୍ ଟାଇଟଲ**

ସର୍ବିଆର ନୋଭାକ୍ ଜୋକୋଭିଚ୍ ୫ମ ଥର ଇଟାଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି।



କୋଲ୍ ବ୍ଲକ ନିଲାମ ସ୍ଥଗିତ ପାଇଁ ଚିଠି




# କୋଇଲା ଖଣି ନିଲାମ ୩ ମାସ ଘୁଞ୍ଚାଅ

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

## କୋଇଲା ବଜାର ଉପରେ କରୋନା ପ୍ରଭାବ



**କେନ୍ଦ୍ରକୁ ରାଜ୍ୟର ପରାମର୍ଶ**

**କେନ୍ଦ୍ର ଖଣିମନ୍ତ୍ରୀଙ୍କୁ ଚିଠି ଲେଖିଲେ ପ୍ରଫୁଲ୍ଲ**

କୋଭିଡ୍-୧୯ ଯେ କେବଳ ସ୍ୱାସ୍ଥ୍ୟକୁ ପ୍ରଭାବିତ କରି ନାହିଁ, ଆର୍ଥିକ ମେରୁଦଣ୍ଡକୁ ମଧ୍ୟ ଦୋହଲାଇ ଦେଇଛି। ଏହି ମହାମାରୀ କୋଇଲା ବଜାରକୁ ପ୍ରଭାବିତ କରିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର କୋଇଲା ଖଣି ନିଲାମ ପ୍ରକ୍ରିୟାକୁ ସାମୟିକ ଭାବେ ସ୍ଥଗିତ ରଖିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କେନ୍ଦ୍ର ଖଣିମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଏ ନେଇ ମଙ୍ଗଳବାର ଚିଠି ଲେଖିଛନ୍ତି। ନିଲାମ ପ୍ରକ୍ରିୟାକୁ ୩ ମାସ ପର୍ଯ୍ୟନ୍ତ ଘୁଞ୍ଚାଇବାକୁ ମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

୪୧ କୋଲ୍ ବ୍ଲକ୍ ନିଲାମ କରିବା ନେଇ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୨୦ ଜୁନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରକ୍ରିୟାକୁ ସବୁଜ ସଙ୍କେତ ଦେଇଛନ୍ତି। ନିଲାମ ହେବାକୁ ଥିବା କୋଲ୍ ବ୍ଲକ ମଧ୍ୟରୁ ଓଡ଼ିଶାର ୯ଟି ରହିଛି। ସେଗୁଡ଼ିକ ହେଲା ଛେଣ୍ଡିପଦା-୧, ଛେଣ୍ଡିପଦା-୨, ମାଛକଟା, ମହାନଦୀ, ରାଧିକାପୁର(ପୂର୍ବ), ରାଧିକାପୁର(ପଶ୍ଚିମ), ବ୍ରାହ୍ମଣବିଲ ଓ ଖରଦାବାହାଲ, କୁରାଲୋଇ(ଏ) ଉତ୍ତର ଏବଂ ଫୁଲଝରି(ପୂର୍ବ ଓ ପଶ୍ଚିମ)। ଏହି କୋଲ୍ ବ୍ଲକଗୁଡ଼ିକରେ ମୋଟ ୧୦,୭୫୦ ନିୟୁତ ଟନ୍ କୋଇଲା ମହଜୁଦ ଅଛି। କେନ୍ଦ୍ରର ସଂଶୋଧିତ ସମୟ ନିର୍ଘଣ୍ଟ ଅନୁଯାୟୀ, ସେପ୍ଟେମ୍ବର ୨୯ ସୁଦ୍ଧା ବିଡ୍ ଦାଖଲର ଶେଷ ତାରିଖ ରହିଛି। ସେହିପରି ଅକ୍ଟୋବର ୧୯ରୁ ନଭେମ୍ବର ୯ ତାରିଖ ମଧ୍ୟରେ ଏହାର ଇ-ନିଲାମ ପ୍ରକ୍ରିୟା ଶେଷ କରିବାକୁ ସମୟ ଧାର୍ଯ୍ୟ ହୋଇଛି। କୋଭିଡ୍ ଯୋଗୁ ବର୍ତ୍ତମାନ ଖଣିଜ କାରବାର ବହୁ ମାତ୍ରାରେ ପ୍ରଭାବିତ ହୋଇଛି। ଏହାଛଡ଼ା ବିଗତ ବର୍ଷ ତୁଳନାରେ କୋଇଲାର ବଜାର ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଥିବା ପରିଲକ୍ଷିତ ହେଉଛି। ଯଦି ଏଭଳି ସ୍ଥିତିରେ କୋଲ୍ ବ୍ଲକ ଆବଣ୍ଟନ କରାଯାଏ ତେବେ ସର୍ବାଧିକ ନିଲାମ ଡାକ ଯଥେଷ୍ଟ କମ୍ ହେବା ଆଶଙ୍କା ରହିଛି। ଲିଜ୍ ଅବଧି ୩୦ ବର୍ଷ ରହିଥିବାରୁ ରାଜ୍ୟର କୋଇଲା ରାଜସ୍ୱ ଉପରେ ଏହାର ଯଥେଷ୍ଟ ପ୍ରତିକୂଳ ପ୍ରଭାବ ପଡ଼ିବା ସମ୍ଭାବନା ରହିଛି। ଏହି ନିଲାମ ପ୍ରକ୍ରିୟାକୁ ଅଧିକ ୩ ମାସ ପର୍ଯ୍ୟନ୍ତ ଘୁଞ୍ଚାଯାଉ। ଏ ଦିଗରେ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ତୁରନ୍ତ ନିର୍ଦ୍ଦେଶ ଦିଆଯାଉ। କୋଭିଡ୍ ପରିସ୍ଥିତିରେ ଉନ୍ନତି ଆସିବା ସହ ବଜାର ପରିସ୍ଥିତିରେ ସୁଧାର ହେଲେ ନିଲାମ ପ୍ରକ୍ରିୟା ଆରମ୍ଭ କରିବା ପାଇଁ କେନ୍ଦ୍ର ମନ୍ତ୍ରୀଙ୍କୁ ପ୍ରଫୁଲ୍ଲ ପରାମର୍ଶ ଦେଇଛନ୍ତି।

# ଉଭୟ ଗୃହ ତ୍ୟାଗକଲେ ବିରୋଧୀ

ନୂଆଦିଲ୍ଲୀ, ୨୨।୯

## କୃଷି ବିଲ୍‌କୁ ନେଇ ବଢ଼ୁଛି ବିବାଦ

- ସରକାରଙ୍କ ନିକଟରେ ରଖିଲେ ୩ ଦାବି
- ୮ ଏମ୍‌ପିଙ୍କ ଉପରୁ ନିଲମ୍ବନ ହଟାଇବା ଜିଦ୍‌ରେ ବିରୋଧୀ

ରାଜ୍ୟ ସଭାରେ କୃଷି ବିଲ୍ ପାରିତକୁ ନେଇ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ଉକ୍ତ ବିଲ୍‌କୁ ବିରୋଧ କରି ଏବେ ସବୁ ବିରୋଧି ଏକାଠି ହୋଇଛନ୍ତି। ବିରୋଧୀଦଳଗୁଡ଼ିକ ମଙ୍ଗଳବାର ଉଭୟ ଗୃହତ୍ୟାଗ କରିବା ସହ ସରକାରଙ୍କ ନିକଟରେ ୩ଟି ଦାବି ରଖିଛନ୍ତି। ପ୍ରଥମ ଦାବି ହେଲା ଯେ, ଖାଦ୍ୟଶସ୍ୟ ଉପରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ବିକ୍ରି ମୂଲ୍ୟ(ଏମ୍‌ଏସ୍‌ପି) ଠାରୁ କୌଣସି ଘରୋଇ ସଂସ୍ଥା କମ୍ ମୂଲ୍ୟରେ ଯେପରି କିଣି ନ ପାରିବେ ସେନେଇ ସରକାର ଏକ ବିଲ୍ ଆଣନ୍ତୁ। ଦ୍ୱିତୀୟରେ ଏମ୍.ଏସ୍. ସ୍ୱାମିନାଥନ ରିପୋର୍ଟ ଆଧାରରେ ଏମ୍‌ଏସ୍‌ପି ଧାର୍ଯ୍ୟ କରାଯିବା ଏବଂ ତୃତୀୟରେ ସରକାର କିମ୍ବା ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ହିଁ କେବଳ ଚାଷୀଙ୍କ ଠାରୁ ଧାର୍ଯ୍ୟ ଏମ୍‌ଏସ୍‌ପି ଦ୍ୱାରା ଶସ୍ୟ କିଣିବେ। ଏହି ଦାବି ପୂରଣ ହେଲେ ଗୃହ କାର୍ଯ୍ୟ ସ୍ୱାଭାବିକ ହେବ ବୋଲି ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ୍‌ନବୀ ଆଜାଦ୍ ☞ପୃଷ୍ଠା-୪

# ଲୋକ ସଭାରେ ଶ୍ରମ ବିଲ୍‌କୁ ବିଜେଡିର ସମର୍ଥନ

ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ),୨୨।୯

- ବୃହତ୍ତର ଜାତୀୟ ସ୍ୱାର୍ଥକୁ ଗୁରୁତ୍ୱ: ପିନାକୀ
- ସଂଶୋଧନ ପାଇଁ ପ୍ରସ୍ତାବ ଦିଆଯିବ: ସୁବାସ

ବିଜୁ ଜନତା ଦଳ(ବିଜେଡି) ମଙ୍ଗଳବାର ଲୋକ ସଭାରେ ଆଗତ କରାଯାଇଥିବା ଶ୍ରମିକ ସମ୍ବନ୍ଧୀୟ ୩ଟି ବିଲ୍‌କୁ ସମର୍ଥନ ଦେଇଛି। ସେହି ବିଲ୍‌ଗୁଡ଼ିକ ହେଲା ଅକୁପେଶନାଲ ସେଫ୍ଟି, ହେଲ୍‌ଥ ଆଣ୍ଡ ୱାର୍କିଂ କଣ୍ଡିଶନସ୍ କୋଡ୍-୨୦୨୦, ଇଣ୍ଡଷ୍ଟ୍ରିୟାଲ ରିଲେଶନ କୋଡ ବିଲ୍-୨୦୨୦ ଏବଂ ସାମାଜିକ ସୁରକ୍ଷା ବିଲ୍-୨୦୨୦। ଏହା ସପକ୍ଷରେ ବିଜେଡି ଭୋଟ ଦେଇଛି। ଗୃହରେ ଆଲୋଚନା ସମୟରେ ଲୋକ ସଭାରେ ବିଜେଡିର ସଂସଦୀୟ ଦଳର ନେତା ପିନାକୀ ମିଶ୍ର କହିଥିଲେ ଯେ, ବୃହତ୍ତର ଜାତୀୟ ସ୍ୱାର୍ଥ ଏବଂ ବ୍ୟବସାୟିକ ପରିବେଶ ଦୃଷ୍ଟିରୁ ଏହି ବିଲ୍‌କୁ ସମର୍ଥନ କରାଯାଉଛି। ଏହି ବିଲ୍ ଉପରେ ଷ୍ଟାଣ୍ଡିଂ କମିଟି ଦୀର୍ଘ ମାସ ଧରି ପରିଶ୍ରମ କରିଛି ଏବଂ ସରକାର ଷ୍ଟାଣ୍ଡିଂ କମିଟି କରିଥିବା ☞ପୃଷ୍ଠା-୪

## ପେଟ୍ରୋଲ ୯, ଡିଜେଲ ୧୫ ପଇସା କମିଲା



ଭୁବନେଶ୍ୱର,୨୨।୯: ଉଭୟ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ହୋଇଛି। ଫଳରେ ଭୁବନେଶ୍ୱର ପେଟ୍ରୋଲ ୯ ପଇସା କମି ୮୧.୬୦ ଟଙ୍କା ରହିଛି। ଏଠାରେ ଗତ ୭ ଦିନ ହେବ ଡିଜେଲ ଦର ହ୍ରାସ ହେଉଛି। ମଙ୍ଗଳବାର ଡିଜେଲ ୧୫ ପଇସା ଖସିବା ଯୋଗୁ ଦର ୭୭.୫୭ ଟଙ୍କା ରହିଛି। ନୂଆଦିଲ୍ଲୀଠାରୁ ଭୁବନେଶ୍ୱରରେ ଇନ୍ଧନ ଦର ଉଚ୍ଚରେ ରହିଥିବା ଜଣାପଡ଼ିଛି। ସେହିଭଳି ମେଟ୍ରୋ ସହରଗୁଡ଼ିକରେ ପେଟ୍ରୋଲ ୭ରୁ ୮ ପଇସା ଏବଂ ଡିଜେଲ ୧୩ରୁ ୧୪ ପଇସା ନିମ୍ନରେ ରହିଛି। ନୂଆଦିଲ୍ଲୀରେ ପେଟ୍ରୋଲ ୮୧.୦୬ ଟଙ୍କା ରହିଥିବା ବେଳେ ଚେନ୍ନାଇରେ ୮୧.୧୪ ଟଙ୍କା, କୋଲକାତାରେ ୮୨.୫୯ ଟଙ୍କା ଏବଂ ମୁମ୍ବାଇରେ ୮୭.୭୪ ଟଙ୍କାକୁ ଖସିଛି। ସେହିଭଳି ମଙ୍ଗଳବାର ଏହି ସହରଗୁଡ଼ିକରେ ଡିଜେଲ ଦର ୭୧.୨୮ ଟଙ୍କା, ୭୬.୭୨ ଟଙ୍କା, ୭୪.୮୦ ଟଙ୍କା ଏବଂ ୭୭.୭୩ ଟଙ୍କା ରହିଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ରହିଛି।

# ନଭେମ୍ବରରୁ ୟୁଜି, ପିଜି ପାଇଁ ନୂଆ ଶିକ୍ଷାବର୍ଷ

ଭୁବନେଶ୍ୱର,୨୨।୯(ବ୍ୟୁରୋ)

**ସଂଶୋଧିତ ୟୁଜିସି ନିୟମାବଳୀ ଘୋଷଣା**

- ଅକ୍ଟୋବର ୩୧ ସୁଦ୍ଧା ସରିବ ନାମଲେଖା
- କୋର୍ସ ସାରିବାକୁ ଛୁଟି, ବିରତି ସମୟ ହ୍ରାସ କରିବେ କର୍ତ୍ତୃପକ୍ଷ
- ୨୦୨୧ ମାର୍ଚ୍ଚରେ ପ୍ରଥମ, ଅଗଷ୍ଟ ୨୨ରୁ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା

କରୋନା ସ୍ଥିତି ଲାଗି ଚଳିତବର୍ଷ ଅଣ୍ଡର ଗ୍ରାଜୁଏଟ(ୟୁଜି) ଓ ପୋଷ୍ଟ ଗ୍ରାଜୁଏଟ(ପିଜି) ଶିକ୍ଷାବର୍ଷକୁ ପରିବର୍ତ୍ତନ କରାଯାଇଛି। ମାର୍ଚ୍ଚ ପରିବର୍ତ୍ତେ ଏଥର ନଭେମ୍ବରରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇ ୨୦୨୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୨୦୨୦-୨୧ ଶିକ୍ଷାବର୍ଷ ନିମନ୍ତେ ପ୍ରଥମବର୍ଷ ୟୁଜି ଓ ପିଜି ଛାତ୍ରୀଛାତ୍ରଙ୍କ ପାଇଁ ସଂଶୋଧିତ ୟୁଜିସି ନିୟମାବଳୀ ଘୋଷଣା କରାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶଲାଲ୍ ପୋଖରିଆଲ ନିଶଙ୍କ ମଙ୍ଗଳବାର ଏନେଇ ଟୁଇଟ୍ କରି ସୂଚନା ଦେଇଛନ୍ତି।

ଗତ ୨୧ ତାରିଖରେ ଅନୁଷ୍ଠିତ ୟୁନିଭର୍ସିଟି ଗ୍ରାଣ୍ଟ୍ସ କମିଶନ(ୟୁଜିସି) ବୈଠକରେ ଏକାଡେମିକ୍ କ୍ୟାଲେଣ୍ଡରର ନୂତନ ଗାଇଡ୍‌ଲାଇନ୍‌କୁ ଅନୁମୋଦନ ମିଳିଛି। ଏହି ଅନୁଯାୟୀ, ଛାତ୍ରୀଛାତ୍ର ଅକ୍ଟୋବର ୩୧ ସୁଦ୍ଧା ୟୁଜି ଓ ପିଜିରେ ନାମ ଲେଖାଇପାରିବେ। ନଭେମ୍ବର ୧ରୁ ପିଲାଙ୍କ ପଠାପଢ଼ା ଆରମ୍ଭ ହେବ। ନୂତନ କ୍ୟାଲେଣ୍ଡର ଅନୁଯାୟୀ, ୨୦୨୦-୨୧ ଶିକ୍ଷାବର୍ଷରେ ଯେଉଁ ଛାତ୍ରୀଛାତ୍ରମାନେ ନାମ ଲେଖାଇବେ ☞ପୃଷ୍ଠା-୪

## ଦିନେ ବଢ଼ିଲା ଓଜେଇଇ ଆବେଦନ

**ଆଜି ରାତି ୧୨ଟା ମଧ୍ୟରେ ଆବେଦନ କରିହେବ**

ଭୁବନେଶ୍ୱର,୨୨।୯(ବ୍ୟୁରୋ)

ଆସନ୍ତା ଅକ୍ଟୋବରରେ ହେବାକୁ ଥିବା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଆବେଦନ ଲାଗି ଛାତ୍ରୀଛାତ୍ରଙ୍କୁ ଆଉଏକ ସୁଯୋଗ ଦିଆଯାଇଛି। ରାଜ୍ୟରେ ବୈଷୟିକ ପାଠ୍ୟକ୍ରମରେ ନାମ ଲେଖାଇବା ଲାଗି ଉଦ୍ଦିଷ୍ଟ ଏହି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଅବଧିକୁ ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି। କୌଣସି କାରଣରୁ ବଞ୍ଚିତ ପିଲାମାନେ ଚଳିତମାସ ୨୩ ତାରିଖ ବୁଧବାର ରାତି ୧୧ଟା ୫୯ ମିନିଟ ସୁଦ୍ଧା ଆବେଦନ ☞ପୃଷ୍ଠା-୪

# ସଂସଦ ଢାଞ୍ଚାରେ ଚାଲିବ ବିଧାନସଭା

ଭୁବନେଶ୍ୱର,୨୨।୯(ବ୍ୟୁରୋ)



**ପ୍ରଶ୍ନୋତ୍ତର ଛାଡ଼ି ସବୁ କାର୍ଯ୍ୟକ୍ରମ ହେବ**

କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ଏଥର ସଂସଦୀୟ ଢାଞ୍ଚାରେ ବିଧାନସଭା ମୌସୁମୀ ଅଧିବେଶନ ଚାଲିବ। ଏ ନେଇ ମଙ୍ଗଳବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୂଚନା ଦେଇଛନ୍ତି।

କେବଳ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଛାଡି ବିଧାନସଭା କାର୍ଯ୍ୟାବଳୀ ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପାଦନ ହେବ। ଯେପରି କି ଶୂନ୍ୟକାଳ, ମୁଲତବୀ, ମୋଶନ, ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଆଦି ଚାଲିବ। ବିଧାୟକମାନେ ପରସ୍ପର ମଧ୍ୟରେ ୪ ଫୁଟ୍ ବ୍ୟବଧାନରେ ବସିବେ ପାର୍ଲାମେଣ୍ଟରେ ଏମ୍‌ପିଙ୍କ ସିଟ୍ ସମ୍ମୁଖରେ ଯେପରି ସିଲ୍‌ଡ କାଚ ଲଗାଯାଇଛି ବିଧାନସଭାରେ ସଦସ୍ୟମାନଙ୍କ ସିଟ୍ ସମ୍ମୁଖରେ ମଧ୍ୟ କାଚ ଲଗାଯିବ। ଦର୍ଶକ ଗ୍ୟାଲେରିରେ ବିଧାୟକମାନଙ୍କର ବସିବା ସୁବିଧା କରାଯିବ। ଯେଉଁ ବରିଷ୍ଠ ବିଧାୟକମାନେ ଗୃହ କାର୍ଯ୍ୟରେ ଯୋଗ ଦେଇ ପାରିବେ ନାହିଁ ସେମାନେ ଆଗୁଆ ସୂଚନା ଦେବେ। ନିଜ ଘର ଜିଲା ମୁଖ୍ୟାଳୟ କିମ୍ବା ଓକାକ୍‌ରେ ଭିଡିଓ କନ୍‌ଫରେନ୍ସରେ ଗୃହ କାର୍ଯ୍ୟରେ ଭାଗ ନେଇ ପାରିବେ। ସମସ୍ତ ଗଣମାଧ୍ୟମର ଗୋଟିଏ ଲେଖାଏ ଟିମ୍‌କୁ ଅନୁମତି ପ୍ରଦାନ କରାଯିବ। ପ୍ରାକ୍ ପ୍ରସ୍ତୁତିକୁ ନେଇ ☞ପୃଷ୍ଠା-୪

# ବେକାବୁ ହେଉଛି ପିଆଜ ଦର

ଭୁବନେଶ୍ୱର,୨୨।୯(ବ୍ୟୁରୋ)

## ବଜାର ଉପରେ ନାହିଁ ନିୟନ୍ତ୍ରଣ

## କାମ ଦେଉନି ପିଏସ୍‌ଏଫ୍



ଅତ୍ୟାବଶ୍ୟକ ସାମଗ୍ରୀ ପିଆଜ ଦର ବୃଦ୍ଧି ଗରିବ, ନିମ୍ନ ମଧ୍ୟବିତ୍ତ ପରିବାର ମୁଣ୍ଡରେ ଚଡ଼କ ପକାଇଛି। ପ୍ରତ୍ୟେକ ଦିନ ଦର ବଢ଼ି ବଢ଼ି ଚାଲିଛି। ବଜାରରେ ଏହାର ଖୁଚୁରା ଦର ୪୫ ଟଙ୍କା ଛୁଇଁଲାଣି। ଗତ ୨ ସପ୍ତାହ ମଧ୍ୟରେ ପିଆଜ କେ.ଜି. ପିଛା ଦର ୨୦ ଟଙ୍କା ବୃଦ୍ଧି ପାଇଛି। ଘର ଖର୍ଚ୍ଚ ପାଇଁ କିଲେ ଜାଗାରେ ଅଢେଇଶ କିମ୍ବା ଅଧା କିଲୋରେ କାମ ଚଳାଇବାକୁ ପଡୁଛି। ଆସନ୍ତା ଡିସେମ୍ବର ଯାଏ ବଜାରରେ ପିଆଜ ଦର କମିବା ଆଶା କ୍ଷୀଣ ବୋଲି ପିଆଜ ଆମଦାନୀ କରୁଥିବା ବ୍ୟବସାୟୀମାନେ କହିଲେଣି। ଏହି ଦର ବୃଦ୍ଧିକୁ ନେଇ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି। ସରକାରୀ ଉଦାସୀନତା ମଧ୍ୟ ଅବସ୍ଥାକୁ ଆହୁରି ଜଟିଳ କରିଛି। ଖୁଚୁରା ବ୍ୟବସାୟୀଙ୍କ ଉପରେ ନିୟନ୍ତ୍ରଣ ନ ଥିବାରୁ ମନଇଚ୍ଛା ଦର ବଢାଇ ଗ୍ରାହକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି।

ଓଡ଼ିଶାକୁ ମୁଖ୍ୟତଃ ମହାରାଷ୍ଟ୍ରର ନାସିକରୁ ପିଆଜ ଆମଦାନୀ ହୋଇଥାଏ। ଏହାଛଡ଼ା ଆନ୍ଧ୍ର ଏବଂ କର୍ନାଟକର ବେଙ୍ଗାଲୁରୁରୁ ମଧ୍ୟ ପିଆଜ ରାଜ୍ୟକୁ ଆସିଥାଏ। ଅମଳ ଶେଷ ସମୟ ହୋଇଥିବାରୁ ପିଆଜ ଦର ବୃଦ୍ଧି ପାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଫେଇ ଦେଉଛି। ବାହାର ରାଜ୍ୟ ଉପରେ ନିର୍ଭର କରୁଥିବାରୁ ପିଆଜ ଦର ବୃଦ୍ଧି ଉପରେ ଅଙ୍କୁଶ ଲଗାଇବାକୁ ସରକାରଙ୍କ ପାଖରେ କୌଣସି ବିକଳ୍ପ ନାହିଁ। ନୂଆ ପିଆଜ ବଜାରକୁ ଆସିଲେ ଦର କମିବ ବୋଲି ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅର୍ଥାତ୍ ଏହି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧିକୁ ରୋକିବା ପାଇଁ ସରକାରଙ୍କ ପାଖରେ କିଛି ବିକଳ୍ପ ନାହିଁ। ଉତ୍ପାଦନ ବୃଦ୍ଧି ଓ ଦର କମିବା ଯାଏ ଖାଉଟିଙ୍କୁ ଅପେକ୍ଷା କରିବାକୁ ପଡ଼ିବ।

ଏଠାରେ ସୂଚନା ଯୋଗ୍ୟ, ୨୦୧୫ରେ ଆଳୁ ଓ ପିଆଜ ଦରକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଇସ ଷ୍ଟାବିଲାଇଜେଶନ ଫଣ୍ଡ (ପିଏସ୍‌ଏଫ୍) ଗଠନ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ କୋଟି ଟଙ୍କା ଲେଖାଏ ଅଂଶଧନ ବହନ କରିବା ବ୍ୟବସ୍ଥା ରହିଛି। ୧୦୦ କୋଟି ଟଙ୍କାରେ ଅଗଷ୍ଟ ପୂର୍ବରୁ ରାଜ୍ୟ ସରକାର ପ୍ରାଥମିକ ସମବାୟ ସମିତି ଜରିଆରେ ଚାଷୀଙ୍କ ଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଆଳୁ, ପିଆଜ ଏବଂ ଡାଲିଜାତୀୟ ଶସ୍ୟ କିଣି ଗଚ୍ଛିତ ରଖିବେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପିଏସ୍‌ଏଫ୍‌ର ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ। ତିରୋଟ ସମୟରେ ଉକ୍ତ ସାମଗ୍ରୀକୁ ନିର୍ଦ୍ଦିଷ୍ଟ ମୂଲ୍ୟରେ ବିକ୍ରି ପାଇଁ ବଜାରକୁ ଛଡାଯିବ। ☞ପୃଷ୍ଠା-୪

# ଏସ୍‌ବିଆଇ ଗ୍ରାହକଙ୍କୁ ୨ ବର୍ଷ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୨।୯




- ବଢ଼ିଲା ଋଣ ମୋରାଟୋରିୟମ ଅବଧି
- ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରେ ପ୍ରଥମ

କୋଭିଡ୍-୧୯ ଯୋଗୁ ଲୋକମାନେ ଋଣ କିସ୍ତି ପଇଠ କରିବାରେ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦେଶର ସର୍ବବୃହତ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଏହାର ଗ୍ରାହକଙ୍କୁ ୨ ବର୍ଷ ଯାଏ ମୋରାଟୋରିୟମ ସୁବିଧା ପ୍ରଦାନ କରିଛି। ଏହା ଦ୍ୱାରା ଗ୍ରାହକ ଋଣ କିସ୍ତି ପଇଠ କରିବାର ସର୍ବୋଚ୍ଚ ସୀମା ୨ ବର୍ଷ ଯାଏ ବଢ଼ାଇ ପାରିବେ ବୋଲି ବ୍ୟାଙ୍କ ଘୋଷଣା କରିଛି। ପ୍ରଥମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭାବେ ଏସ୍‌ବିଆଇ ଏଭଳି ସୁବିଧା ହାତକୁ ନେଇଛି।

ବାସଗୃହ ଏବଂ ରିଟେଲ ଋଣ ଭଳି ଅନ୍ୟ ବର୍ଗରେ ଏହି ରିହାତି ମିଳିପାରିବ। ରିଜର୍ଭ ବ୍ୟାଙ୍କ ଋଣ ଗ୍ରହୀତାଙ୍କ ଲାଗି ସ୍ୱତନ୍ତ୍ର ଋଣ ପୁନର୍ଗଠନ ବ୍ୟବସ୍ଥା ଅଧୀନ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ୨୦୨୦ ମାର୍ଚ୍ଚ ପୂର୍ବରୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅଭିଭାବକଙ୍କ ଚିନ୍ତା**

**ଆଜିର ମନ୍ତବ୍ୟ**

"ସଡ଼କ ପରିବହନରେ ଖର୍ଚ୍ଚ କମାଇବା ପାଇଁ ସରକାର ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି। ଏହା ଦ୍ୱାରା ଲୋକଙ୍କ ଦରକାରୀ ସାମଗ୍ରୀ ଓ ସେବାର ମୂଲ୍ୟରେ ହ୍ରାସ ଘଟିବ।

-ଜେନେରାଲ ଭି. କେ. ସିଂ, ସଡ଼କ ପରିବହନ ରାଷ୍ଟ୍ରମନ୍ତ୍ରୀ

**ଦୁର୍ଦ୍ଦିନରେ କମିଶନରେଟ ପୋଲିସ**

୩

# ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ବିଲ୍ ଗୃହୀତ

**ନୂଆଦିଲ୍ଲୀ, ୨୨।୯**

ରାଜ୍ୟ ସଭାରେ ରବିବାର ଗୃହୀତ ହୋଇଥିବା ୨ଟି କୃଷି ବିଲ୍‌କୁ ନେଇ ଏଯାବତ୍ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଉଥିବାବେଳେ ମଙ୍ଗଳବାର ତୃତୀୟ କୃଷି ବିଧେୟକ ଭାବେ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ବିଲ୍-୨୦୨୦ ରାଜ୍ୟ ସଭାରେ ଗୃହୀତ ହୋଇଛି। ଯୁଦ୍ଧ ଓ ମରୁଡ଼ି ଭଳି ଅସାଧାରଣ ପରିସ୍ଥିତି ସମୟରେ କିଛି ନିର୍ଦ୍ଦିଷ୍ଟ ଖାଦ୍ୟ ପଦାର୍ଥର ଯୋଗାଣକୁ ନିୟନ୍ତ୍ରଣ କରିବା ପାଇଁ ଏହି ବିଲ୍ ସରକାରଙ୍କୁ କ୍ଷମତା ପ୍ରଦାନ କରିବ। ଗତ ୧୫ ତାରିଖରେ ଏହାକୁ ଲୋକ ସଭାର ମଞ୍ଜୁରୀ ମିଳି ସାରିଥିଲା। ବିଲ୍ ସଂକ୍ରାନ୍ତ ଆଲୋଚନାରେ ଅଂଶଗ୍ରହଣ କରି, ଖାଉଟି ବ୍ୟାପାର ଖାଦ୍ୟ ଓ ସର୍ବସାଧାରଣ ବଣ୍ଟନ ରାଷ୍ଟ୍ରମନ୍ତ୍ରୀ ରାଓସାହେବ ଦାଦାରାଓ କହିଛନ୍ତି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ଆଇନ, ଯାହା ସ୍ଥାନୀୟ ସାମଗ୍ରୀର ବ୍ୟବହାରକୁ ପ୍ରୋତ୍ସାହିତ କରିବ। କୃଷକମାନଙ୍କ ହିତ ପାଇଁ ଏହି ବିଲ୍ ଅଣାଯାଇଛି। ଏହି ଆଇନ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦିତ ପଦାର୍ଥ ବିକ୍ରୟ କରିବାର ସ୍ୱାଧୀନତା ପ୍ରଦାନ କରିବ ଓ ଚାହିଦା ଏବଂ ଯୋଗାଣ ଶୃଙ୍ଖଳ ମଧ୍ୟରେ ସନ୍ତୁଳନତା ଆଣିବାରେ ସହାୟକ ହେବ ବୋଲି ଦାଦାରାଓ କହିଛନ୍ତି। ଖାଦ୍ୟଶସ୍ୟ



ଉତ୍ପାଦନ ଓ ସେଗୁଡ଼ିକୁ ମହଜୁଦ ପାଇଁ ଗୋଦାମ ନିର୍ମାଣ ଦିଗରେ ସହାୟତା ଦେବାକୁ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି। ଆଲୋଚନାରେ ଭାଗ ନେଇ ବିଜେଡି ଏମ୍‌ପି ଅମର ପଟ୍ଟନାୟକ କହିଛନ୍ତି, ଏହି ଆଇନରେ ଅନେକ ଭଲ ନିୟମ ରହିଛି, ଯାହା କୃଷିକ୍ଷେତ୍ରକୁ ସହାୟତା କରିବ। ଏହି ଆଇନ ଦ୍ୱାରା ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ହୋଇପାରିବ ଓ ଦେଶରେ ସେଗୁଡ଼ିକୁ ମହଜୁତ ପାଇଁ ଉତ୍ତମ ବ୍ୟବସ୍ଥା କରାଯାଇ ପାରିବ ବୋଲି ଜେଡିୟୁର ଆର୍.ସି.ପି. ସିଂ କହିଛନ୍ତି। ସେହିପରି ଟିଡିପିର କେ.ରବୀନ୍ଦ୍ର କୁମାର କହିଛନ୍ତି ଯେ, ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ଉପରେ ସରକାର ସାବଧାନତାର ସହ କାର୍ଯ୍ୟ କରିବା ଆବଶ୍ୟକ। ଅପରପକ୍ଷରେ ଟିଏମ୍‌ସି ଏମ୍‌ପି ଜି.କେ. ଭାସନ କହିଛନ୍ତି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ପରିବହନ ଉପରେ କଟକଣା ଲାଗିବା ଦ୍ୱାରା ସେହିସବୁ ପଦାର୍ଥ କଳାବଜାରକୁ ପ୍ରଶ୍ରୟ ଦେବ। ତେଣୁ ସରକାର ଏଥିପ୍ରତି ଚିନ୍ତା କରିବା ଆବଶ୍ୟକ ବୋଲି ଭାସନ କହିଛନ୍ତି।

## ଦିନ ଟିଏ ଉପବାସ କରିବେ ଶରଦ

**ମୁମ୍ବାଇ, ୨୨।୯**

ରାଜ୍ୟ ସଭାରେ ରବିବାର କୃଷି ବିଲ୍ ଗୃହୀତ ସମୟରେ ହଟ୍ଟଗୋଳ କରିଥିବା ୮ଜଣ ଏମ୍‌ପିଙ୍କୁ ଚଳିତ ଅଧିବେଶନରୁ ନିଲମ୍ବିତ କରାଯାଇଛି। ନିଲମ୍ବିତ ହୋଇଥିବା ଏମ୍‌ପିଙ୍କ ସମର୍ଥନରେ ପ୍ରାୟ ଅଧିକାଂଶ ବିରୋଧୀ ଦଳ ଏକାଠି ହୋଇ ସଂସଦ ବାହାରେ ୨ଦିନ ହେଲା ଧାରଣା ଦେଇଛନ୍ତି। ଏଭଳି ସ୍ଥିତିରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ମଧ୍ୟ ନିଲମ୍ବିତ ଏମ୍‌ପିଙ୍କୁ ସମର୍ଥନ ଜଣାଇଛନ୍ତି। ଏମ୍‌ପିଙ୍କ ନିଲମ୍ବନ ଆଦେଶ ବିରୋଧରେ ଶରଦ ଗୋଟିଏ ଦିନ ଉପବାସ କରିବେ ବୋଲି ଟୁଇଟ କରି ସୂଚନା ଦେଇଛନ୍ତି।

## ବ୍ରିଟେନରେ ୬ମାସ ପାଇଁ 'ୱାର୍କ ଫ୍ରମ୍ ହୋମ୍'

**ବ୍ରିଟେନ,୨୨।୯**

କୋଭିଡ୍ ସଂକ୍ରମଣ ରୋକିବା ଲାଗି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ଦେଶବାସୀଙ୍କୁ ଘରେ ରହି କାମ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ୬ ମାସ ପର୍ଯ୍ୟନ୍ତ 'ୱାର୍କ ଫ୍ରମ୍ ହୋମ୍' ଘୋଷଣା କରିବା ସହ ସାମାଜିକ ମିଳାମିଶା ଉପରେ କଟକଣା ଜାରିରହିବ ବୋଲି ସତର୍କ କରିଛନ୍ତି। ସେହିଭଳି ସେପ୍ଟେମ୍ବର ୨୪ରୁ ରେଷ୍ଟୁରାଣ୍ଟ ଓ ବାର୍‌ଗୁଡ଼ିକୁ ରାତିରେ ଶୀଘ୍ର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କଟକଣାକୁ ଅଧିକ କଡ଼ାକଡ଼ି କରାଯାଇଛି। ଦେଶରେ ବଢୁଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା ମାସଠାରୁ ହେବାକୁ ଥିବା କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ଉପରେ ମଧ୍ୟ ରୋକ ଲଗାଯାଇଛି। ଫେସ୍‌ମାସ୍କ ନ ପିନ୍ଧୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ। ବର୍ତ୍ତମାନର କଠିନ ମୁହୂର୍ତ୍ତରେ ଏହି ଘାତକ ଭୂତାଣୁକୁ ରୋକିବାକୁ ଆବଶ୍ୟକ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜନ୍‌ସନ୍ ମଙ୍ଗଳବାର ବ୍ରିଟେନ୍ ପାର୍ଲାମେଣ୍ଟରେ କହିଛନ୍ତି।

କୋଭିଡ୍ ମହାମାରୀ ପାଇଁ ବ୍ରିଟେନ୍‌ରେ ଗତ ମାର୍ଚ୍ଚରେ ପ୍ରଥମ ଲକ୍‌ଡାଉନ୍ ଘୋଷଣା ହୋଇଥିଲା। ଏହାଦ୍ୱାରା ଦେଶର ସାମାଜିକ ଓ ବାଣିଜ୍ୟିକ କାର୍ଯ୍ୟ ବିଶେଷଭାବେ ପ୍ରଭାବିତ ହୋଇଥିଲା। ଏପରି କି ଗତ ୧୦୦ବର୍ଷ ମଧ୍ୟରେ ବ୍ରିଟେନ୍ ସବୁଠାରୁ ବଡ଼ ଆର୍ଥିକ ମାନ୍ଦାବସ୍ଥାକୁ ସାମ୍ନା କରିଥିବା କୁହାଯାଉଛି। ତେବେ କୋଭିଡ୍‌ରେ ଅନ୍ୟ ସମସ୍ତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକଠାରୁ ବ୍ରିଟେନ୍‌ରେ ସର୍ବାଧିକ ଲୋକ ମରିଛନ୍ତି। ଏଭଳିସ୍ଥଳେ ଜନସାଧାରଣଙ୍କ ଜୀବନ ରକ୍ଷା ସହ ଅର୍ଥନୀତିକୁ ସୁରକ୍ଷା ଦେବା ସରକାରଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଯଦି ଏବେଠାରୁ ସତର୍କତା ଅବଲମ୍ବନ କରା ନ ଯାଏ ତା'ହେଲେ ଅକ୍ଟୋବର ମଧ୍ୟଭାଗ ସୁଦ୍ଧା ଦେଶରେ ଦୈନିକ ୫୦ ହଜାର କୋଭିଡ୍ ସଂକ୍ରମିତ ଚିହ୍ନଟ ହେବେ ବୋଲି ଆଶଙ୍କା କରାଯାଉଛି। ତେଣୁ ଦେଶକୁ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ନ କରି ଆଂଶିକଭାବେ ପ୍ରତିବନ୍ଧକ ଲଗାଇବାକୁ ନିଷ୍ପତ୍ତି ନିଆଯାଇଛି।



ବୋରିସ୍ ଜନ୍‌ସନ୍

## ଡ୍ରଗ୍ସ ଲିଙ୍କ୍ ମାମଲାରେ ଦୀପିକା

**ବମ୍ବେ, ୨୨।୯**

ବଲିଉଡ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ମାମଲାରେ ଡ୍ରଗ୍ସ ଲିଙ୍କ୍ ପର୍ଦ୍ଦାଫାଶ ହେବାପରେ ଦିନକୁ ଦିନ ଏକାଧିକ ବଲିଉଡ୍ ଷ୍ଟାରଙ୍କ ସମ୍ପୃକ୍ତି ନେଇ ବିଭିନ୍ନ ତଥ୍ୟ ଲୋକଲୋଚନକୁ ଆସୁଛି। ରିଆ ଚକ୍ରବର୍ତ୍ତୀଙ୍କ ଠାରୁ ଆରମ୍ଭ ହୋଇଥିବା ଏହି ଧାରା ଏବେ ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କ ଠାରେ ପହଞ୍ଚିଲାଣି। ଡ୍ରଗ୍ସ ସମ୍ପୃକ୍ତି ନେଇ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଅଗାମୀ ଦିନରେ ଦୀପିକାଙ୍କୁ ପଚରାଉଚରା କରିପାରେ ବୋଲି ଜଣାପଡ଼ିଛି। ମିଳିଥିବା ତଥ୍ୟ ଅନୁସାରେ ଏନ୍‌ସିବି ରିୟା ଚକ୍ରବର୍ତ୍ତୀଙ୍କ ନୂଆ ହ୍ୱାଟ୍ସଆପ୍ ଚାର୍ଟ ପ୍ରକାଶ କରିଛି। ଚାର୍ଟରେ ରିୟା ଦୀପିକା ପାଦୁକୋନଙ୍କ ମ୍ୟାନେଜର କରିଶ୍ମା ପ୍ରକାଶଙ୍କ ସହ କଥା ହୋଇଥିବା ଜଣାପଡ଼ିଛି। ଏହି ଚାର୍ଟରେ ରିଆ ଚକ୍ରବର୍ତ୍ତୀ ଏବଂ କରିଶ୍ମା ଡ୍ରଗ କାରବାର ବିଷୟରେ କଥା ହେଉଛନ୍ତି। ଉକ୍ତ ଚାର୍ଟକୁ ଆଧାର କରି ଏନ୍‌ସିବି ଏବେ କରିସ୍ମାଙ୍କୁ ଡାକି ପଚରାଉଚରା କରିଛି। ଦୀପିକା ଖୋଲାଖୋଲି ଭାବେ କରିସ୍ମାଙ୍କ ସହ ଡ୍ରଗ୍ସକୁ ନେଇ ହ୍ୱାଟ୍ସ ଆପ୍ ଚାର୍ଟ କରିଥିବା ଏନ୍‌ସିବି ଜାଣିବାକୁ ପାଇଛି। ତେଣୁ ଖୁବ୍‌ଶୀଘ୍ର ଦୀପିକାଙ୍କୁ ଏନ୍‌ସିବି ସମନ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ପ୍ରକାଶ ଯେ, ଡ୍ରଗ୍ସ ମାମଲାରେ ଏନ୍‌ସିବି ଏଯାବତ୍ ୧୨ରୁ ଅଧିକ ଜଣଙ୍କୁ ଗିରଫ କରିସାରିଛି।



ଦୀପିକା ପାଦୁକୋନ

## ଶରଦ ପାୱାର-ଉଦ୍ଧବ ଠାକ୍‌ରେଙ୍କୁ ଆୟକର ନୋଟିସ

**ନୂଆଦିଲ୍ଲୀ, ୨୨।୯**

ରାଜ୍ୟ ସଭାରେ ୮ ଏମ୍‌ପିଙ୍କ ନିଲମ୍ବନ ନେଇ ଦେଶର ରାଜନୈତିକ କ୍ଷେତ୍ରରେ ଝଡ଼ ଉଠିଛି। ଏପରିସ୍ଥଳେ ମଙ୍ଗଳବାର ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ପାଖକୁ ଆୟକର ବିଭାଗ ପକ୍ଷରୁ ନୋଟିସ୍ ଜାରି ହୋଇଛି। ଏହାକୁ ନେଇ ରାଜନୈତିକ ସ୍ତରରେ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଗତ ନିର୍ବାଚନରେ ଦାଖଲ ହୋଇଥିବା ସତ୍ୟପାଠ ଆଧାରରେ ଏହି ନୋଟିସ୍ ଜାରି କରାଯାଇଛି। ଉଦ୍ଧବଙ୍କ ସହିତ ଆଦିତ୍ୟ ଠାକ୍‌ରେ ଏବଂ ଏନ୍‌ସିପି ନେତା ସୁପ୍ରିୟା ସୁଲେଙ୍କ ପାଖକୁ ମଧ୍ୟ ଆୟକର ନୋଟିସ୍ ପଠାଯାଇଥିବା ଜଣାପଡ଼ିଛି। ସତ୍ୟପାଠରେ ଆୟ ସମ୍ପର୍କିତ ସୂଚନା ଭୁଲ ଦିଆଯାଇଥିବା ନେଇ ଏଭଳି କରାଯାଇଥିବା କୁହାଯାଉଛି। କୃଷି ବିଧେୟକକୁ ଏନ୍‌ସିପି ଏବଂ ଶିବସେନା ପକ୍ଷରୁ ବିରୋଧ କରାଯାଉଥିବାବେଳେ ଆୟକର ନୋଟିସ ଜାରି କରାଯିବାକୁ ନେଇ ଏବେ ରାଜନୈତିକ ପରିବେଶ ଉଷ୍ମ ହେବାରେ ଲାଗିଛି।



ଶରଦ ପାୱାର ଉଦ୍ଧବ ଠାକ୍‌ରେ

## ୫ବର୍ଷରେ ୫୮ଦେଶ ଗସ୍ତ କରିଛନ୍ତି ମୋଦି

**ନୂଆଦିଲ୍ଲୀ, ୨୨।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୫ରୁ ଏଯାବତ୍ ୫୮ଟି ଦେଶ ଗସ୍ତରେ ଯାଇଛନ୍ତି। ଏଥିପାଇଁ ମୋଟ ୫୧୭.୮୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ରାଜ୍ୟ ସଭାରେ ଜଣେ ଏମ୍‌ପିଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ବୈଦେଶିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଭି. ମୁରଲୀଧରନ୍ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏହି ସମୟ ମଧ୍ୟରେ ଆମେରିକା, ରୁଷିଆ,ଏବଂ ଚାଇନାକୁ ୫ଥର ଲେଖାଏ ଗସ୍ତ କରିଥିବାବେଳେ ସିଙ୍ଗାପୁର, ଜର୍ମାନୀ, ଫ୍ରାନ୍ସ, ଶ୍ରୀଲଙ୍କା ଏବଂ ଦୁବାଇକୁ ଏକାଧିକ ଥର ଗସ୍ତ କରିଛନ୍ତି। ମୋଦି ଶେଷଥର ପାଇଁ ୨୦୧୯ ନଭେମ୍ବର ୧୩-୧୪ରେ ବ୍ରାଜିଲ୍ ଗସ୍ତ କରି ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେଇଥିଲେ। ମୋଦିଙ୍କ ବିଦେଶ ଗସ୍ତ ଦ୍ୱାରା ଭାରତ ଓ ଅନ୍ୟଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ସହ ଆଞ୍ଚଳିକ ଏବଂ ବିଶ୍ୱର ସମସ୍ୟା ସମାଧାନ ହୋଇପାରିଛି।



ନରେନ୍ଦ୍ର ମୋଦି

**ଖର୍ଚ୍ଚ ହୋଇଛି ୫୧୭କୋଟି**

## ୨୪ ଘଣ୍ଟାରେ ଲକ୍ଷେରୁ ଅଧିକ ସୁସ୍ଥ

**ନୂଆଦିଲ୍ଲୀ, ୨୨।୯**



ଭାରତ ପୃଥିବୀରେ ରେକର୍ଡ କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୧ଲକ୍ଷ ୧ ହଜାର ୪୬୮ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟ ମଧ୍ୟରେ ୭୫,୦୮୩ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ୧୦୫୩ ଜଣଙ୍କ ମୃତ୍ୟୁ ଘଟିଛି। ଇତିମଧ୍ୟରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୫ ଲକ୍ଷ ୬୨ ହଜାର ୬୬୪ରେ ପହଞ୍ଚିଛି। ଅପରପକ୍ଷରେ ସୁସ୍ଥ ହୋଇ ୪୪ ଲକ୍ଷ ୯୭ ହଜାର ୮୬୮ ଆକ୍ରାନ୍ତ ଘରକୁ ଫେରିଛନ୍ତି। ୯ ଲକ୍ଷ ୭୫ ହଜାର ୮୬୧ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ଦେଶରେ କରୋନା ମୃତ୍ୟୁ ସଂଖ୍ୟା ୮୮ ହଜାର ୯୩୫ ଛୁଇଁଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଫୁର୍‌ସତ୍

# କୋହ ପ୍ରକାଶ କଲେ ଅମ୍ରିତା

**ମୁମ୍ବାଇ:** ବଲିଉଡ ଇଣ୍ଡଷ୍ଟ୍ରିରେ ଅନେକ ନୂଆ ଚେହେରାଙ୍କ ପ୍ରବେଶ ହେଉଛି। ଆଉ ଏଭଳି ପରିସ୍ଥିତିରେ ସମସ୍ତଙ୍କୁ କାମ ପାଇବା କଷ୍ଟସାଧ୍ୟ ହୋଇପଡିଛି। ଏହି କାରଣରୁ ବେଳେବେଳେ ଚଳଚ୍ଚିତ୍ରରେ ଥରେ ଥରେ ଜଣଙ୍କୁ ରୋଲ ଦିଆଯାଇ ପରେ ଛଡ଼ାଇ ନିଆଯାଏ ଏବଂ ସେହି ତାହା ଅନ୍ୟ ହାତକୁ ଟେକି ଦିଆଯାଇଥାଏ। ଯାହାର ବଲିଉଡ୍‌ରେ କେହି ପରିଚିତ ନାହାନ୍ତି ତାଙ୍କୁ ତିଷ୍ଠିରହିବା କଷ୍ଟକର। 'ମୋ ସହିତ ବି ଏମିତି ହୋଇଛି' ବୋଲି ବଲିଉଡର ଜଣାଶୁଣା ଅଭିନେତ୍ରୀ ଅମ୍ରିତା ରାଓ ଦୀର୍ଘ ବର୍ଷ ପରେ ନିଜର ସେହି ଦୁଃଖ ପ୍ରକାଶ କରିଛନ୍ତି। 'ବିବାହ' ଚଳଚ୍ଚିତ୍ରରେ ଅମ୍ରିତାଙ୍କର ଚମତ୍କାର ଅଭିନୟ ସମସ୍ତଙ୍କ ହୃଦୟ କିଣିଥିଲା। ଚଳଚ୍ଚିତ୍ରଟି ବେଶ୍ ସଫଳତା ପାଇବା ପରେ ସମସ୍ତେ ଆଶା କରିଥିଲେ ଯେ ତାଙ୍କ କ୍ୟାରିୟର ଆକାଶ ଛୁଇଁବ। କିନ୍ତୁ ଏହା ଘଟିଲା ନାହିଁ। କାରଣ ଏହି ହିଟ୍ ଚଳଚ୍ଚିତ୍ରରେ ଅଭିନୟ ପରେ ମଧ୍ୟ ସେ କୁଆଡ଼େ ହଜି ଯାଇଥିଲେ ଏବଂ ଦୀର୍ଘ ସମୟ ପରଦାରୁ ମଧ୍ୟ ଦୂରେଇ ଯାଇଥିଲେ। ଏହାପରେ ତାଙ୍କୁ ଅଭିନେତ୍ରୀ ଭାବେ ଜଣେ ନିର୍ଦ୍ଦେଶକ ଏକ ଚଳଚ୍ଚିତ୍ରରେ କାଷ୍ଟ କରିଥିଲେ କିନ୍ତୁ ପରେ ତାଙ୍କୁ ଫିଲ୍ମରୁ ଅନାବଶ୍ୟକ ଭାବରେ ହଟାଇ ଦିଆଯାଇଥିଲା। ସେଥିପାଇଁ ସେ ବହୁତ ଦୁଃଖପ୍ରକାଶ କରିଥିଲେ ବୋଲି ଇନ୍‌ଷ୍ଟାରେ ଶେୟାର କରି କହିଛନ୍ତି। ତା'ପରେ ମୁଁ ଅନୁଭବ କଲି ଯେ ମୋର କୌଣସି ଗଡଫାଦର ନାହାନ୍ତି ନଚେତ୍ ମୋ ସହ ଏହିପରି ବ୍ୟବହାର ହୋଇ ନ ଥାନ୍ତା। ବଲିଉଡରୁ ଯେଉଁ ସ୍ଥାନ ବା ପରିଚୟ ପାଇଛି ତାହା ମୋ ନିଜ ଟ୍ୟାଲେଣ୍ଟରୁ ପାଇଛି ବୋଲି ଅମ୍ରିତା କହିଛନ୍ତି।



ଅମ୍ରିତା ରାଓ

# ଟ୍ରାଫିକ୍ ଜାମ୍ କଲା ଅଜଗର

**ମୁମ୍ବାଇ:** ମୁମ୍ବାଇରେ ଟ୍ରାଫିକ୍ ଜାମ୍ ହେବା ନୂଆ କଥା ନୁହେଁ। କିନ୍ତୁ ଅଜଗର ସାପ କାରଣରୁ ଟ୍ରାଫିକ୍ ଜାମ୍ ହେବା କଥା ନିଶ୍ଚିତଭାବେ ଭିନ୍ନ ଘଟଣା। ଏଭଳି ଏକ ଘଟଣା ଏବେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ମୁମ୍ବାଇର ଇଷ୍ଟର୍ନ ଏକ୍ସପ୍ରେସ ହାଇୱେରେ ସୋମବାର ଦିନ ଢେର ସମୟ ଟ୍ରାଫିକ୍ ଜାମ୍ ହୋଇଥିଲା ଏକ ଅଜଗର ସାପ ପାଇଁ। ୧୦ ଫୁଟର ଏକ ଅଜଗର ସାପ ହଠାତ୍ ରାସ୍ତା ଉପରକୁ ଚାଲି ଆସିଥିଲା। ସାପଟି ରାସ୍ତା ପାର ହେବା ପାଇଁ ଚାହିଁଥିଲା କିନ୍ତୁ ଏଥିପାଇଁ ସ୍ଥାନୀୟ ଲୋକଙ୍କ ସହିତ ଟ୍ରାଫିକ୍ ପୋଲିସ୍‌ଙ୍କୁ ବି ନାକେଦମ୍ କରିଥିଲା।

ଏତେ ବଡ଼ ଅଜଗର ସାପ ରାସ୍ତା ପାର ହେବା ପାଇଁ ଚାହୁଁଥିବା ଦେଖି ହଠାତ୍ ସବୁ ଗାଡ଼ି ମୋଟର ରାସ୍ତା ଉପରେ ଅଟକି ଯାଇଥିଲା। ସାପକୁ ରାସ୍ତା ପାର କରାଇବା ପାଇଁ ସବୁ ଗାଡ଼ି ଅଟକି ରହିଥିଲା ସତ, କିନ୍ତୁ ସାପଟି ସହଜରେ ରାସ୍ତା ଉପରୁ ହଟି ନ ଥିଲା। ରାସ୍ତା ପାର କରିବାର ଠିକ୍ ଶେଷବେଳକୁ ରାସ୍ତା ଉପରେ ଛିଡ଼ା ହୋଇଥିବା ଏକ କାର ତଳେ ସାପଟି ଲୁଚିବାକୁ ଚେଷ୍ଟା କରିଥିଲା। କାର୍‌ର ଚକା ଭିତରେ ସାପଟି ଗୁଡ଼ାଇ ହୋଇ ଏଭଳି ରହିଲା ଯେ ଲୋକେ ବିଭିନ୍ନ ପ୍ରକାରର ଉଦ୍ୟମ କଲେ ବି ଆଦୌ ବାହାରି ନ ଥିଲା। ତେଣୁ କିଛି ସମୟ ପରେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଲେ ସ୍ନେକ୍ ହେଲ୍‌ପ ଲାଇନ୍‌ର ସଦସ୍ୟମାନେ। ଏହାପରେ ଚାଲିଲା ରେସ୍କ୍ୟୁ ଅପରେଶନ୍। ଏମିତିଭାବେ ସାପକୁ ଧରିବା ପାଇଁ ସେମାନଙ୍କୁ ପ୍ରାୟ ଘଣ୍ଟାଏ ସମୟ ଲାଗି ଯାଇଥିଲା।

ସେତେବେଳକୁ ରାସ୍ତା ଉପରେ ଶହ ଶହ ସଂଖ୍ୟାରେ ଗାଡ଼ି ଅଟକି ଲମ୍ବା ଲାଇନ୍ ହୋଇଯାଇଥିଲା। ଶେଷରେ ଘଣ୍ଟାଏ ପରେ ଗାଡ଼ି ସବୁ ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ବାହାରିଥିଲେ। କିନ୍ତୁ ଏତେ ଭୟଙ୍କର ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଥିଲା ଯେ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ଟ୍ରାଫିକ୍ ପୋଲିସଙ୍କ ସହିତ ବ୍ରାଞ୍ଚର ବହୁ ଅଧିକାରୀ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଶେଷରେ ବହୁ ସମୟ ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା।



## ଚନ୍ଦ୍ରକୁ ଯିବେ ମହିଳା ମହାକାଶଚାରୀ

**ୱାଶିଂଟନ:** ଆଗାମୀ ଦିନରେ ମହିଳା ମହାକାଶଚାରୀ ଚନ୍ଦ୍ରକୁ ଯିବେ। ଏନେଇ ନାସା ପକ୍ଷରୁ ଏକ ପ୍ରକଳ୍ପ ଉପରେ କାମ ଆରମ୍ଭ ହୋଇଛି। ୨୦୨୪ରେ ନାସା ମହିଳା ମହାକାଶଚାରୀଙ୍କୁ ଚନ୍ଦ୍ରକୁ ପଠାଇବାର ଯୋଜନା କରିଛି। ଏସମ୍ପର୍କରେ ନାସାର ପ୍ରଶାସକ ଜିମ୍ ବ୍ରିଡେନ୍‌ଷ୍ଟାଇନ୍ ସୂଚନା ଦେଇଛନ୍ତି। ନାସାର ପରବର୍ତ୍ତୀ ଚନ୍ଦ୍ର ମିଶନରେ ପୁରୁଷଙ୍କ ସହିତ ମହିଳା ସାମିଲ ହେବେ ବୋଲି ସେ କହିଛନ୍ତି। ଗତ ୪ ବର୍ଷ ଧରି ନାସା ଏହା ଉପରେ ଚିନ୍ତା କରୁଥିଲା। ଗତ ୧୮ ମାସ ହେଲା ଏହି ପ୍ରକଳ୍ପ ଉପରେ କାର୍ଯ୍ୟଧାରା ଜାରି ରହିଥିବା ସେ କହିଛନ୍ତି। ୧୯୭୨ରେ ପ୍ରଥମ ଚନ୍ଦ୍ର ମିଶନରେ ମହାକାଶଚାରୀ ଚନ୍ଦ୍ରରେ ପାଦ ଥାପିଥିଲେ। ଏହାର ୫୨ ବର୍ଷ ପରେ ୨୦୨୪ରେ ଉଭୟ ମହିଳା ଏବଂ ପୁରୁଷଙ୍କୁ ଚନ୍ଦ୍ର ମିଶନରେ ସାମିଲ କରାଯିବାର ଯୋଜନା ପ୍ରସ୍ତୁତ କରାଯାଇଥିବା ଜିମ୍ କହିଛନ୍ତି। ଏହି ମିଶନରେ ଚନ୍ଦ୍ର ପୃଷ୍ଠର ଅଧ୍ୟୟନ ଭଲ ଭାବରେ କରାଯିବା ସହିତ ଏଠାରେ ବସତି ସ୍ଥାପନ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଅଧ୍ୟୟନରେ ରୋବୋ ସହିତ ଅନ୍ୟାନ୍ୟ ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



## ହଠାତ୍ ଆସିଲା କୋଟିଏ ଟଙ୍କା

**ଲକ୍ଷ୍ନୌ:** ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରେ ହଠାତ୍ ଯଦି କୋଟିଏ ଟଙ୍କା କେହି ଜମା କରିଦିଏ ତା' ହେଲେ ଆପଣ କ'ଣ ଭାବିବେ! ଆଶ୍ଚର୍ଯ୍ୟ ତ ହେବେ ନିଶ୍ଚୟ କିନ୍ତୁ ପରେ କ'ଣ ଘଟିବ ଭାବି ଭୟଭୀତ ବି ହୋଇଯିବେ। ଠିକ୍ ଏମିତି ଘଟଣା ଘଟିଛି ଉତ୍ତରପ୍ରଦେଶ ବାଲିଆର ବାଂଶଡିହ ଥାନା ଅଧୀନରେ ଥିବା ସୁକୁନପୁରା ଗାଁର ଜଣେ ଯୁବତୀଙ୍କ ସହ।

ସୁକୁନପୁରା ଗାଁର ୧୬ ବର୍ଷୀୟ ଯୁବତୀ ସରୋଜଙ୍କ ବ୍ୟାଙ୍କ ଆକାଉଣ୍ଟରେ କେହି ଜଣେ ୯୯ ଲକ୍ଷ ୪ ହଜାର ୭୩୬ ଟଙ୍କା ଜମା କରି ଦେଇଥିଲା। ହଠାତ୍ ଏତେଗୁଡ଼ିଏ ଟଙ୍କା ଜମା ହେବା ଜାଣିବା ପରେ ସରୋଜ ପ୍ରଥମେ ଭୟରେ ଚେତାଶୂନ୍ୟ ହୋଇଯାଇଥିଲେ। ସରୋଜଙ୍କ ବାପା ଏକ ଗ୍ୟାରେଜରେ କାମ କରନ୍ତି। ଏତେଗୁଡ଼ିଏ ଟଙ୍କା କେହି ଜମା କରିଥିବା କଥା ଶୁଣିବା ମାତ୍ରେ ତାଙ୍କ ଘର ଲୋକେ ବି ଭୟଭୀତ ହୋଇଯାଇଥିଲେ। ଏହାପରେ ଘରଲୋକେ ତୁରନ୍ତ ପୋଲିସରେ ଖବର ଦେଇଥିଲେ। ବ୍ୟାଙ୍କରେ ଏହି ଖବର ପହଞ୍ଚିବା ପରେ ସରୋଜଙ୍କ ଆକାଉଣ୍ଟର ସମସ୍ତ ଟ୍ରାଞ୍ଜାକସନ୍‌କୁ ବନ୍ଦ କରି ଦିଆଯାଇଛି। ୨୦୧୮ ମସିହାରେ ସରୋଜ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ବ୍ୟାଙ୍କରେ ଖାତା ଖୋଲିଥିଲେ। ସେହି ସମୟରେ ସରୋଜଙ୍କୁ କେହି ଜଣେ ଫୋନ କରି ପ୍ରଧାନମନ୍ତ୍ରୀ ଆବାସ ଦେବା ପାଇଁ ଆଧାର କାର୍ଡର ଫଟୋ, ନାଁ ଆଦି ମାଗିଥିଲେ। ଏହାପରେ ସରୋଜ ଫୋନ କରିଥିବା ବ୍ୟକ୍ତିର ସୂଚନା ଅନୁସାରେ ସମସ୍ତ କାଗଜ ପଠାଇଥିଲେ। ଏହାପରେ ତାଙ୍କ ପାଖକୁ ଏଟିଏମ୍ ଓ ପିନ୍ ନମ୍ବର ବି ଆସିଥିଲା। ସରୋଜ ଆଦୌ ପାଠ ପଢ଼ିନାହାନ୍ତି। କେବଳ ନିଜ ନାମ ଦସ୍ତଖତ ହିଁ କରିପାରନ୍ତି। ତେବେ ଏତେଗୁଡ଼ିଏ ଟଙ୍କା କିପରି ତାଙ୍କ ଆକାଉଣ୍ଟକୁ ଆସିଲା ସେ ନେଇ ତଦନ୍ତ ଚାଲିଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୧,୬୨୮,୯୦୧ | ୯,୬୧,୬୯୦ | ୨୩,୨୨୪,୫୨୫ |
| ଭାରତ | ୫୬,୧୭,୬୯୯ | ୮୯,୫୬୯ | ୪୫,୫୧,୦୮୬ |
| ଓଡ଼ିଶା | ୧,୮୮,୩୧୧ | ୭୨୧(+୫୩) | ୧,୫୩,୨୧୩ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ଅଭୟ ପାଢ଼ୀଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଶୋକ

ନୂଆଦିଲ୍ଲୀ,୨୨।୯ : ପ୍ରସାର ଭାରତୀର ପୂର୍ବତନ ବରିଷ୍ଠ ଅଧିକାରୀ ଓ ସୁସାହିତ୍ୟିକ ଅଭୟ ପାଢ଼ୀଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି। ଡ. ମିଶ୍ର କହିଛନ୍ତି, ବିଶ୍ୱାସ କରିହେଉ ନାହିଁ ଯେ, ଅଭୟ ପାଢ଼ୀ ଆଉ ନାହାନ୍ତି। ମାତ୍ର ତିନି ଚାରି ସପ୍ତାହ ଆଗରୁ ସେ ମୋ ସହିତ କଥା ହୋଇଥିଲେ। କଲେଜ ସମୟରୁ ମୋର ତାଙ୍କ ସହିତ ବନ୍ଧୁତା। କଳା, ସଂସ୍କୃତି ଓ ସାହିତ୍ୟରେ ତାଙ୍କର ଗଭୀର ରୁଚି ଥିଲା। ସେ ଅତ୍ୟନ୍ତ ସ୍ପଷ୍ଟ ଓ ଅମାୟିକ ସ୍ୱଭାବର ଥିଲେ। କଲେଜ ବେଳର କୌଣସି ଆଲୋଚନା ବା ତର୍କ ପ୍ରସଙ୍ଗ ହେଉ ବା ଆକାଶବାଣୀ (ପରେ ପ୍ରସାର ଭାରତୀ)ରେ ବୃତ୍ତିଗତ ଜୀବନଚର୍ଯ୍ୟା ଏବଂ ସାହିତ୍ୟ ଓ ସାମାଜିକ ଚିନ୍ତନ ସବୁଥିରେ ସେ ସାରଗର୍ଭକ କଥାମାନ କହୁଥିଲେ। ତାଙ୍କର ଆକସ୍ମିକ ବିୟୋଗ ଯୋଗୁ ବିଶେଷ କରି ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ତାଙ୍କର ପରିବାର ଓ ବନ୍ଧୁମାନଙ୍କ ପାଇଁ ଏହା ଏକ ବିରାଟ କ୍ଷତି କହିଲେ ଅତ୍ୟୁକ୍ତି ହେବ ନାହିଁ। ସମସ୍ତଙ୍କୁ ମୋର ଗଭୀର ସମବେଦନା ଜଣାଉଛି।

### ଯୁକ୍ତ୨ ନାମଲେଖା ଅବଧି ବୃଦ୍ଧି

ଭୁବନେଶ୍ୱର, ୨୨।୯(ବ୍ୟୁରୋ): ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ନାମଲେଖା ଅବଧି ୪ ଦିନ ବୃଦ୍ଧି କରାଯାଇଛି। ରାଜ୍ୟ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବାବେଳେ ୨୬ରେ ଶେଷ ହେବାର ଥିଲା। କିନ୍ତୁ ଏହାକୁ ୩୦ ତାରିଖକୁ ବଢ଼ାଇ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ପରାମର୍ଶକ୍ରମେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ଏନେଇ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ପରିବର୍ଦ୍ଧିତ ଅବଧି ମଧ୍ୟରେ କୋଭିଡ୍-୧୯ ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଅନୁପାଳନ କରିବା ପାଇଁ ସମସ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ସିବିଏସ୍‌ଇ ଓ ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାର ଡିଜିଲକର ସାର୍ଟିଫିକେଟ୍ ଗ୍ରହଣ କରାଯିବ। କିନ୍ତୁ ମାସେ ଭିତରେ ଅରିଜନାଲ ଦେବାକୁ ଛାତ୍ରୀଛାତ୍ରଙ୍କଠାରୁ କର୍ତ୍ତୃପକ୍ଷ ଏକ ଅଣ୍ଡରଟେକିଂ ନେବାକୁ କୁହାଯାଇଛି। ସେହିପରି ନାମଲେଖା ପ୍ରକ୍ରିୟା ତଦାରଖ ପାଇଁ ସମସ୍ତ ଜିଲାର ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଯୁକ୍ତ୩, ପିଜି ଶେଷ ସେମିଷ୍ଟର ପରୀକ୍ଷା ଆରମ୍ଭ

ଭୁବନେଶ୍ୱର, ୨୨।୯(ବ୍ୟୁରୋ):ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଯୁକ୍ତ୩ ଏବଂ ପିଜି ଶେଷ ସେମିଷ୍ଟର ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଅକ୍ଟୋବର ୧୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷାକୁ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କରୋନା କଟକଣା ମଧ୍ୟରେ ପରିଚାଳନା କରୁଛନ୍ତି। କିଛି ଶିକ୍ଷାନୁଷ୍ଠାନ ଅନଲାଇନ୍ ଯୋଗେ ପରୀକ୍ଷା କରୁଥିବାବେଳେ କିଛି ଅଫ୍‌ଲାଇନ ମାଧ୍ୟମରେ କରୁଛନ୍ତି। ଆଉ କେତେକ ଶିକ୍ଷାନୁଷ୍ଠାନ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଯୋଗେ ପରୀକ୍ଷା କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି।

### ଟିଟିଲାଗଡ଼ ବିଡିଓଙ୍କୁ ଆକ୍ରମଣ

**■ ଭାଜପା ନଗର ସମ୍ପାଦକ ଅଟକ**

ଟିଟିଲାଗଡ଼,୨୨।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବିଡିଓ ନବୀନ ଚନ୍ଦ୍ର ନାୟକଙ୍କୁ ମଙ୍ଗଳବାର ବ୍ଲକରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମାମଲା(ନଂ. ୩୫୪/୨୦) ରୁଜୁ କରି ଭାଜପା ନଗର ସମ୍ପାଦକଙ୍କୁ ଅଟକ ରଖିଛି। ବୁଧବାର ଉପଯୁକ୍ତ ସୁରକ୍ଷା ଦାବି ତଥା ଦୋଷୀଙ୍କୁ ଗିରଫ କରିବା ଦାବିରେ ବ୍ଲକ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତି ନେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବିଡିଓ ନାୟକ ଅପରାହ୍ନରେ ବ୍ଲକ୍‌ରେ ବସିଥିବା ବେଳେ ଭାଜପା ନେତା ତାଙ୍କର ଜଣେ ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ହଠାତ୍ ଗାଳିଗୁଲଜ କରିଥିଲେ। ବିଡିଓ ନାୟକଙ୍କୁ ସେ ମୁଥ ମାରିବା ସହ ବୁଲଡୋଜର ଚଢ଼ାଇ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ସେହି ସମୟରେ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିବା ବେଳେ ଆକ୍ରମଣ ଭୟରେ କେହି ପ୍ରତିବାଦ କରିବାକୁ ସାହସ କରି ନ ଥିଲେ। ତେବେ ବ୍ଲକ କାର୍ଯ୍ୟାଳୟ ବାହାରେ ଚା ଦୋକାନ କରିଥିବା ଜଣେ ବ୍ୟକ୍ତି ଆସି ବିଡିଓଙ୍କୁ ଉଦ୍ଧାର କରିଥିବା ବିଡିଓ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି।

# ଦୁର୍ଦ୍ଦିନରେ କମିଶନରେଟ ପୋଲିସ

ଜ୍ୟୋତିରଞ୍ଜନ ମହାପାତ୍ର
ଭୁବନେଶ୍ୱର,୨୨।୯



କରୋନା ଲଢ଼େଇରେ ଆଗଧାଡ଼ିର ଯୋଦ୍ଧା ସାଜିଛି ପୋଲିସ। ରାଜ୍ୟର ସବୁଠୁ ଜନଗହଳିପୂର୍ଣ୍ଣ ଭୁବନେଶ୍ୱର ଓ କଟକରେ ସଂକ୍ରମଣ ରୋକିବାରେ ପ୍ରମୁଖ ଭୂମିକା ନେଉଛି କମିଶନରେଟ ପୋଲିସ। ନିଜ ଜୀବନକୁ ବାଜି ଲଗାଇ ସକାଳୁ ରାତି ସଜାଗ ପ୍ରହରୀ ସାଜିଥିବା ଏହି ପୋଲିସ ଯୋଦ୍ଧାଙ୍କୁ ନେଇ ଏବେ ସବୁଠି ପ୍ରଶଂସା। ହେଲେ ଯେଉଁମାନେ ପରିବାର ଓ ନିଜ ଜୀବନ କଥା ଭୁଲି କର୍ତ୍ତବ୍ୟକୁ ନେଇ ଗର୍ବ କରୁଛନ୍ତି, ଲୋକଙ୍କ ଜୀବନ ବଞ୍ଚାଉଛନ୍ତି ଆଜି ସେମାନଙ୍କ ଜୀବନ କିନ୍ତୁ ବିପଦ ମୁହଁକୁ ଠେଲି ହୋଇଯାଉଛି। ନାନା ଦୁର୍ଦ୍ଦଶା ଓ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଦୀର୍ଘ ୬ମାସର ଏହି ଯୁଦ୍ଧରେ କମିଶନରେଟ ପୋଲିସର ବହୁ ଅଧିକାରୀ ଓ କର୍ମଚାରୀ ସଂକ୍ରମିତ ହୋଇଛନ୍ତି। ଇତିମଧ୍ୟରେ ଭୁବନେଶ୍ୱରର ୯ ଥାନା ଅଧିକାରୀ ଓ ୧୨୬୦ଜଣ ପୋଲିସ କର୍ମଚାରୀ ଆକ୍ରାନ୍ତ ହୋଇଥିବାବେଳେ କରୋନା ସହ ଲଢ଼ି ୪ଜଣ ଶହୀଦ ହୋଇଛନ୍ତି। ସେହିପରି କଟକରେ ମଧ୍ୟ ଶତାଧିକ ପୋଲିସ ସଂକ୍ରମିତ ହୋଇଛନ୍ତି। ଫଳରେ ଅଧିକାଂଶ ଥାନାରେ ଏବେ କର୍ମଚାରୀ ଅଭାବ ଦେଖାଦେଇଛି। ତଥାପି ଆଇନଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ସହ କରୋନା ଯୁଦ୍ଧକୁ ଜିତିବା ପାଇଁ କମିଶନରେଟ ପୋଲିସ ବଡ଼ ସଂକଳ୍ପ ନେଇଛି। ତେବେ କାହିଁକି ଏତେ ସଂଖ୍ୟକ ପୋଲିସ କର୍ମଚାରୀ ସଂକ୍ରମଣର ଶିକାର ହେଲେ, ତାହା ସବୁଠୁ ବଡ଼ ପ୍ରସଙ୍ଗ ହୋଇଛି। ରହଣି ଓ କାର୍ଯ୍ୟକ୍ଷେତ୍ରରୁ ସେମାନେ ସଂକ୍ରମଣର ଶିକାର ହେଉଥିବା କୁହାଯାଉଛି। ପୋଲିସ ବାରାକଗୁଡିକରେ ମାତ୍ରାଧିକ କର୍ମଚାରୀ ଏକାଠି ରହିବା ସହ ସ୍ୱଳ୍ପ ସଂଖ୍ୟକ ଶୌଚାଳୟରୁ ସଂକ୍ରମଣ ବ୍ୟାପିବା ଆଶଙ୍କା କରାଯାଉଛି। ପୁଣି କାର୍ଯ୍ୟସ୍ଥଳରେ ଅମାନିଆଙ୍କ ଯୋଗୁ ସଂକ୍ରମିତ ହେଉଛନ୍ତି। ବର୍ତ୍ତମାନ ବହୁ ପୋଲିସ କର୍ମଚାରୀ ଆଇସୋଲେସନରେ ରହିଥିବାରୁ କମିଶନରେଟ ପୋଲିସ ଉପରେ ଅଧିକ ଚାପ ରହୁଛି। ଏପରିସ୍ଥିତିରେ ଏହି କରୋନା ଯୋଦ୍ଧାଙ୍କୁ ସଂକ୍ରମଣକୁ ରୋକିବାକୁ ହେଲେ ଏମାନଙ୍କୁ ବ୍ୟବହାର କରିବାରେ ସତର୍କତା ଅବଲମ୍ବନ କରାଯିବା ଦରକାର। ଅନ୍ୟପଟେ ଜନସାଧାରଣଙ୍କୁ ଲାଠି ଦେଖାଇ ଭୟଭୀତ କଲେ ରୋଗ ପଳାଇଯିବ ନାହିଁ। ଜନସାଧାରଣଙ୍କୁ ବାରମ୍ବାର ସଚେତନ କରାଇବା ହେଉଛି ସରକାରଙ୍କ ଗୁରୁ ଦାୟିତ୍ୱ।

### ଯୁଦ୍ଧ କ୍ଷେତ୍ରରେ ସୈନିକ ଘର କଥା ଭାବି ନ ଥାଏ



କରୋନା ଯୁଦ୍ଧରେ କମିଶନରେଟ ପୋଲିସର ଅଧିକାରୀ ଓ କର୍ମଚାରୀମାନେ ସୈନିକ ସାଜିଛନ୍ତି। ଖରାବର୍ଷାରେ ଦିନକୁ ୧୪ରୁ ୧୬ ଘଣ୍ଟା କାର୍ଯ୍ୟ କରୁଛନ୍ତି। ଘରକୁ ଗଲେ ଘର ବାରଣ୍ଡାରୁ ଫେରି ଆସୁଛନ୍ତି। ଘର ଲୋକଙ୍କୁ ସଂକ୍ରମଣ ବ୍ୟାପିବାର ଭୟ ରହୁଛି। ଅନେକ ସଂକ୍ରମଣର ଶିକାର ହେବା ସହ ପ୍ରାଣ ହରାଉଥିଲେ ମଧ୍ୟ ତାହାକୁ ଖାତିର ନ କରି ଥାନାକୁ ଆସୁଥିବା ମାମଲା, ଭିଭିଆଇପି ଡ୍ୟୁଟି, ନିଶାଦ୍ରବ୍ୟ କାରବାରରେ ରୋକ ଲଗାଇବାଠାରୁ ଆରମ୍ଭ କରି ଆଇନ ଶୃଙ୍ଖଳା ପରିସ୍ଥିତିକୁ ଠିକ୍ ଭାବେ ତୁଲାଉଛନ୍ତି। କରୋନା ଯୁଦ୍ଧରେ ପୋଲିସ ବର୍ତ୍ତମାନ ତା'ର କର୍ତ୍ତବ୍ୟ ପାଇଁ ପରିବାର କଥା ପଛ କରିଦେଇଛି। ତେଣୁ ସେମାନେ କିଭଳି ନିଜେ ସୁସ୍ଥ ବାତାବରଣରେ ରହି କାର୍ଯ୍ୟ କରିବେ ସେଥିପାଇଁ ସରକାର ଚିନ୍ତା କରନ୍ତୁ। କୋଭିଡ ଜରିମାନା ଆଦାୟକୁ ନେଇ ପୋଲିସ ସ୍ଥାନୀୟ ଲୋକଙ୍କ ସହ ଶତ୍ରୁତା ବଢୁଛି। ସେହି ଅମାନିଆଙ୍କୁ ସ୍ଥାନୀୟ ନେତା ଓ ସାମାଜିକ କର୍ମୀ ସଚେତନ କରିବା ସହ ସରକାରଙ୍କୁ ସହଯୋଗ କରିବା ଉଚିତ।

**–ବିପିନ ବିହାରୀ ମିଶ୍ର, ଅବସରପ୍ରାପ୍ତ ଡିଜିପି**

### ଦେଶର ସମସ୍ୟାକୁ ଆମ ଭିତରେ ଭାଗ କରିବାକୁ ହେବ



ରାଜ୍ୟର ଯେଉଁ ଜିଲାଗୁଡ଼ିକରେ କରୋନାର ପ୍ରଭାବ କମ୍ ରହିଛି, ସେଠାକାର ବାଟାଲିୟନରୁ କର୍ମଚାରୀଙ୍କୁ କମିଶନରେଟ ପୋଲିସକୁ ଅଣାଯାଇ କୋଭିଡ୍ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଏହାର ଅନ୍ୟ କୌଣସି ଉପାୟ ନାହିଁ। ଆଗକୁ ମଧ୍ୟ ଏଭଳି ପଦକ୍ଷେପ ଗ୍ରହଣ କରାଯାଇ କମିଶନରେଟ ପୋଲିସର ବଳକୁ ବୃଦ୍ଧି କରିବାକୁ ପଡିବ। କୋଭିଡ୍ ଲଢ଼େଇରେ ପୋଲିସ ଆଗ ଧାଡ଼ିରେ ରହୁଥିବାରୁ ସଂକ୍ରମିତ ହେବାର ମୁଖ୍ୟ କାରଣ। ସବୁଠାରୁ ବଡ଼ କଥା ହେଲା ବାଟାଲିୟନରେ ମାତ୍ରାଧିକ ପୋଲିସ କର୍ମଚାରୀ ଏକାଠି ରହିଥାନ୍ତି। ଏଥିସହ ପୋଲିସ ଭ୍ୟାନ୍ ଡ୍ରାଇଭରଙ୍କଠାରୁ ଆରମ୍ଭ କରି ପିଏସ୍‌ଓମାନେ ଉକ୍ତ ବାରାକରେ ରହୁଥିବାରୁ ସଂକ୍ରମିତ ହେଉଛନ୍ତି। ସେମାନଙ୍କଠାରୁ ସଂକ୍ରମଣ ଅନ୍ୟମାନଙ୍କୁ ଡେଉଁଛି। ତେଣୁ ସେମାନଙ୍କ ରହଣିସ୍ଥଳ ବାତାବରଣରେ ପରିବର୍ତ୍ତନ ହେବା ଜରୁରୀ।

**–ଶରତ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଡିଜିପି**

### ପୋଲିସ କର୍ମଚାରୀ କ୍ଲାନ୍ତ ହେବେ, ଆକ୍ରାନ୍ତ ହେବେ



ଗତ ୬ ମାସ ଭିତରେ ୧ ଲକ୍ଷ ୭୭ ହଜାର କୋଭିଡ଼ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୨.୫ କୋଟି ଟଙ୍କାରୁ ଅଧିକ ଜରିମାନା ଆଦାୟ କରିଛି କମିଶନରେଟ ପୋଲିସ। ତଥାପି କେତେକ ଅମାନିଆଙ୍କ ପାଇଁ ସଂକ୍ରମଣ ବଢ଼ିଚାଲିଛି। ଡ୍ୟୁଟି ସମୟରେ ପୋଲିସ ଲକ୍ଷଲକ୍ଷ ଲୋକଙ୍କ ସଂସ୍ପର୍ଶରେ ଆସୁଥିବାରୁ ସଂକ୍ରମିତ ହେବା ସ୍ୱାଭାବିକ। କୋଭିଡ୍ ଆରମ୍ଭରୁ ବିଭିନ୍ନ ମହଲରୁ ପୋଲିସକୁ ପ୍ରଶଂସା ମିଳୁଥିବାବେଳେ ସେମାନଙ୍କ ସୁରକ୍ଷା ପ୍ରତି ସରକାର ଚିନ୍ତା କରିବା ଆବଶ୍ୟକ। କାରଣ ପୋଲିସ କର୍ମଚାରୀ କ୍ଲାନ୍ତ ହେବେ, ଆକ୍ରାନ୍ତ ହେବେ। ଏଥିରେ ବ୍ୟସ୍ତ ହେବାର ନାହିଁ। ଅନେକ ସୁସ୍ଥ ହୋଇ ପୁଣି ଲଢ଼େଇରେ ସାମିଲ୍ ହେଉଛନ୍ତି। ଆବଶ୍ୟକ ମାତ୍ରାରେ ପିପିଇ କିଟ୍ ସହ ସୁରକ୍ଷା ସାମଗ୍ରୀ ପୋଲିସ ବିଭାଗକୁ ଯୋଗାଇବା ସହ ସେମାନଙ୍କ ପରିବାର ସୁରକ୍ଷାକୁ ସରକାର ଅଗ୍ରାଧିକାର ଦେବା ଆବଶ୍ୟକ।

**– ଅମୀୟ ଭୂଷଣ ତ୍ରିପାଠୀ, ଅବସରପ୍ରାପ୍ତ ଡିଜିପି**

### ପୋଲିସ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଛି



କମିଶନରେଟ ପୋଲିସରେ କାର୍ଯ୍ୟରତ ସଂକ୍ରମିତ କର୍ମଚାରୀମାନେ ସୁସ୍ଥ ହୋଇ ଫେରିବା ପରେ କାର୍ଯ୍ୟରେ ଯୋଗଦେବା ଆରମ୍ଭ କଲେଣି। କମିଶନରେଟ ପୋଲିସର ୫ ଜଣିଆ ଡାକ୍ତରୀ ଟିମ୍ କୋଭିଡ ସଂକ୍ରମିତଙ୍କ ଦିନରାତି ଚିକିତ୍ସା କରୁଛନ୍ତି। ଉକ୍ତ ଟିମ୍‌ର ପୂର୍ବାନୁମାନ ଅନୁସାରେ, ଅକ୍ଟୋବର ୧୫ ସୁଦ୍ଧା ଆମର ୬୦ ପ୍ରତିଶତ ସଂକ୍ରମିତ କର୍ମଚାରୀ ଆରୋଗ୍ୟ ହୋଇ ଫେରିଆସିବେ। ଫଳରେ ପୋଲିସ ବିଭାଗ ସ୍ୱାଭାବିକ ଭାବେ କାର୍ଯ୍ୟ କରିବ। ସବୁ ବିପଦ ସତ୍ତ୍ୱେ ପୋଲିସ କର୍ମଚାରୀ ନିଜ ଜୀବନକୁ ବାଜି ଲଗାଇ ସେବା ଯୋଗାଇ ଚାଲିଛନ୍ତି। କିନ୍ତୁ ଲୋକେ ଅଧିକ ସଚେତନ ରହି ସହଯୋଗ କରିବାର ଆବଶ୍ୟକତା ରହିଛି।

**–ସୁଧାଂଶୁ ଷଡ଼ଙ୍ଗୀ, ପୋଲିସ କମିଶନର**

## ଅକ୍ଟୋବର ୧ରୁ ଖୋଲିବ ସାତକୋଶିଆ

**ମହାନଦୀ ବାଲୁକା ଶଯ୍ୟାରେ ହେବ ଇକୋ ରିଟ୍ରିଟ**

ନୟାଗଡ ଅଫିସ୍/ଗଣିଆ, ୨୨।୯ (ଡି.ଏନ୍.ଏ.)

କରୋନା ପାଇଁ ବନ୍ଦ ଥିବା ସାତକୋଶିଆ ସ୍ୟାଣ୍ଡ ରିସର୍ଟ ଅକ୍ଟୋବର ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। କୋଭିଡ୍ ଗାଇଡ୍ ଲାଇନ ଅନୁଯାୟୀ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ଏ ନେଇ ଏକ ତାଲିମ ଶିବର ସେପ୍ଟେମ୍ବର ୩୦ରେ ଅନୁଷ୍ଠିତ ହେବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ମହାନଦୀ ବାଲୁକା ଶଯ୍ୟାରେ ଇକୋ ରିଟ୍ରିଟ ଆୟୋଜନ କରାଯାଇ ପାଇଁ ପ୍ରସ୍ତୁତି ଚାଲିଛି। ହେଲେ ଏଥିଲାଗି ସ୍ଥାନ ନିରୂପଣ ହୋଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗଣିଆ ବ୍ଲକର ମଣିଭଦ୍ରା ଓ ବଡ଼ମୂଳର ମହାନଦୀ ବାଲୁକା ଶଯ୍ୟାରେ ଇକୋ ରିଟ୍ରିଟ୍ ଆୟୋଜନ ପାଇଁ ବନବିଭାଗ ପକ୍ଷରୁ ପର୍ଯ୍ୟଟନ ବିଭାଗକୁ ଦିଆଯାଇଥିଲା। କିନ୍ତୁ ସାଉଥ ବଡ଼ମୂଳର ମଙ୍ଗାନାସିଠାରେ ଥିବା ଇକୋ ଟୁରିଜିମ୍ ପର୍ଯ୍ୟଟନସ୍ଥଳରେ ଏହାର ଆୟୋଜନ କରିବାକୁ ପୁଣି ପ୍ରସ୍ତାବ ଆସିଛି। ସାତକୋଶିଆ ସ୍ୟାଣ୍ଡ ରିସର୍ଟର ପରିଚାଳନା କମିଟି ସଭାପତି ସୁମନ୍ତ ଦାଶ କହିଛନ୍ତି, ସାତକୋଶିଆ ସ୍ୟାଣ୍ଡ ରିସର୍ଟରେ ଇକୋ ରିଟ୍ରିଟ କରାଗଲେ କିଛି ଲାଭ ହେବନାହିଁ। ଏହାଦ୍ୱାରା ସାତକୋଶିଆ ସ୍ୟାଣ୍ଡ ରିସର୍ଟ ଗୁରୁତ୍ୱ ହରାଇବ। ସେହିଭଳି କମିଟିର ଅନ୍ୟ ଜଣେ ସଦସ୍ୟ ପ୍ରକାଶ ବେହେରା କୁହନ୍ତି, ସାତକୋଶିଆ ସ୍ୟାଣ୍ଡ ରିସର୍ଟରେ ଇକୋ ରିଟ୍ରିଟ କରାଗଲେ ଏଠାରେ ନିୟୋଜିତ ୨୬ ପରିବାରର ଜୀବନ ଜୀବିକା ଉପରେ ପ୍ରଭାବ ପକାଇବ। ଏଣୁ ଏହା ଅନ୍ୟତ୍ର କରାଯିବା ଦରକାର।

## ଜାତୀୟ ଶିକ୍ଷାନୀତି ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

**ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଭିଡିଓ କନ୍‌ଫରେନ୍ସ**

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

ଜାତୀୟ ଶିକ୍ଷାନୀତି ଭାରତୀୟ ସଂସ୍କୃତି, ଶୈକ୍ଷିକ ପରମ୍ପରା, ଚିନ୍ତନ ଓ ତତ୍ତ୍ୱ ଉପରେ ଆଧାରିତ। ଏହା ମାଧ୍ୟମରେ ଭାରତୀୟତା ସ୍ପଷ୍ଟ ଭାବରେ ପ୍ରକାଶିତ ଓ ପ୍ରସାରିତ ହୋଇପାରିବ। ଭାରତୀୟତା ହେଉଛି ବିଶ୍ୱଜନୀନତା, ଯାହାର ଆବଶ୍ୟକତା ସାମ୍ପ୍ରତିକ ବିଶ୍ୱ ପାଇଁ ଏକାନ୍ତ ଜରୁରୀ। ତେଣୁ ଜାତୀୟ ଶିକ୍ଷାନୀତିର କୁଶଳ କାର୍ଯ୍ୟାନ୍ୱୟନ ତଥା ଆତ୍ମିକ ପ୍ରୟୋଗ ନିମନ୍ତେ ନିଷ୍ଠା ଓ ଆନ୍ତରିକତା ସହ କାର୍ଯ୍ୟ କରିବାକୁ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କୁ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ପରାମର୍ଶ ଦେଇଛନ୍ତି।

ମଙ୍ଗଳବାର ରାଜଭବନରୁ ଭିଡିଓ କନ୍‌ଫରେନ୍ସରେ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କରେ ରାଜ୍ୟପାଳ ଭାବ ବିନିମୟ କରିଥିଲେ। ଏହି ଅବସରରେ ରାଜ୍ୟପାଳ କହିଲେ, ବିଶ୍ୱ, ବିଶ୍ୱବିଦ୍ୟାଳୟ ଓ ବିଶ୍ୱ ମାନବ ମଧ୍ୟରେ ସମନ୍ୱୟ ଓ ସଂହତି ସ୍ଥାପନ ହେଉଛି ଶିକ୍ଷାର ମୂଳ ଲକ୍ଷ୍ୟ। ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଅନ୍ତର୍ନିହିତ ସମ୍ଭାବନା ଓ ସାମର୍ଥ୍ୟର ଚିହ୍ନଟ ଓ ବିକାଶ ନିମନ୍ତେ ଅନୁକୂଳ ପରିବେଶ ନିର୍ମାଣ ହେବା ଦରକାର। ସମୟର ଆହ୍ୱାନ ଓ ଆବଶ୍ୟକତାକୁ ଅଙ୍ଗୀଭୂତ କରି ଜାତୀୟ ଶିକ୍ଷାନୀତି ୨୦୨୦ର ପରିକଳ୍ପନା କରାଯାଇଛି। ଭାରତର ଏକ ସକାରାତ୍ମକ ରୂପାନ୍ତରରେ ଏହା ଉତ୍ପ୍ରେରକ ଭୂମିକା ଗ୍ରହଣ କରିବ। କ୍ଷମତା ସହିତ ଆଚରଣର ମଧୁର ସମନ୍ୱୟକୁ ଶୈକ୍ଷିକ ଉତ୍କର୍ଷ ଭାବରେ ଗ୍ରହଣ କରାଯାଏ। ନୂଆ ଜାତୀୟ ଶିକ୍ଷାନୀତି ସେହି ଦିଗରେ ଏକ ପଥୀକୃତ ପ୍ରୟାସ। ଏହାକୁ ଏକ ଜାତୀୟ କାର୍ଯ୍ୟ ଓ ଆହ୍ୱାନ ଭାବରେ ଗ୍ରହଣ କରି ନିଜର ଅନୁଭବ ଓ ଉପଲବ୍ଧି ଆଧାରରେ କାର୍ଯ୍ୟକାରୀ କରିବାକୁ ରାଜ୍ୟପାଳ କୁଳପତିମାନଙ୍କୁ ପରାମର୍ଶ ଦେଇଛନ୍ତି। କୁଳପତିମାନେ ମଧ୍ୟ ନିଜ ନିଜର ମତ ରଖି ନୂଆ ଜାତୀୟ ଶିକ୍ଷାନୀତି ଦେଶର ସାମଗ୍ରିକ ପ୍ରଗତି କ୍ଷେତ୍ରରେ ଏକ ବୈପ୍ଳବିକ ପଦକ୍ଷେପ ବୋଲି କହିଥିଲେ। ରାଜ୍ୟପାଳଙ୍କ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା ପ୍ରାରମ୍ଭିକ ସୂଚନା ଦେବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ ଓ ଅତିରିକ୍ତ ସଚିବ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସବୁ ହସ୍ପିଟାଲରେ ରହିବ କୋଭିଡ୍ ହେଲ୍ପ ଡେସ୍କ

**■ ସମ୍ପର୍କୀୟଙ୍କୁ ମିଳିବ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ସୂଚନା**

**■ ଅବହେଳା କଲେ ହେବ କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

ରାଜ୍ୟର ସମସ୍ତ ସରାକରୀ ଓ ଘରୋଇ ହସ୍ପିଟାଲରେ କୋଭିଡ୍ ହେଲ୍ପ ଡେସ୍କ ରହିବ। ଚିକିତ୍ସିତ ହେଉଥିବା କୋଭିଡ୍ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକ୍ରାନ୍ତରେ ପରିବାର ଲୋକେ ପଚାରି ବୁଝିପାରିବେ। ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଅନେକ ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିବା ପରେ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଥିବା ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ନିର୍ଦ୍ଦେଶ ଅନୁସାରେ, ହସ୍ପିଟାଲଗୁଡ଼ିକ କୋଭିଡ୍ ହେଲ୍ପ ଡେସ୍କକୁ ୨୪ଘଣ୍ଟିଆ କାର୍ଯ୍ୟକ୍ଷମ କରିବେ। ଉକ୍ତ ହେଲ୍ପ ଡେସ୍କର ସ୍ୱତନ୍ତ୍ର ଟୋଲ୍ ଫ୍ରି ନମ୍ବର ରହିବ। ତାହାକୁ ହସ୍ପିଟାଲ କର୍ତ୍ତୃପକ୍ଷ ଅତିରିକ୍ତ ଡିଏମ୍‌ଇଟି ଡା. ଉମାକାନ୍ତ ଶତପଥୀଙ୍କୁ ଜଣାଇବେ। ସମସ୍ତ କୋଭିଡ୍ ହେଲ୍ପଡେସ୍କ ନମ୍ବରକୁ ସାଧାରଣରେ ବହୁଳ ଭାବେ ପ୍ରସାର କରିବା ପାଇଁ କୁହାଯାଇଛି। ଆସୁଥିବା ସମସ୍ତ କଲ୍‌କୁ ଉଠାଇବା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ହେଲ୍ପ ଡେସ୍କରେ ସିଫ୍ଟ କରି କର୍ମଚାରୀ ନିୟୋଜିତ କରିବେ। କେବଳ ବାର୍ତ୍ତାଳପ ନୁହେଁ, ସୋସିଆଲ ମିଡିଆ ଯେପରି କି ହ୍ୱାଟ୍‌ସ ଆପ୍‌ରେ ରୋଗୀର ସ୍ୱର ଓ ଫଟୋ ତାଙ୍କ ଘର ଲୋକଙ୍କୁ ପଠାଇବେ। ସେହିପରି ଏକ କନଫରେନ୍ସ ରୁମ୍ ଉତ୍ସର୍ଗୀକୃତ କରାଯିବା ଉଚିତ। ଯେଉଁଠାରେ ଟିଭି ଓ କ୍ୟାମେରା ଲଗାଯିବ। ସେଠାରୁ ମଧ୍ୟ ରୋଗୀଙ୍କୁ ପରିବାର ଲୋକେ କିମ୍ବା ସମ୍ପର୍କୀୟ ଦେଖିପାରିବେ ଓ ତାଙ୍କ ସହିତ କଥା ହୋଇପାରିବେ। ସେହିପରି ଯେକୌଣସି କରୋନା ଆକ୍ରାନ୍ତ ହସ୍ପିଟାଲରେ ଭର୍ତ୍ତି ହେବାବେଳେ ସେମାନଙ୍କ ପରିବାରବର୍ଗଙ୍କ ଫୋନ୍ ନମ୍ବର ରଖାଯିବ। ସେହି ନମ୍ବରରେ ଦିନକୁ ଅତି କମ୍‌ରେ ଥରେ ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍‌ସ ଆପ୍‌ରେ ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଦେବେ। ହସ୍ପିଟାଲ କର୍ତ୍ତୃପକ୍ଷ ସପ୍ତାହକ ମଧ୍ୟରେ ହେଲ୍ପ ଡେସ୍କ କରି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇବେ। ଯଦି ହେଲ୍ପ ଡେସ୍କରେ ସହଯୋଗ ନ କରୁଥିବା ଅଭିଯୋଗ ଆସେ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରଯାଇଛି।





କରଗତ କରନ୍ତୁ ଏହି ରିହାତିମୂଳକ ସୁଯୋଗ!

ନିଜ ଅଚଳ ପଲିସୀଙ୍କୁ ସଚଳ କରାନ୍ତୁ

ଅବଧି - 10/8/2020 ରୁ 9/10/2020

ଯୋଗ୍ୟ ପଲିସୀଙ୍କ ପାଇଁ ଲେଟ୍ ଫୀ ରେ ରିହାତି*

| ମୋଟ ପ୍ରାପ୍ୟ ପ୍ରିମିଅମ | ଲେଟ୍ ଫୀ ରିହାତି % | ସର୍ବାଧିକ ରିହାତି ସୀମା |
|---|---|---|
| ₹ 1,00,000 ପର୍ଯ୍ୟନ୍ତ | 20% | ₹ 1500 |
| ₹ 1,00,001 ରୁ ₹ 3,00,000 ପର୍ଯ୍ୟନ୍ତ | 25% | ₹ 2000 |
| ₹ 3,00,001 ଓ ଅଧିକ | 30% | ₹ 2500 |

*ଟର୍ମ ଆସ୍ୟୋରାନ୍ସ, ହେଲ୍‌ଥ ଇନ୍‌ସ୍ୟୋରାନ୍ସ, ମଲ୍‌ଟିପଲ୍ ରିସ୍କ ପଲିସୀଜ୍ ଇତ୍ୟାଦି ପରି ଉଚ୍ଚ ଆପଦଯୁକ୍ତ ପ୍ଲାନ ପାଇଁ ପ୍ରଯୁଜ୍ୟ ନୁହେଁ।
**ଫର୍ଷ୍ଟ ଅନ୍‌ପେଡ୍ ପ୍ରିମିଅମ ର ଦିନାଙ୍କ ଠାରୁ 5 ବର୍ଷ ଭିତରେ ପଲିସୀକୁ ସଚଳ କରିହୁଏ।

କଲ୍ ସେଣ୍ଟର ସର୍ଭିସ (022) 6827 6827
ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ୍ "MyLIC"
ଦେଖନ୍ତୁ : licindia.in

ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ

ଫ୍ରଡ୍ ଫୋନ କଲ୍ ଏବଂ ମିଛ/ଶଠ ଅଫର୍ ପ୍ରତି ସାବଧାନ। ଆଇଆର୍‌ଡିଏଆଇ ଇନ୍‌ସ୍ୟୋରାନ୍ସ ପଲିସୀ ବିକ୍ରୀ, ବୋନସ ଘୋଷଣା ବା ପ୍ରିମିଅମସବୁ ବିନିଯୋଗ କରିବା ଭଳି କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ନଥାଏ। ଏଭଳି ଫୋନ କଲ୍ ପାଇବା ବ୍ୟକ୍ତି ପୁଲିସରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ।

LIC India Forever
IRDAI Regn No.: 512

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
LIC/PRA/20-21/08/ORI

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୩ ସେପ୍ଟେମ୍ବର, ୨୦୨୦



## ଏସ୍‌ଟିଏଫ୍ ଚଢ଼ାଉ, ୯୬ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର,(ବ୍ୟୁରୋ): ଖୋର୍ଦ୍ଧା ଜିଲା ବେଗୁନିଆ ବାରବାଟି ଗ୍ରାମରେ ମଙ୍ଗଳବାର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ୯୬ କେଜି ଗଞ୍ଜେଇ ଜବତ କରିଛି। ଏହାସହ ଗଞ୍ଜେଇ ବ୍ୟବସାୟ କରୁଥିବା ଗ୍ରାମର ଦିନବନ୍ଧୁ ମହାପାତ୍ରଙ୍କୁ ଏସ୍‌ଟିଏଫ ଗିରଫ କରି ବେଗୁନିଆ ପୋଲିସ ଜିମା ଦେଇଛି। ଏ ନେଇ ବେଗୁନିଆ ପୋଲିସ ନଂ.୧୯୭/୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଦିନବନ୍ଧୁ ପରିବାର ସହ ରହୁଥିବାବେଳେ ଘରେ ଗଞ୍ଜେଇ ବ୍ୟବସାୟ କରୁଥିବା ଏସ୍‌ଟିଏଫ୍‌ଙ୍କ ନିକଟରେ ଖବର ପହଞ୍ଚିଥିଲା। ଏସ୍‌ଟିଏଫ୍‌ର ଅଧିକାରୀମାନେ ମଙ୍ଗଳବାର ତାଙ୍କ ଘରେ ଚଢ଼ାଉ କରିଥିଲେ।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଲିପୁ
ପରିବାରବର୍ଗ


ନିବୃତ୍ତି
ପରିବାରବର୍ଗ


ସୁଲଗ୍ନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ପ୍ରଥମ ପୃଷ୍ଠାରୁ...

## ଲୋକ ସଭାରେ ଶ୍ରମ....

ସୁପାରିଶର ୭୪% ଗ୍ରହଣ କରିଛନ୍ତି ବୋଲି ମିଶ୍ର କହିଛନ୍ତି। ଓଡ଼ିଶାରେ ଆବଶ୍ୟକ ଅନୁସାରେ କାମ ମିଳୁ ନ ଥିବାରୁ ଲୋକମାନେ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଉଛନ୍ତି। ଏପରି କି ଅନ୍ୟ ରାଜ୍ୟରୁ ମଧ୍ୟ ଓଡ଼ିଶାକୁ କାମ କରିବାକୁ ଆସୁଛନ୍ତି। କୋଭିଡ୍ ମହାମାରୀ ସମୟରେ ପ୍ରବାସୀ ଶ୍ରମିକଙ୍କ ପାଇଁ ଓଡ଼ିଶା ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ମିଶ୍ର ଗୃହରେ ଆଲୋକପାତ କରିଥିଲେ। ଏଥିସହିତ କେନ୍ଦ୍ର ସରକାର ଆଧାର କାର୍ଡକୁ ପରିଚୟ ପ୍ରମାଣ ପତ୍ରରୁ ହଟାଇବାକୁ ପ୍ରସ୍ତାବ ଦେଇଥିଲେ। ଆଧାରକୁ ବାଧ୍ୟତାମୂଳକ କରିବା ନେଇ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତିର ପୁନର୍ବିଚାର କରିବା ଆବଶ୍ୟକ ବୋଲି କହିଛନ୍ତି। ତେବେ ଏହି ବିଲ୍‌ରେ ରାଜ୍ୟ ସରକାରଙ୍କ କ୍ଷମତାରେ କେନ୍ଦ୍ରର ହସ୍ତକ୍ଷେପକୁ ମିଶ୍ର ବିରୋଧ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଶ୍ରମିକ ବିଲ୍‌ରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡକୁ କେନ୍ଦ୍ର ସରକାର ନିଜ ଅଧୀନକୁ ନେବା ଲାଗି ବ୍ୟବସ୍ଥା କରିଛନ୍ତି। ଏହାଛଡ଼ା ଶ୍ରମିକ ପଞ୍ଜୀକରଣ ନେଇ ମଧ୍ୟ ବିଲ୍‌ରେ କେତେକ ସଂଶୋଧନ କରାଯାଇଛି। ଏହି ବିଲ୍‌ରେ ଶ୍ରମିକ ପଞ୍ଜୀକରଣ ରାଜ୍ୟରେ ଥିବା କେନ୍ଦ୍ର ଶ୍ରମ କମିଶନରଙ୍କ ଅଧୀନକୁ ଚାଲିଯିବ। ଏହାଛଡ଼ା ଶ୍ରମିକମାନଙ୍କର କଲ୍ୟାଣ ପାଇଁ ରାଜ୍ୟ ସରକାର ବିଭିନ୍ନ ନିର୍ମାଣ ସଂସ୍ଥାରୁ ସେସ୍ ଆଦାୟ କରୁଛନ୍ତି। ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଏହାକୁ ଖର୍ଚ୍ଚ କରାଯାଉଛି। ତେବେ ସେହି ସେସ୍ କେନ୍ଦ୍ର ସରକାରଙ୍କ ଅଧୀନକୁ ଚାଲିଯିବ। ଯଦ୍ୱାରା ରାଜ୍ୟ ସକାର ଶ୍ରକିମମାନଙ୍କ କଲ୍ୟାଣ ପାଇଁ କରୁଥିବା ବିଭିନ୍ନ ଯୋଜନା ଲାଗି ଅର୍ଥର ଅଭାବ ରହିବ। ରାଜ୍ୟ ସଭାରେ ବୁଧବାର ଏହି ବିଲ୍ ଉପରେ ଆଲୋଚନା କରାଯିବ। ସେହି ସମୟରେ ବିଲ୍‌ରେ କେତେକ ସଂଶୋଧନ ଆଣିବାକୁ ପ୍ରସ୍ତାବ ଦିଆଯିବ ବୋଲି ରାଜ୍ୟ ସଭା ସଦସ୍ୟ ସୁବାସ ସିଂ କହିଛନ୍ତି। ରାଜ୍ୟ ସରକାର ଏହି ବିଲ୍‌କୁ ସମ୍ପୂର୍ଣ୍ଣ ସମର୍ଥନ କରୁନାହାନ୍ତି। ବିଲ୍‌ରେ ଥିବା କେତେକ ଅସଙ୍ଗତି ଦୂର କରିବାକୁ ପ୍ରସ୍ତାବ ଦିଆଯିବ ବୋଲି ସେ କହିଛନ୍ତି। ପୂର୍ବରୁ କୃଷି ବିଲ୍‌କୁ ନେଇ ବିଜେଡି ରାଜ୍ୟ ସଭାରେ ବିରୋଧ କରିବା ସହ ଉକ୍ତ ବିଲ୍‌କୁ ସିଲେକ୍ଟ କମିଟିକୁ ପୁନଃ ଯାଞ୍ଚ ନିମନ୍ତେ ପଠାଇବାକୁ ଦାବି କରିଥିଲା।

## ସଂସଦ ଢାଞ୍ଚାରେ...

ମଙ୍ଗଳବାର ବାଚସ୍ପତି ବିଧାନସଭା ପରିଦର୍ଶନ କରିଥିଲେ। ସେପ୍ଟେମ୍ବର ୨୯ରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଅକ୍ଟୋବର ୭ ଯାଏ ଚାଲିବ। ଏଥିରେ ୮ଟି କାର୍ଯ୍ୟ ଦିବସ ରହିଛି। ଆସନ୍ତା ୨୭ ଓ ୨୮ ତାରିଖରେ ବିଧାୟକ, ସେମାନଙ୍କର ସୁରକ୍ଷା କର୍ମୀ, ଡ୍ରାଇଭର, ବିଧାନସଭା କର୍ମଚାରୀଙ୍କର କୋଭିଡ୍-୧୯ ପରୀକ୍ଷା କରାଯିବ। ତେବେ ଗୃହ ପରିଚାଳନା ନେଇ ଆସନ୍ତା ୨୫ ତାରିଖରେ ଏକ ସର୍ବଦଳୀୟ ବୈଠକ ଡକାଯାଇଛି। ବୈଠକରେ କୋଭିଡ୍‌କୁ ନେଇ କିପରି ଗୃହ ପରିଚାଳନା ହେବ ସେ ନେଇ ବିଭିନ୍ନ ଦଳର ନେତାମାନଙ୍କ ସହ ବାଚସ୍ପତି ଆଲୋଚନା କରିବେ।

## ନଭେମ୍ବରରୁ ଯୁଜି,...

ସେମାନେ ୨୦୨୧ ମାର୍ଚ୍ଚ ୮ରୁ ୨୬ ମଧ୍ୟରେ ପ୍ରଥମ ସେମିଷ୍ଟର ପରୀକ୍ଷା ଦେବେ। ସେହିଭଳି ଦ୍ୱିତୀୟ ସେମିଷ୍ଟର ୨୦୨୧ ଅଗଷ୍ଟ ୨୨ରୁ ୨୯ ତାରିଖ ମଧ୍ୟରେ କରାଯିବ। ଏହାପରେ ଅଗଷ୍ଟ ୩୦ରୁ ୨୦୨୧-୨୨ ଶିକ୍ଷାବର୍ଷ ଆରମ୍ଭ ହେବ। ଚଳିତବର୍ଷ କରୋନା ମହାମାରୀ ଓ ଲକ୍‌ଡାଉନ ଯୋଗୁ ପାଠପଢ଼ା ସମୟ ନଷ୍ଟ ହୋଇଥିବାରୁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ସପ୍ତାହକୁ ୬ଦିନ ପାଠ ପଢ଼ାଇ ତାହାକୁ ଶେଷ କରିବାକୁ ଉଦ୍ୟମ କରିବେ। ଛୁଟି ଓ ବିରତି ସମୟକୁ ମଧ୍ୟ ହ୍ରାସ କରି ପାଠପଢ଼ା ପାଇଁ ସମୟ ବାହାର କରିବେ। ତେବେ କରୋନା ଲାଗି ଅଭିଭାବକମାନେ କଠିନ ସମୟ ଦେଇ ଗତି କରୁଥିବାରୁ ଆଡ୍‌ମିଶନବେଳେ ଏହାକୁ ନଜରରେ ରଖାଯିବ। ନଭେମ୍ବର ୩୦ ମଧ୍ୟରେ ଯେଉଁ ଛାତ୍ରୀଛାତ୍ରମାନେ ନାମଲେଖା ବାତିଲ କରିବେ କିମ୍ବା ସ୍ଥାନାନ୍ତର କରିବେ ସେ କ୍ଷେତ୍ରରେ ସେମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି' ଫେରାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଦିନେ ବଢ଼ିଲା...

କରିପାରିବେ। ପୂର୍ବରୁ ଏହି ଅବଧି ୨୨ ତାରିଖ ରାତି ୧୧ଟା ୫୯ ରହିଥିଲା। ସେହିଭଳି ୨୪ ତାରିଖ ପୂର୍ବାହ୍ନ ୧୧ଟା ସୁଦ୍ଧା ଫି' ଦାଖଲ କରିପାରିବେ। ଓଜେଇଇ ୱେବ୍‌ସାଇଟ୍ 'www.ojee.nic.in/ www.odishajee.com' ମାଧ୍ୟମରେ ଛାତ୍ରୀଛାତ୍ରମାନେ ଫର୍ମ ପୂରଣ କରିପାରିବେ। ଯେଉଁମାନେ ଜେଇଇ ମେନ୍ ପରୀକ୍ଷା ଦେଇଛନ୍ତି ସେମାନଙ୍କୁ ପ୍ରାଥମିକତା ଦିଆଯିବ ବୋଲି ଓଜେଇଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ତେବେ ବିଟେକ୍ ପାଠ୍ୟକ୍ରମରେ ନାମଲେଖା ଲାଗି ସେମାନଙ୍କୁ ଆଉଥରେ ଓଜେଇଇ ପାଇଁ ଆବେଦନ କରିବାକୁ ସୁଯୋଗ ଦିଆଯିବ ନାହିଁ ବୋଲି ଏଥିରେ ସ୍ପଷ୍ଟ କରାଯାଇଛି।

## ଉଭୟ ଗୃହ ତ୍ୟାଗ...

କହିଥିଲେ। ଏଥିସହ ନିଲମ୍ବିତ ହୋଇଥିବା ୮ଏମ୍‌ପିଙ୍କ ନିଲମ୍ବନ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଅପରକ୍ଷରେ ନିଲମ୍ବିତ ହୋଇଥିବା ୮ଏମ୍‌ପି ଗୃହ ବାହାରେ ଧାରଣାରେ ବସିଛନ୍ତି। ବିରୋଧୀ ଦଳର ନେତାମାନେ ପ୍ରଥମେ ବାଚସ୍ପତିଙ୍କୁ ଭେଟି ୮ଏମ୍‌ପିଙ୍କ ନିଲମ୍ବନ ପ୍ରତ୍ୟାହାର ପାଇଁ କହିଥିଲେ। ପରେ କଂଗ୍ରେସର ସଦସ୍ୟମାନେ ଏଏପି, ଟିଏମ୍‌ସି ଏବଂ ବାମଦଳଗୁଡ଼ିକର ସଦସ୍ୟଙ୍କ ସହ ପ୍ରଥମେ ରାଜ୍ୟ ସଭାରୁ ବାହାରକୁ ଚାଲି ଆସିଥିଲେ। ଏହାର କିଛି ଘଣ୍ଟା ପରେ ଲୋକ ସଭାରୁ ମଧ୍ୟ ବାହାରି ଆସିଥିଲେ। ଲୋକ ସଭାରେ ବିଏସ୍‌ପି ଏବଂ ଟିଆର୍‌ଏସ୍ ସଦସ୍ୟମାନେ ମଧ୍ୟ ଗୃହତ୍ୟାଗ କରିଥିଲେ। ବିରୋଧୀଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ରାଜ୍ୟ ସଭାରେ ତୃତୀୟ କୃଷି ବିଲ୍ ଅର୍ଥାତ୍ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ବିଲ୍ ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ଆଲୋଚନା ବେଳେ ବିଜେଡି ଏମ୍‌ପିମାନେ ଗୃହରେ ଉପସ୍ଥିତ ରହିଥିଲେ। ପରେ ଧ୍ୱନୀ ମତରେ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ବିଲ୍ ପାରିତ ହୋଇଥିଲା। ଅପରପକ୍ଷରେ ବିରୋଧୀଙ୍କ ଦାବି ଉପରେ କେନ୍ଦ୍ର ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି ଯେ, ନିଲମ୍ବିତ ହୋଇଥିବା ଏମ୍‌ପିମାନେ ଯଦି ସେମାନଙ୍କ ବିଶୃଙ୍ଖଳିତ କାର୍ଯ୍ୟକଳାପ ପାଇଁ କ୍ଷମା ପ୍ରାର୍ଥନା କରିବେ ତେବେ ଯାଇ ସେମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯିବ।

## ଏସ୍‌ବିଆଇ ଗ୍ରାହକଙ୍କୁ...

ଘର ଋଣ ନେଇଥିବା ଏବଂ କୋଭିଡ-୧୯ ଲକ୍‌ଡାଉନ ଯାଏ ନିୟମିତ ଋଣ ପଇଠ କରିଥିଲେ ଗ୍ରାହକ ଏଭଳି ସୁବିଧାର ଲାଭ ନେଇପାରିବେ। ମାତ୍ର ଋଣ ନେଇଥିବା ବ୍ୟକ୍ତି ବିଶେଷଙ୍କୁ କୋଭିଡ୍ ଯୋଗୁ ଆୟ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଇବାକୁ ପଡିବ। ଋଣ ପୁନର୍ଗଠନ କ୍ଷେତ୍ରରେ ବ୍ୟାଙ୍କ ସମ୍ପୂର୍ଣ୍ଣ ଭାବେ ଗ୍ରାହକ ପ୍ରଦାନ କରିଥିବା ଡାଟା ଉପରେ ନିର୍ଭର କରିବ। ଋଣ ଗ୍ରହୀତାଙ୍କ ଆୟ କେବେ ସ୍ୱାଭାବିକ ହେବ ଏବଂ ସେ କେବେ ପୁଣି ଥରେ ଆୟ କରିବା ସ୍ଥିତିକୁ ଆସିବେ ତା'ର ଆକଳନ ଅନୁସାରେ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନିଆଯିବ ବୋଲି ଏହି ଯୋଜନା ଘୋଷଣା ଅବସରରେ ଏସ୍‌ବିଆଇର ଏମ୍‌ଡି ସି.ଏସ୍.ସେଟ୍ଟୀ ସୂଚନା ଦେଇଛନ୍ତି। ଏସ୍‌ବିଆଇର ଏଭଳି ପଦକ୍ଷେପ ପରେ ଅନ୍ୟ ବ୍ୟାଙ୍କଗୁଡିକ କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ତାକୁ ଲୋକମାନେ ବର୍ତ୍ତମାନ ଅପେକ୍ଷା କରି ରହିଛନ୍ତି। ଏଭଳି ସ୍ଥିତିରେ ପ୍ରମୁଖ ଘରୋଇ କ୍ଷେତ୍ର ବ୍ୟାଙ୍କ ଏଚ୍‌ଡିଏଫ୍‌ସି ଏବଂ ଆଇସିଆଇସିଆଇ ଋଣ ପୁନର୍ଗଠନ ସୁବିଧା ଗ୍ରାହକଙ୍କୁ ଦେବେ ବୋଲି ଆଶା କରାଯାଇଛି। ଏହି ସୁବିଧା ଆରମ୍ଭ ସହ ଏସ୍‌ବିଆଇ ଏକ ଅନଲାଇନ ପୋର୍ଟାଲ ବ୍ୟବସ୍ଥା କରିଛି। ଏଠାରେ ଲୋକମାନେ ସୁବିଧାର ଲାଭ ଏବଂ ଅନ୍ୟ ସର୍ତ୍ତାବଳୀ ସମ୍ପର୍କରେ ଜାଣି ପାରିବେ। ରିଟେଲ ଋଣ, ବାସଗୃହ ଋଣ ଏବଂ ଶିକ୍ଷା ଋଣ, ଅଟୋ ଏବଂ ପର୍ସନାଲ ଭଳି ବିଭିନ୍ନ ବର୍ଗକୁ ଋଣ ପୁନର୍ଗଠନରେ ସାମିଲ କରାଯାଇଛି। ବ୍ୟାଙ୍କର ଏଭଳି ପଦକ୍ଷେପ ଯୋଗୁ ଗ୍ରାହକ ବଡ଼ ଆଶ୍ୱସ୍ତି ଲାଭ କରିବେ। କାରଣ ଆୟ କରିବା ସ୍ଥିତିକୁ ନ ଫେରିବା ଯାଏ ଆଉ ଋଣ କିସ୍ତି ନ ଦେଲେ ମଧ୍ୟ ଗ୍ରାହଙ୍କ ବ୍ୟାଙ୍କ ଆକାଉଣ୍ଟ ଏନ୍‌ପିଏ ଘୋଷଣା କରାଯିବ ନାହିଁ। ଗ୍ରାହକମାନେ ଏସ୍‌ବିଆଇ ଶାଖାକୁ ଆସି ମଧ୍ୟ ଯୋଜନା ସମ୍ପର୍କରେ ଅଧିକ କିଛି ଜାଣି ପାରିବେ। ପୋର୍ଟାଲ ଦ୍ୱାରା ଗ୍ରାହକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖାଯାଉଛି। ବର୍ତ୍ତମାନ ଶାଖାରେ ଲୋକଙ୍କ ଭିଡ ଯେଭଳି ନ ହୁଏ ସେଥି ଲାଗି ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନରେ ରଖାଯାଇଛି ବୋଲି ସେଟ୍ଟୀ କହିଛନ୍ତି।

# ଦେହଜୀବୀଙ୍କୁ ଆର୍ଥିକ ସହାୟତା ଦିଅ

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

### କେନ୍ଦ୍ର, ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

କରୋନା ମହାମାରୀ ଯୋଗୁ ଦେହଜୀବୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ଦେବା ସହ ଖାଦ୍ୟସାମଗ୍ରୀ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଇ ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ସହାୟତା ଦେବା ବେଳେ କୌଣସି ରାଶନକାର୍ଡ କିମ୍ବା ଅନ୍ୟ ପ୍ରମାଣ ପତ୍ର ମଗାଯାଇ ପାରିବ ନାହିଁ। କେନ୍ଦ୍ର ସରକାର ଜାତୀୟ ବିପର୍ଯ୍ୟୟ ପରିଚାଳନା ଆଇନ କ୍ଷମତା ବଳରେ ଦେହଜୀବୀଙ୍କୁ ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସହାୟତା କରିପାରିବେ। ଏହା ଅତ୍ୟନ୍ତ ଜରୁରିକାଳୀନ ଭାବେ କରାଯିବା ଦରକାର ବୋଲି ଏ.ନାଗେଶ୍ୱର ରାଓ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। କୌଣସି ସହାୟତାକୁ ଅପେକ୍ଷା ନ କରି କେନ୍ଦ୍ର ଓ ରାଜ୍ୟ ସରକାର ସହାୟତାର ହାତ ବଢ଼ାଇବା ଦରକାର ବୋଲି କହିଛନ୍ତି। ତେବେ କେବଳ ଯେଉଁମାନେ ସହାୟତା ପାଇଁ ଆସିବେ ସେମାନଙ୍କୁ ସହାୟତା ନ କରି ସମସ୍ତ ଅସହାୟଙ୍କ ନିକଟରେ ଯେପରି ସହାୟତା ପହଞ୍ଚି ପାରିବ ସେ ନେଇ ପଦକ୍ଷେପ ନେବାକୁ କୋର୍ଟ ପରାମର୍ଶ ଦେଇଛନ୍ତି।

## ବେକାବୁ ହେଉଛି...

ଫଳରେ ଖାଉଟିମାନଙ୍କୁ ମୂଲ୍ୟ ବୃଦ୍ଧି କଷ୍ଟରୁ ମୁକ୍ତି ମିଳି ପାରିବ। ମାତ୍ର ଏହି ପାଣ୍ଠି ଗଠନ ହେବାର ୫ ବର୍ଷ ବିତିଯିବାକୁ ବସିଥିଲେ ମଧ୍ୟ ଏହାର ବ୍ୟବହାର କରାଯାଉ ନାହିଁ। ଫଳରେ ବଜାର ଉପରେ ସରକାରଙ୍କ କୌଣସି ନିୟନ୍ତ୍ରଣ ରହୁ ନାହିଁ। ଖାଉଟିଙ୍କୁ ବାଧ୍ୟ ହୋଇ ଅନ୍ୟ ରାଜ୍ୟ ଉତ୍ପାଦନ ଓ ଦର ଉପରେ ନିର୍ଭର କରିବାକୁ ପଡୁଛି। ପରିସ୍ଥିତି ସ୍ୱାଭାବିକ ହେବା ଯାଏ ଖାଉଟିମାନେ ଚଢ଼ା ଦରରେ ପିଆଜ କିଣିବାକୁ ବାଧ୍ୟ ହେବେ। ଆଇଗିଣିଆ ପିଆଜ ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ତଥା ଓଡ଼ିଶା ବ୍ୟବସାୟୀ ସଂଘର ଆବାହକ ଶକ୍ତି ଶଙ୍କର ମିଶ୍ର କହିଛନ୍ତି, ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିବାରୁ କୌଣସି ବିକଳ୍ପ ନାହିଁ। ଆସନ୍ତା ମାସେ ଯାଏ ପିଆଜ ଦର କମିବା ଆଶା କ୍ଷୀଣ।

କେବଳ ପିଆଜ ନୁହେଁ, ଆଳୁ ଓ ପରିବା ଦର ମଧ୍ୟ ଆକାଶ ଛୁଆଁ ହୋଇଛି। ବଜାରରେ ପୋଟଳ ୮୦ ଟଙ୍କା, ବାଇଗଣ ୫୦ ଟଙ୍କା, କଲରା ୭୦ ଟଙ୍କା, କାକୁଡି ୬୦, ବିନ୍ସ ୬୦, ଝୁଡଙ୍ଗ ୯୦, ଭେଣ୍ଡି ୩୦, କଖାରୁ ୩୦ ଟଙ୍କାରେ କି.ଗ୍ରା. ପ୍ରତି ବିକ୍ରି ହେଉଛି। ଉଚ୍ଚା ଦରରେ କିଣୁଥିବାରୁ ଅଧିକ ଦରରେ ବିକ୍ରି କରିବାକୁ ପଡୁଛି ବୋଲି ପରିବା ବ୍ୟବସାୟୀ ବନମାଳୀ ସ୍ୱାଇଁ କହିଛନ୍ତି। ନୂଆ ପରିବା ଆସିବା ପରେ ଦର କମିବ ବୋଲି ସେ କହିଛନ୍ତି। ଦିନମଜୁରିଆ ନିଶାକର ମାହାଳି କହିଛନ୍ତି, କରୋନା ବେଳେ ସବୁ ଦିନେ କାମ ମିଳୁ ନାହିଁ। ୫ ପ୍ରାଣୀ କୁଟୁମ୍ବଙ୍କୁ ଚଳାଇବା କଷ୍ଟକର ହୋଇ ପଡୁଛି। ଆଳୁ ଓ ପିଆଜରେ କାମ ଚଳି ଯାଉଥିଲା। ପରିବା କିଣିବା ଦୂରର କଥା ଦର ବୃଦ୍ଧି ଯୋଗୁ ଆଳୁ ପିଆଜ କିଣିବା ମଧ୍ୟ ଅସମ୍ଭବ ହେଉଛି ବୋଲି ସେ କହିଛନ୍ତି। ସରକାରଙ୍କ ବଜାର ଉପରେ ସତେ ଯେମିତି କୌଣସି ନିୟନ୍ତ୍ରଣ ନାହିଁ। ବିଭାଗୀୟ ଅଧିକାରୀମାନେ ଚୁପ ହୋଇ ରହିବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏ ନେଇ ଯୋଗାଣ ବିଭାଗ ସଚିବ ଭି.ଭି ଯାଦବଙ୍କୁ ଯୋଗାଯୋ କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳି ପାରି ନ ଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ମଙ୍ଗଳ ଓ ଶନି ନିଜ ନିଜ ଗୃହରେ ରହିଥିବାରୁ ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଯିବ। ସଭାସମିତିରେ ଉନ୍ନତ ମାନର ଆଲୋଚନା,ପାରିବାରିକ ସଦ୍‌ଭାବ ଉତ୍ସାହିତ କରିବ। ବନ୍ଧୁମାନଙ୍କ ସହଯୋଗରେ ଅଟକି ରହିଯାଇଥିବା ଅଫିସ୍‌ର କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବ।

**ବୃଷ** ନୀଚସ୍ଥ ଚନ୍ଦ୍ର ପ୍ରଭାବରୁ ପରିବାରର ବାରଣ ନ ମାନି ପଡୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇ ସମାଲୋଚିତ ହେବେ। ଜମିଜମା କାରବାର, ନୂତନ ଘର ତିଆରି, ଯାନ ବାହନ ମରାମତିରୁ ଉପକୃତ ହେବେ। ଆନୁଷ୍ଠାନିକ କାମରେ ଟେନସନ୍ କିଛି ମାତ୍ରାରେ ଲାଗି ରହିବ।

**ମିଥୁନ** କେନ୍ଦ୍ରସ୍ଥ ବୁଧ ହେତୁ ଆଜି କୌଣସି ଆନୁଷ୍ଠାନିକ କାମରେ ନିଜକୁ ନିୟୋଜିତ କରିବାକୁ ପଡିପାରେ। ଘର କିମ୍ବା ଜମିଜମା,ପୁରୁଣା ଗାଡି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇବେ। ଆଜି ଯାହା କରିବେ ଅବଶ୍ୟ କ୍ଷତି ହେବନି, ମାତ୍ର ଏକ ସଂଘର୍ଷମୟ ପରିସ୍ଥିତିର ସାମନା କରିବାକୁ ପଡିବ।

**କର୍କଟ** ମଙ୍ଗଳ ଦୃଷ୍ଟ ଚନ୍ଦ୍ର ଜନିତ ପ୍ରତ୍ୟେକ କ୍ଷେତ୍ରରେ ଆଜି ଆପଣ ଦୃଢ ମନୋବଳ ନେଇ ଆଗକୁ ମାଡି ଚାଲିବେ। କିନ୍ତୁ ଆପଣଙ୍କ କାର୍ଯ୍ୟକଳାପରେ ସାମୟିକ ଅସନ୍ତୁଷ୍ଟ ହୋଇ ଖଳଲୋକମାନେ ପଛରେ ବହୁତ ସମାଲୋଚନା କରିପାରନ୍ତି। ଯାତ୍ରାକାଳରେ ଟଙ୍କା ପଇସା, ନେବା ଆଣିବା, ଦିଆନିଆ କ୍ଷେତ୍ରରେ ସତର୍କ ରହିବା ଭଲ।

**ସିଂହ** କର୍ମକ୍ଷେତ୍ରରେ ବିଶୃଙ୍ଖଳାଜନିତ ଯୋଗୁ କାମଟି ବିଗିଡି ଯାଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ, ଯାହା କି ମନରେ ଦୁଶ୍ଚିନ୍ତା ସୃଷ୍ଟି କରିପାରେ। ପୂର୍ବାଫାଲଗୁନୀ ସକାଶେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବାରୁ ସାମୟିକ ଖୁସୀ ରହିବେ।

**କନ୍ୟା** ଅଷ୍ଟମାଧିପତି ଧନାଧିପତିକୁ ଅବଲୋକନ କରୁଥିବାରୁ ଅର୍ଥ ସମ୍ପର୍କୀୟ ବିବାଦର ସମ୍ମୁଖୀନ ହେବେ। ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମଗୁଡିକ ଠିକ୍ ଭାବେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ମୁହଁ ସମ୍ମୁଖରେ ମିଠା କଥା କହି ପରୋକ୍ଷ ଭାବରେ ଶତ୍ରୁତା କରୁଥିବା ଲୋକଙ୍କ ପ୍ରତି ସତର୍କ ରହିବା ଭଲ।

**ତୁଳା** ଶୁକ୍ରଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ କାମ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। ଦୀର୍ଘ ଦିନରୁ ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟଭିତ୍ତିକ କାମଗୁଡିକ ସୁରୁଖୁରୁରେ ହୋଇଯିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା** ଦେବଗୁରୁଙ୍କ ପ୍ରଭାବରେ ଆପଣଙ୍କ ଆକର୍ଷଣୀୟ ବାକ୍‌ବିଳାସ ସାମାଜିକ ପ୍ରତିଷ୍ଠାର ମାଧ୍ୟମ ପାଲଟିଯିବ। କିନ୍ତୁ ଚନ୍ଦ୍ରଙ୍କ ଦୁର୍ବଳତା ଅପୂରଣୀୟ ଅଭିଳାଷଜନିତ ମାନସିକ ଦ୍ୱନ୍ଦ୍ୱ ମଧ୍ୟ ସୃଷ୍ଟି କରିବ। ସାଧାରଣ କଥାକୁ ନ ବୁଝି ମଧ୍ୟ ଘଟଣାକୁ ଅତିରଞ୍ଜିତ କରି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ଧନୁ** ଶନିଦୃଷ୍ଟ ଚତୁର୍ଥଭାବ ପରିବାର, ବନ୍ଧୁସମ୍ପର୍କରେ ଫାଟ ସୃଷ୍ଟି କରିବାର ଆଶଙ୍କା ରହିଛି। ନିଜ ଲୋକ ମାନଙ୍କ ପରୋକ୍ଷ ଶତ୍ରୁତା ଭାବପ୍ରବଣତା ବୃଦ୍ଧି କରିବା ସହ ମାନସିକ ଅସ୍ଥିରତା ସୃଷ୍ଟି କରିବ। ଅଫିସରେ କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଆଶା କରୁଥିବା ଶୁଭଖବର ପାଇ ଉଲ୍ଲସିତ ହେବେ।

**ମକର** ପାରିବାରିକ ସମସ୍ୟା ରହିଥିଲେ ମଧ୍ୟ ତାହା ନିୟନ୍ତ୍ରଣ ବାହାରକୁ ଯିବନାହିଁ। କିଛିଟା ଲୋଭନୀୟ ପ୍ରତିଶ୍ରୁତି ପ୍ରଦାନ କରି ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ। ଆଇନ ଅଦାଲତରୁ ସୁଫଳ ପାଇବେ ତଥାପି କେତେକାଂଶରେ ଅସ୍ଥିରତା ଲାଗି ରହିବ। ବ୍ୟବସାୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମରୁ ଖୁସୀ ରହିପାରନ୍ତି।

**କୁମ୍ଭ** ଆଜି ଦିନ ମଧ୍ୟରେ ଯେଉଁଠି ଯାହା କହିବେ କିମ୍ବା କରିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେକରିପାରନ୍ତି। ଚେଷ୍ଟା କରୁଥିବା କାମରେ ଆନୁଷଙ୍ଗିକ ସାହାଯ୍ୟ ନିଶ୍ଚିତ ପାଇପାରିବେ। ସଚେତନ ରହି ଯାହା କଲେ କିଛି ଅସୁବିଧା ହେବନାହିଁ।

**ମୀନ** ପାପଗ୍ରହଯୁକ୍ତ ଚନ୍ଦ୍ର ଜନିତ ମାନସିକ ଅସ୍ଥିରତା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବାରର ଖର୍ଚ୍ଚଭାର କ୍ରମଶଃ ବଢି ବଢି ଯିବା କାରଣରୁ ମନରେ ସରସତା ରହି ନ ପାରେ। କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ।

ଆଜି ଆଶ୍ୱିନ ମଳ ଶୁକ୍ଳପକ୍ଷ ସପ୍ତମୀ ବୁଧବାର, ସେପ୍ଟେମ୍ବର ୨୩ ତାରିଖ, ଶାରଦୀୟ ସମଦିବସ, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, କର୍କଟ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଆଜି (ରାହୁ ମିଥୁନରୁ ବୃଷ ରାଶିକୁ ଓ କେତୁ ଧନୁ ରାଶିରୁ ବିଛା ରାଶିକୁ ଗମନ କରିବେ), ସକାଳ ଘ.୦୫.୩୯ମି. ଗତେ ଘ.୦୬.୨୭ମି. ମଧ୍ୟେ, ଘ.୦୭.୧୫ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୬ମି. ଗତେ ଘ.୧୨.୫୦ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୬ମି. ଗତେ ଘ.୦୭.୧୪ମି. ମଧ୍ୟେ, ରାତ୍ରି ଘ.୦୮.୫୦ମି. ଗତେଘ.୦୩.୧୫ମି. ମଧ୍ୟେ, ଘ.୦୪.୦୩ମି. ଗତେ ଘ.୦୫.୩୯ମି. ମଧ୍ୟେଅମୃତବେଳା। ସକାଳ ଘ.୦୬.୨୭ମି. ଗତେ ଘ.୦୭.୧୫ମି. ମଧ୍ୟେ, ଘ.୦୧.୩୮ମି. ଗତେ ଘ.୦୪.୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୩୮ମି. ଗତେ ଘ.୦୧.୦୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**GROOM WANTED**

Beautiful Khandayat girl 1990/ 5'1", BDS, PG prepairing, Cuttack VAISNABI. 9238578590. D-69346

Govt. Schoolରେ Senior Teacher ଭାବରେ କାର୍ଯ୍ୟରତ ଥିବା ବିଧବା ମହିଳା ପାଇଁ ବରପାତ୍ର ଯୋଗାଯୋଗ କରନ୍ତୁ। ବୟସ-48ବର୍ଷ, (ପାରିବାରିକ ବା ଛାଡ଼ପତ୍ର ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 8895411143. D-68836

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗୁଡ଼ିଆ, ତେଲି, ଭଣ୍ଡାରି ଜାତିର ବରପାତ୍ର ଆବଶ୍ୟକ। 7978736177. D-68256

Age-35 devorcee Post Master ଥିବା ସୁନ୍ଦର ତେଲି ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। Contact: 7077999816. D-18331

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**SALE**

**Booking open for 3BHK Luxurious & premium flat at Surya Nagar, Bhubaneswar, genuine buyer contact- DEEPAK- 9937329999.** D-69916

ଫୁଲନଖରା- ନିଆଳି **bypass road**ରେ ଥିବା **Synergy Engg. College**ର ସମ୍ମୁଖରୁ **walkable distance**ରେ ପିଚୁରାସ୍ତାକୁ ଲାଗି ଘରବାରି **boundary plot** ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। **6371200121.** D-69170

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

ଭୁବନେଶ୍ୱର ଲିଙ୍ଗିପୁର ପାଖରେ **2500sqft.** ଜାଗା ଉପରେ **3** ମହଲା ଘର ବିକ୍ରୟ ହେବ। **Bank finance** ସୁବିଧା ଅଛି। ଯୋଗାଯୋଗ: **9438109040, 8144658008 (only genuine buyer).** D-18334

Booking open for 3BHK Duplex near ITER College, Jagamara, Bhubaneswar. Contact: 9861616986. D-67566

**Ready to move housing project Simplex, Duplex, flat available at Smartcity, Bhubaneswar (Nationalised Bank loan facilities). 9437677099.** D-69165

1500 sqft gharabari sensitive zone commercial plot for sale at Cuttack-Puri new bypass road, Bhubaneswar. Price- 54 lakhs. (Brokers excuse) Mobile: 8260595320. D-69754

କଟକ- ଭୁବନେଶ୍ୱର **Twincity** ର **middle point**ରେ **walkable distance**ରେ ବାସୋପଯୋଗୀ ଘରବାରି **plot** ସୁଲଭମୂଲ୍ୟରେ କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। **9438362273.** D-69169

**PURCHASE**

Land required on sharing basis in Bhubaneswar/ Cuttack. Contact: 7978751719. D-67567

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**GENERAL**

**SALE**

**1. Fully furnished flat No. B-506, 5th floor Gymkhana Palm Height near Sum Hospital, Bhubaneswar front south facing flat. 2. Verna Vehicle (vehicle No. OD02AX7761) Registered on 31.08.2018. 3. Bolero Pickup (vehicle No. OR02BZ9485) registered on 28.08.2012. 4. Micra Vehicle (vehicle No. OR02BV1467) registered on 21.01.2012. Contact No: 9873669329, 9437028801.** D-18256




Vastu 3 BHK 2Toilets, Puja with Servant quarter Parkings Independent Groundfloor Rs. 20000/- and two rooms 1toilet balcony first floor Rs. 12000/- Mahavir Nagar, Cuttack Road, Guesthouse/ Office. 8847882402, 8763862809. D-18302




Newly open full body massage SPA in Bhubaneswar. Contact: 7205058838. D-69758

Refresh your mind and soul with best therapy at Orchid Salon/ Spa, 9937287222. D-69546

Newly open SPA centre smart therapist full body massage: 7205187702. D-59963

Rejuvenate and Ayurvedic full body massage by smart therapist. 9348123330. D-69750

Get good massage for your health the best therapy SPA station. 7655024727, 8118079281. D-69542

Newly open SPA centre smart therapist full body massage: 7846814019. D-59962

Herbal full body massage by smart / expert therapist. Contact: 8338067247. D-69752

Newly open SPA centre smart therapist full body massage: 8114970372. D-59964

Get refreshment body massage by expert therapist contact for. 9556978408. D-69755

Swarna SPA newly open positively health benefits with expert therapist. 7873794731. D-69756

**AFFIDAVIT**

By virtue of an affidavit I have changed my surname from Das to Agrawala. Henceforth I will be known as Bhargabi Agrawala, W/o- Dinesh Kumar Agrawala residing at Rammandirgali, Waterworks road, P.S- Seabeach, P.O- Puri-2, Dist- Puri for all purposes. D-69022

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପରିତ୍ୟକ୍ତ କୂଅରୁ ନବଜାତ ଶିଶୁପୁତ୍ର ଉଦ୍ଧାର

ଖୋର୍ଦ୍ଧା ଅଫିସ : ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଉଇଲିକିଶନ ନଗର ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ମଙ୍ଗଳବାର ଟାଉନ୍ ପୋଲିସ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରିଛି। ଏଠାରେ କେହି ମହିଳା ଶିଶୁପୁତ୍ରକୁ ଫୋପାଡି ଦେଇଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ତେବେ କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, କେତେଜଣ ମହିଳା ସକାଳେ ଶିଶୁପୁତ୍ର ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ଗ୍ରାମବାସୀ ଓ ପୋଲିସ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଉମାଶଙ୍କର ସିଂ କହିଛନ୍ତି।

# ସେପ୍ଟେମ୍ବରରେ ୨ଲକ୍ଷ ଟପିବା ଆଶଙ୍କା

**କୋଭିଡ୍ ସଂକ୍ରମଣ**



- ଦେଢ଼ଲକ୍ଷ ଅତିକ୍ରମ କଲା ଆରୋଗ୍ୟ ସଂଖ୍ୟା
- କରୋନାଜନିତ ମୃତ୍ୟୁ ସଂଖ୍ୟା ୭୨୧ରେ ପହଞ୍ଚିଲା

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ କମିବାର ନାଁ ନେଉନି। ଗତ କିଛିଦିନ ହେବ ରାଜ୍ୟରେ ଦୈନିକ ସଂକ୍ରମଣ ୪ହଜାର ଉପରେ ରହୁଛି। ଏହି ଧାରା ଜାରି ରହିଲେ ଚଳିତମାସ ଶେଷବେଳକୁ ଆକ୍ରାନ୍ତ ସଂଖ୍ୟା ୨ଲକ୍ଷ ଟପିଯିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଶେଷ ୨୪ଘଣ୍ଟାରେ ମଧ୍ୟ ୪,୧୮୯ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ସଂକ୍ରମଣ ୧,୮୮,୩୧୧କୁ ବୃଦ୍ଧି ପାଇଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭୧୨ଜଣ ଥିବାବେଳେ କଟକ ୫୮୬, ପୁରୀ ୨୬୫, ସୁନ୍ଦରଗଡ଼ ୨୦୧, ଯାଜପୁର ୧୮୭, ମୟୂରଭଞ୍ଜ ୧୭୪, ବାଲେଶ୍ୱର ୧୫୦, ବରଗଡ଼ ୧୨୮, କେନ୍ଦ୍ରାପଡ଼ା ୧୨୬, ବଲାଙ୍ଗୀର ୧୧୪, ସମ୍ବଲପୁର ୧୧୩, କଳାହାଣ୍ଡି ୧୦୫, ଅନୁଗୋଳ ଓ ଜଗତ୍‌ସିଂହପୁରରୁ ୧୦୪ଜଣ ଲେଖାଏ ରହିଛନ୍ତି। ଅନ୍ୟସବୁ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳକୁ ରହିଥିବାବେଳେ ଗଜପତିରୁ ସର୍ବନିମ୍ନ ୨ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨,୪୫୩ଜଣ କ୍ୱାରାଣ୍ଟାଇନ୍‌ରୁ ବାହାରିଥିବାବେଳେ ୧,୭୩୬ଜଣ ସ୍ଥାନୀୟ ଆକ୍ରାନ୍ତ ରହିଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

ସେପଟେ ରାଜ୍ୟର ଆଉ ୧୧ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ଗଞ୍ଜାମ, ବଲାଙ୍ଗୀର, ବାଲେଶ୍ୱର ଓ ମାଲକାନଗିରିରୁ ଦୁଇଜଣ ଲେଖାଏ ଥିବାବେଳେ ପୁରୀ, ଭୁବନେଶ୍ୱର ଓ ଭଦ୍ରକରୁ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ଫଳରେ ରାଜ୍ୟରେ ଏବେ କରୋନାଜନିତ ମୃତ୍ୟୁ ସଂଖ୍ୟା ୭୨୧କୁ ଛୁଇଁଛି। ଅନ୍ୟପକ୍ଷରେ ରାଜ୍ୟରେ ପ୍ରତିଦିନ ଭଳି ମଙ୍ଗଳବାର ମଧ୍ୟ ଅନେକ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଆଉ ୩,୮୩୪ ଆକ୍ରାନ୍ତ ସୁସ୍ଥ ହେବାପରେ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୧,୫୩,୨୧୩କୁ ବୃଦ୍ଧି ପାଇଛି।

## ସଂକ୍ଷେପରେ

### ଉଠାଦୋକାନୀଙ୍କ ପାଇଁ ୮.୨କୋଟି ଋଣ ମଞ୍ଜୁର: ଧର୍ମେନ୍ଦ୍ର

ଭୁବନେଶ୍ୱର ୨୨।୯(ବ୍ୟୁରୋ): ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଯୋଜନାରେ ବନ୍ଧକବିହୀନ ଋଣ ପାଇବା ପାଇଁ ରାଜ୍ୟ ସହରାଞ୍ଚଳର ୬୩, ୨୨୨ ଉଠା ଦୋକାନୀଙ୍କୁ ଚିହ୍ନଟ କରାଯାଇଛି। ସେଥିରୁ ୨୩,୫୫୦ ଉଠା ଦୋକାନୀ ଋଣ ପାଇବା ପାଇଁ ଆବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାରେ ଥିବା ଉଠା ଦୋକାନୀଙ୍କ ପାଇଁ ବନ୍ଧକବିହୀନ ଋଣ ବାବଦକୁ ୮.୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରୁ ୦.୮୧ କୋଟି ଟଙ୍କା ଦିଆଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ମଙ୍ଗଳବାର ସୂଚନା ଦେଇଛନ୍ତି। ଧର୍ମେନ୍ଦ୍ର ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ସହରାଞ୍ଚଳ ଉଠା ଦୋକାନୀଙ୍କ ଥଇଥାନ ଲାଗି ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଯୋଜନା ଆରମ୍ଭ ହୋଇଛି। ଏହାର ଲାଭ ପାଇବାରେ ଓଡ଼ିଶା ଶୀର୍ଷ ୧୦ ରାଜ୍ୟ ମଧ୍ୟରେ ରହିଛି। ସମ୍ବଲପୁର, କଟକ, ବ୍ରହ୍ମପୁର, ବାଲେଶ୍ୱର ଏବଂ ଅନ୍ୟ ସହରରେ ଉଠା ଦୋକାନୀମାନେ ମଧ୍ୟ ଏହାର ଲାଭ ପାଇଛନ୍ତି। ଏହି ଯୋଜନା ଉଠା ଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ମହାମାରୀ ସମୟରେ ସଶକ୍ତ କରିଛି। ଏହି ଯୋଜନାରେ ନିୟମିତ ଋଣ ପରିଶୋଧ ଉପରେ ବାର୍ଷିକ ସୁଧରେ ୭ ପ୍ରତିଶତ ରିହାତି ଦିଆଯିବ। ନିୟମିତ ଋଣ ପରିଶୋଧ କରୁଥିବା ଲୋକଙ୍କୁ ଅଧିକ ପ୍ରୋତ୍ସାହନ ମିଳିବ। ଡିଜିଟାଲ କାରବାର ମାଧ୍ୟମରେ ୧୨ଶହ ଟଙ୍କା ଜମା ଖାତାକୁ ଫେରିବା ବ୍ୟବସ୍ଥା ରହିଛି। ଏହା ଉଠା ଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ଡୋର୍ ଷ୍ଟେପ୍‌ରେ ବ୍ୟାଙ୍କ ପହଞ୍ଚାଇବ। ସମସ୍ତ ପ୍ରକାରର ବ୍ୟାଙ୍କ,ମାଇକ୍ରୋ ଫାଇନାନ୍ସ ଅନୁଷ୍ଠାନ ଯଥା ବେସରକାରୀ, ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ଏସ୍‌ଏଚ୍‌ଜି ବ୍ୟାଙ୍କଗୁଡିକ ଆଦି ଋଣ ପ୍ରଦାନ କରିବେ। ଆରବିଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ ଋଣଦାତାଙ୍କ ଠାରୁ ସୁଧ ଆଦାୟ କରାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

### ହାତୀ ଉପଦ୍ରବ: ୨୦ଏକର ଫସଲ ନଷ୍ଟ

ଖୋର୍ଦ୍ଧା ଅଫିସ/ନିରାକାରପୁର,୨୨।୯ (ଡି.ଏନ୍.ଏ.): ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳର ଛଣଗିରି ପଞ୍ଚାୟତର ଅରାଙ୍ଗ ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ୪ଟି ଜଙ୍ଗଲି ହାତୀ ଗ୍ରାମରେ ପଶି ପ୍ରାୟ ୨୦ଏକର ଫସଲ ନଷ୍ଟ କରିଦେଇଥିବା ଗ୍ରାମବାସୀ କହିଛନ୍ତି। ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ପ୍ରଦୀପ ମାନସିଂ, ବିଶ୍ୱମ୍ଭର ବଳିୟାରସିଂ, ନବକିଶୋର ବିଶ୍ୱାଳ, ମୋହିନୀ ନାୟକ, କୈଳାସ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖଙ୍କ ଚାଷ ଜମି ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ଏହି ହାତୀପଲ ନିକଟସ୍ଥ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଆସି ଫସଲ ନଷ୍ଟ କରୁଛନ୍ତି। ଏମାନଙ୍କ ଭୟରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଲାଗି ସାମାଜିକ କର୍ମୀ ଦୀପକ ପ୍ରଧାନ ଦାବି କରିଛନ୍ତି।

# ଅଣାୟତ୍ତ ବେଳେ ଖୋଲିଦେଲେ

ପୁରୀ ଅଫିସ,୨୨।୯

ପୁରୀ ଜିଲାରେ କରୋନା ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ସେପ୍ଟେମ୍ବର ଆରମ୍ଭରୁ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଛି। ତେବେ ଏଭଳି ସମୟରେ ପର୍ଯ୍ୟଟକଙ୍କ ଆଗମନ ଉପରୁ କଟକଣା ହଟାଇବା ସହ ହୋଟେଲ, ରେଷ୍ଟୁରାଣ୍ଟ, ବେଳାଭୂମି ଆଦି ଖୋଲି ଦିଆଯାଇଛି। ଏଥିଯୋଗୁ ସଂକ୍ରମଣ ହାର ଉଦ୍‌ବେଗଜନକ ଭାବେ ବଢିବାରେ ଲାଗିଛି। ଏପ୍ରିଲ ୩ରେ ଜିଲାର ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହା ପୂର୍ବରୁ ଦେଶବ୍ୟାପୀ ଲକ୍‌ଡାଉନ ଜାରି ହୋଇଥିଲା। ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ସମେତ ହୋଟେଲ, ରେଷ୍ଟୁରାଣ୍ଟ ଆଦି ବନ୍ଦ ରହିଥିଲା। ଶ୍ରୀମନ୍ଦିର, ବେଳାଭୂମିକୁ ଯିବାରେ କଟକଣା ଥିଲା। ଏହିସମୟରେ ପୁରୀରୁ ପଜିଟିଭ ସଂଖ୍ୟା କମ୍ ରହୁଥିଲା। ମାତ୍ର ଲକ୍‌ଡାଉନ, ଶଟ୍‌ଡାଉନ ସବୁ କଟକଣା କୋହଳ ପରେ ସଂକ୍ରମିତଙ୍କ ସଂଖ୍ୟା ବଢିବାକୁ ଲାଗିଲା। ଅଗଷ୍ଟ ଶେଷ ସୁଦ୍ଧା ୩,୫୦୦ ସଂକ୍ରମିତ ଚିହ୍ନଟ ହୋଇଥିଲେ। ସେପ୍ଟେମ୍ବର ଆରମ୍ଭରୁ ସ୍ଥିତି ଅଣାୟତ୍ତ ହୋଇପଡ଼ିଲା। ଏବେ ମୋଟ ପଜିଟିଭ ସଂଖ୍ୟା ୮,୬୫୨ରେ ପହଞ୍ଚିଲାଣି। ସବୁଠୁ ଉଦ୍‌ବେଗର ବିଷୟ ହେଉଛି, ଏବେ ପୁରୀକୁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ ଥିବା କଟକଣା ହଟାଇ ଦିଆଯାଇଛି। ଜୀବନ ଜୀବିକାକୁ ଆଗକୁ ବଢାଇବା ଲାଗି ହୋଟେଲ, ରେଷ୍ଟୁରାଣ୍ଟ ଆଦି ସମେତ ବ୍ଲୁ ଫ୍ଲାଗ ବିଚ୍ ଖୋଲିଦିଆଯାଇଛି। ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନକୁ ମାନି ଏ ସବୁକୁ ପ୍ରଶାସନ ଖୋଲିଦେଇଛି। ଏହା ପରଠାରୁ ଜିଲାର କରୋନାଗ୍ରାଫ୍ ଉପରମୁହାଁ ହୋଇଛି। ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଛି। ସେପ୍ଟେମ୍ବର ୧ରେ ମୃତ୍ୟୁସଂଖ୍ୟା ୧୩ ଥିବାବେଳେ ବର୍ତ୍ତମାନ ୩୮ ଛୁଇଁଲାଣି। ଏପର୍ଯ୍ୟନ୍ତ ଭକ୍ତଙ୍କୁ ଶ୍ରୀମନ୍ଦିର ଭିତରକୁ ଛଡ଼ାଯାଉ ନାହିଁ। ନିକଟ ଭବିଷ୍ୟତରେ ଯଦି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଅନୁମତି ମିଳେ ତେବେ କରୋନା ସ୍ଥିତି ଆହୁରି ବିଗିଡ଼ି ପାରେ। ସେବାୟତମାନେ ଅଧିକ ସଂଖ୍ୟାରେ ସଂକ୍ରମିତ ହେଉଥିବାରୁ ଚିନ୍ତା ବଢିଲାଣି। ଏ ସବୁକୁ ଦୃଷ୍ଟିରେ ରଖି ପୁରୀ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବା ଦରକାର ବୋଲି ମହେଶ୍ୱର ବେହେରାଙ୍କ ସମେତ ଅନେକ ବୁଦ୍ଧିଜୀବୀ କହିଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ, ପୁରୀର କରୋନା ସ୍ଥିତି ସମ୍ପର୍କରେ ସରକାର ଅବଗତ ଅଛନ୍ତି। ଏ ନେଇ ବ୍ୟବସ୍ଥା କରାଯାଉଛି। ପୁରୀ ଜିଲାରେ ନୂତନ କୋଭିଡ୍ ହସ୍ପିଟାଲ ଖୋଲିବା ପାଇଁ ଯୋଜନା ରହିଛି।

# ସଂକ୍ରମିତ ଗର୍ଭବତୀ ହୋମ୍ ଆଇସୋଲେଶନରେ ରହିପାରିବେ

ଭୁବନେଶ୍ୱର,୨୨।୯(ବ୍ୟୁରୋ)

**ଯୋଗ ଓ ପ୍ରାଣାୟାମକୁ ଗୁରୁତ୍ୱ ଦେଲେ ବିଶେଷଜ୍ଞ**

କରୋନା ସଂକ୍ରମିତ ଗର୍ଭବତୀ ହୋମ୍ ଆଇସୋଲେଶନରେ ରହିପାରିବେ। କିନ୍ତୁ ସେ ପରିବାରର ଅନ୍ୟ କାହା ସହିତ ମିଶିବେ ନାହିଁ ବୋଲି ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଲୁସି ଦାସ କହିଛନ୍ତି। ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଲେ, ଜଣେ ଗର୍ଭବତୀ ପଜିଟିଭ୍ ଚିହ୍ନଟ ହୋଇଥିଲେ ପରିବାରର ଅନ୍ୟ ସଦସ୍ୟମାନେ ସତର୍କତା ଅବଲମ୍ବନ କରିବା ଉଚିତ। ତାଙ୍କର ପୂର୍ବରୁ ଶିଶୁଟିଏ ଥିଲେ ମା' ଓ ଶିଶୁ ମଧ୍ୟରେ ଦୂରତା ରକ୍ଷା କରାଯିବା ଉଚିତ। ଶିଶୁକୁ ପରିବାରର ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ଯତ୍ନ ନେବେ। ଗର୍ଭବତୀ ଜଣକ ନିଜର ଯତ୍ନ ନେବେ ଓ ସ୍ୱଚ୍ଛ ରହିବା ସହିତ ଭିଟାମିନଯୁକ୍ତ ଖାଦ୍ୟ ଖାଇବେ।

କରୋନା ଓ ସାଧାରଣ ରୋଗୀଙ୍କ ପାଇଁ ହସ୍ପିଟାଲଗୁଡ଼ିକରେ ଭିନ୍ନ ଭିନ୍ନ ବ୍ୟବସ୍ଥା ରହିଛି। ତେଣୁ ଗର୍ଭବତୀମାନେ ଭୟ ନ କରି ସରକାରୀ ହସ୍ପିଟାଲ ଯାଇପାରିବେ। ସେହିପରି ଗର୍ଭବତୀ ହେବାର ପ୍ରଥମ ୩ ମାସ ଓ ଶେଷ ୩ ମାସରେ ମା'ମାନଙ୍କର ଅନେକ ସମସ୍ୟା ହୋଇଥାଏ। ଏହି ସମୟରେ ଲକ୍ଷଣ ଦେଖାଦେଲେ ତୁରନ୍ତ କୋଭିଡ୍ ହସ୍ପିଟାଲ ସହିତ ପରାମର୍ଶ କରାଯିବା ଦରକାର। କୋଭିଡ୍ ପଜିଟିଭ ମା' ସତର୍କତା ଅବଲମ୍ବନ କରି ନିଜ ଶିଶୁଙ୍କୁ କ୍ଷୀର ଖୁଆଇପାରିବେ। ଛୁଆଟି କେବଳ ମା'ଠାରୁ କ୍ଷୀର ଖାଇବା ସମୟରେ ରହିବେ ଓ ପରିବାର ସଦସ୍ୟ ସମସ୍ତ ଯତ୍ନ ନେବେ। କିନ୍ତୁ ଶିଶୁକୁ ମାସ୍କ ପିନ୍ଧାଇ ପାରିବା ନାହିଁ। କାରଣ ଭବିଷ୍ୟତରେ ଅସୁବିଧା ହୋଇପାରେ ବୋଲି ଡା. ଦାସ କହିଛନ୍ତି।

ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ କହିଲେ, କରୋନା ଆକ୍ରାନ୍ତ ହୋମ୍ ଆଇସୋଲେଶନରେ ଥିବା ସମୟରେ ଯୋଗ ଓ ପ୍ରାଣାୟାମ କଲେ ଭଲ। ଏହାଦ୍ୱାରା ରୋଗୀ କରୋନାକୁ ଭୁଲି ପାରିବେ। ହୋମ୍ ଆଇସୋଲେଶନରେ ଥିବାବେଳେ ମାନସିକ ରୋଗୀଙ୍କ ରୋଗ ଆହୁରି ବଢ଼ିଯିବାର ଆଶଙ୍କା ରହିଛି। ତେଣୁ ସତର୍କତା ଅମ୍ବଲମ୍ବନ କରିବା ସହ ଡାକ୍ତରଙ୍କ ପରାମର୍ଶ କରି ରୋଗର ମାତ୍ରା କମାଇବାକୁ ପଡ଼ିବ। ମାନସିକ ରୋଗୀ ମଧ୍ୟ ଯୋଗ ଓ ପ୍ରାଣାୟାମ କରିପାରିବେ। କିନ୍ତୁ ଯଦି ସ୍ଥିତି ବିଗିଡ଼ିଯାଏ, ତେବେ ହସ୍ପିଟାଲ ସହ ପରାମର୍ଶ କଲେ ଭଲ। ଯେକୌଣସି ମାନସିକ ରୋଗ ସମ୍ପର୍କରେ କଟକ ଏସ୍‌ସିବିକୁ ଫୋନ କରି ପରାମର୍ଶ ନିଆଯାଇପାରିବ। ଏସ୍‌ସିବିର ମାନସିକ ରୋଗ ପ୍ରତିଷ୍ଠାନକୁ ୧୮୦୦୩୪୫୭୨୮୮କୁ ଫୋନ କଲେ ବିଶେଷଜ୍ଞ ଡାକ୍ତର ପରାମର୍ଶ ଦେବେ। ପୂର୍ବାହ୍ନ ୧୦ରୁ ଅପରାହ୍ନରେ ୫ଟା ମଧ୍ୟରେ ଫୋନ କଲେ ବିଶେଷଜ୍ଞମାନେ ପରାମର୍ଶ ଦେବେ ବୋଲି ଡା. ସ୍ୱାଇଁ ସୂଚନା ଦେଇଛନ୍ତି।

# 'ଅଭ୍ୟାସ'ର ସଫଳ ପରୀକ୍ଷଣ



ବାଲେଶ୍ୱର ଅଫିସ,୨୨।୯

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଡିଆର୍‌ଡିଓ (ପ୍ରତିରକ୍ଷା ଗବେଷଣା ତଥା ଉନ୍ନୟନ ସଂସ୍ଥା) ପକ୍ଷରୁ ମଙ୍ଗଳବାର ହାଇସ୍ପିଡ ଏକ୍ସପେଣ୍ଡେବଲ ଏରିୟଲ ଟାର୍ଗେଟ (ହିଟ୍) 'ଅଭ୍ୟାସ' କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଛି। ୩ ନମ୍ବର ଲଞ୍ଚପ୍ୟାଡରୁ ଏହି କ୍ଷେପଣାସ୍ତ୍ରର ଉତ୍‌କ୍ଷେପଣ ହୋଇଥିଲା। 'ଅଭ୍ୟାସ' ହେଉଛି ଚାଳକ ବିହୀନ ଦ୍ରୁତଗାମୀ ଟାର୍ଗେଟ ଏୟାରକ୍ରାଫ୍ଟ। ଏହା ସଫଳ ହେବା ପରେ ଡିଆରଡିଓକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଟୁଇଟ୍ ମାଧ୍ୟମରେ ଅଭିନନ୍ଦନ ଜଣାଇଛନ୍ତି। ଏହି କ୍ଷେପଣାସ୍ତ୍ର ଘଣ୍ଟା ପ୍ରତି ୬୧୭ କି.ମି. ଗତି କରିପାରିବ। ୧୬ହଜାର ଫୁଟ୍ ଉପରେ ୪୫ ମିନିଟ୍ ପର୍ଯ୍ୟନ୍ତ ଉଡ଼ାଣ କରିପାରିବ 'ଅଭ୍ୟାସ'। ଏହାର ଲମ୍ବ ୨୩୮୫ ମିଲିମିଟର, ମୋଟେଇ ୧୮୦ ମିଲିମିଟର ଓ ଓଜନ ୭୫ କିଲୋଗ୍ରାମ୍। ଏହା ରାଡାର ଓ ଇଲେକ୍ଟ୍ରୋ ଅପଟିକ ସିଷ୍ଟମ ଦ୍ୱାରା ପରିଚାଳିତ ହୋଇଥାଏ। ଏହା ଏକ ଉତ୍କୃଷ୍ଟ ବିମାନ ଯାହା ଅଭିନବ ପ୍ରଯୁକ୍ତିର ଏକ ଉଦାହରଣ ଏବଂ ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବ ବୋଲି ଡିଆର୍‌ଡିଓ ପକ୍ଷରୁ କୁହାଯାଇଛି।

# ପାରମସାହିରେ ଦନ୍ତାହାତୀ ମୃତଦେହ ଠାବ

ଟେନ୍‌ସା,୨୨।୯(ଡି.ଏନ.ଏ.)



ସୁନ୍ଦରଗଡ଼ କୋଇଡ଼ା ରେଞ୍ଜ ଅନ୍ତର୍ଗତ ଅରାଘାଟ ଗ୍ରାମ ପାର୍ଶ୍ୱ ପାରମସାହିରେ ମଙ୍ଗଳବାର ପୁଣି ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ମୃତଦନ୍ତାର ବୟସ ୧୨ ବର୍ଷରୁ ୧୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସେହିପରି ଗତ ୧୩ ତାରିଖରେ ସଗଡଭଙ୍ଗା ଜଙ୍ଗଲରେ ଏକ ମାଈ ହାତୀର ମୃତଦେହ ଗ୍ରାମବାସୀଙ୍କ ଜରିଆରେ ସ୍ଥାନୀୟ ବନ ବିଭାଗ ଠାବ କରିଥିଲା। ତେବେ ୧୦ ଦିନ ମଧ୍ୟରେ ୨ଟି ହାତୀଙ୍କ ମୃତ୍ୟୁ ହେବାକୁ ନେଇ ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ଅଙ୍ଗୁଳି ଉଠିଛି। ଏହା ଗଜରାଜଙ୍କ ପ୍ରତି ବିପଦର ସଙ୍କେତ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ବନବିଭାଗ ତଦନ୍ତ କରୁଥିବା କଥା କହୁଥିବା ବେଳେ ମାଈ ହାତୀ ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଦନ୍ତା ହାତୀ ମୃତ୍ୟୁର କାରଣ ମଧ୍ୟ ଅସ୍ପଷ୍ଟ ରହିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ ହାତୀର ମୃତ୍ୟୁ ହୋଇଥିବା ସ୍ଥାନକୁ ହାତୀ ଦଳି ଚକଟି ଦେଇଥିବା ବେଳେ ଦନ୍ତାର ପାଟିରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଛି। ହାତୀଟି ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁ ବରଣ କରିଥିବା ଅନୁମାନ କରାଯାଉଛି। ଘଟଣା ସ୍ଥଳରେ ବଣାଇ ଡିଏଫଓ, କୋଇଡା ଭାରପ୍ରାପ୍ତ ବନ ଖଣ୍ଡ ଅଧିକାରୀ, କୋଇଡା ପ୍ରାଣୀଧନ ଡାକ୍ତରୀ ଦଳ ପହଞ୍ଚି ତଦନ୍ତ କରିଛନ୍ତି। ଅନୁସନ୍ଧାନ ନିମନ୍ତେ ହାତୀର ମୃତଦେହକୁ ୨୪ ଘଣ୍ଟା ପାଇଁ ରଖାଯିବା ନେଇ ବନ ବିଭାଗ ସୂଚନା ଦେଇଛି।

# ଜଳିଗଲା ଚଳନ୍ତା କାର୍



ଜଳିଯାଇଥିବା କାର୍

ମାଲକାନଗିରି, ୨୨।୯(ଡି.ଏନ୍.ଏ.)

- ହେଉଥିଲା ଗଞ୍ଜେଇ ଚାଲାଣ
- ଡ୍ରାଇଭର ଫେରାର

ମାଲକାନଗିରି ଜିଲା କାଲିମେଳା ବ୍ଲକ ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥର ଏମ୍‌ଭି-୧୭ରେ ମଙ୍ଗଳବାର ଏକ ଚଳନ୍ତା କାର୍‌ରେ ନିଆଁ ଲାଗି ଗାଡିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଏହି ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଛି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

ମଙ୍ଗଳବାର ମଧ୍ୟାହ୍ନରେ ଏକ କାର୍ (ଓଡି-୩୦ବି-୩୧୧୨) ମାଲକାନଗିରିରୁ କାଲିମେଳା ଯାଉଥିଲା। ଏହି ସମୟରେ ହଠାତ୍ କାର୍‌ରେ ନିଆଁ ଲାଗିଯାଇଥିଲା। ଡ୍ରାଇଭର କାର୍ ଡୋର୍ ଖୋଲି ବାହାରକୁ ପଳାଇ ଯାଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କାର୍‌ରୁ କିଛି ଗଞ୍ଜେଇ ପ୍ୟାକେଟ ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜଳିଯାଇଥିବା କାର୍ ଓ ତା ଭିତରେ ଥିବା ଗଞ୍ଜେଇକୁ ଜବତ କରି ପୋଲିସ ତଦନ୍ତ ଚଳାଇବା ସହ କାର୍ ମାଲିକଙ୍କୁ ଖୋଜା ଚାଲିଛି।

**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ.11/ET/SBP/ENGG/ 2020-21 ତା.16.09.2020ରିଖ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.27-eT-DENW-SBP-20
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଲାଖୋଲି-କଣ୍ଟାବାଞ୍ଜି ସେକ୍ସନରେ 33 ଷ୍ଟୋନ ସ୍ଲାବ୍ ବ୍ରିଜ୍ (ବ୍ରିଜ୍ ନଂ.59,74, 88, 91,97, 99,100,102,103,104,106,108, 110, 114, 118, 123, 126, 128,129, 142, 143, 145 ,147, 148, 153, 155,157, 162, 163,167, 168, 169 ଏବଂ 170) ର ପୁନଃସ୍ଥାପନା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 7,89,16,610.61, EMD (ଟଙ୍କାରେ) : 5,44,600/- ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.28-eT-DENW-SBP-20
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଲାଖୋଲି-କଣ୍ଟାବାଞ୍ଜି ସେକ୍ସନରେ 33 ଷ୍ଟୋନ ସ୍ଲାବ୍ ବ୍ରିଜ୍ (ବ୍ରିଜ୍ ନଂ.171, 177,178 , 179, 180, 181, 182, 183, 187, 188, 189, 192, 193, 194, 195, 196, 197, 201, 204, 205, 209, 211, 213, 214, 215, 216, 219, 221, 222, 223, 224, 225 ଏବଂ 226) ର ପୁନଃସ୍ଥାପନା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 9,42,63,643.92, EMD (ଟଙ୍କାରେ) : 6,21,400/- ।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.29-eT-DENW-SBP-20
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଲାଖୋଲି-କଣ୍ଟାବାଞ୍ଜି ସେକ୍ସନରେ 34 ଷ୍ଟୋନ ସ୍ଲାବ୍ ବ୍ରିଜ୍ (ବ୍ରିଜ୍ ନଂ.228, 229, 230, 232, 234, 235, 238, 240, 243, 244, 246, 247, 248, 249, 250, 251, 253, 255, 258, 259, 264, 265, 266, 267, 268, 269 ,270 ,271, 272, 273, 274, 275, 276 ଏବଂ 278) ର ପୁନଃସ୍ଥାପନା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 11,31,16,734.76, EMD (ଟଙ୍କାରେ) : 7,15,600/- ।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.12-eT-DENC-SBP-20
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା-ବରଗଡ଼ ରୋଡ୍ ସେକ୍ସନରେ ସିନିୟର ସେକ୍ସନ ଇଂଜିନିୟର/ P.Way/ସମ୍ବଲପୁର ଏବଂ ସିନିୟର ସେକ୍ସନ ଇଂଜିନିୟର/ P.Way/ବେରଙ୍ଗାଲି ଅଧୀନସ୍ଥ କ୍ଷତିଗ୍ରସ୍ତ/କ୍ଷୟଶୀଳ ପ୍ଲେଟ୍ ସ୍କ୍ରୁ ର ନବୀକରଣ ଏବଂ CMS କ୍ରସିଙ୍ଗ୍, ଟଙ୍ଗ ରେଲ୍, SEJs, ଫଟା ବେୟାର ପ୍ଲେଟଗୁଡ଼ିକର ରିକଣ୍ଡିସନିଂ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 58,48,132.27, EMD (ଟଙ୍କାରେ) : 1,17,000/- ।

ଶେଷ ହେବା ଅବଧି : 08 ମାସ (ସମସ୍ତ ଟେଣ୍ଡର ନିମନ୍ତେ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.10.2020ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-264/L/20-21

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Air Hostess, Ground Staffs, Supervisors, Checkers, Loaders, Drivers, Guards & Helpers
Quali : ପାଠ ପଢ଼ିନଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9984845594, 7381891254

**WANTED**
- ACCOUNTANT: with knowledge of TALLY. Min. 2-3 yrs experience.
- WMS SAP Operator
- House Keeping staff

Salary with ESI
Office at Hanspal, Rudrapur, BBSR
Candiates can send their CV to Email: e4consulting@gmail.com

SAISIDDHI ENTERPRISES
PATIA, BHUBANESWAR
REQUIRES
Sales Executive in all Districts of Orissa.
(Salary+Incentives +Fuel)
Contact- 8249972752 9937881897

ଚେନ୍ନାଇରେ ଚାକିରି/ ହିନ୍ଦୀ କହିପାରୁଥିବା ଜରୁରୀ/ତୁରନ୍ତ ଯୋଗଦେବା ଆବଶ୍ୟକ/ ବେତନ ୧୩୦୦୦ - ୧୮୦୦୦ + ରୁମ୍/ ଘର ରୋଷେୟା / ହେଲ୍‌ପର, ଘରୋଇ ଚାକର/ ଅଫିସ୍ ଆସିଷ୍ଟାଣ୍ଟ
9884761210

**ଓଡ଼ିଶା ପୋଲିସ**
**ନିଯୁକ୍ତି ବିଜ୍ଞାପନ**

No.D-63:- ଏସ୍.ଆଇ., ଡେପୁଟି ସୁବେଦାର, ସରଜେଣ୍ଟ ବା ସମତୁଲ୍ୟ ଅବସରପ୍ରାପ୍ତ ପୋଲିସ ଅଫିସର କିମ୍ବା କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀର ଅଫିସର, ପୂର୍ବତନ ସୈନିକ ବ୍ୟକ୍ତିବିଶେଷଙ୍କ ପାଇଁ ୧୧୯ (ଏକଶହ ଉଣେଇଶ)ଗୋଟି ସ୍ପେଶାଲ ପୋଲିସ ଅଫିସର (ଏସ୍.ପି.ଓ.) ଚୁକ୍ତିଭିତ୍ତିକ ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତଗୁଡିକ ନିମ୍ନଲିଖିତ ପୋଲିସ ଆଇ.ଜି./ଡି.ଆଇ.ଜି.ଙ୍କ କାର୍ଯ୍ୟାଳୟରେ ତା୦୮।୧୦।୨୦୨୦ରିଖ ଅପରାହ୍ଣ ୫.୩୦ ଘଟିକା ସୁଦ୍ଧା କିମ୍ବା ପୂର୍ବରୁ ପହଞ୍ଚିବା ଆବଶ୍ୟକ ।

| କ୍ରମିକ ସଂଖ୍ୟା | ରେଞ୍ଜ ଅଫିସର ଠିକଣା | ଖାଲିଥିବା ପଦବୀର ସଂଖ୍ୟା |
|---|---|---|
| ୧. | ପୋଲିସ ଡି.ଆଇ.ଜି. କେନ୍ଦ୍ରାଞ୍ଚଳ, କଟକ | ୩୩ |
| ୨. | ପୋଲିସ ଆଇ.ଜି. ଉତ୍ତର-କେନ୍ଦ୍ରାଞ୍ଚଳ, ତାଳଚେର | ୨୦ |
| ୩. | ପୋଲିସ ଆଇ.ଜି. ପୂର୍ବାଞ୍ଚଳ, ବାଲେଶ୍ୱର | ୨୦ |
| ୪. | ପୋଲିସ ଡି.ଆଇ.ଜି. ଦକ୍ଷିଣାଞ୍ଚଳ, ବ୍ରହ୍ମପୁର | ୧୩ |
| ୫. | ପୋଲିସ ଡି.ଆଇ.ଜି. ଉତ୍ତରାଞ୍ଚଳ, ସମ୍ବଲପୁର | ୨୩ |
| ୬. | ପୋଲିସ ଡି.ଆଇ.ଜି. ପଶ୍ଚିମାଞ୍ଚଳ, ରାଉରକେଲା | ୧୦ |
| | ସମୁଦାୟ | ୧୧୯ |

ତ୍ରୁଟିପୂର୍ଣ୍ଣ ଦରଖାସ୍ତ କିମ୍ବା ଦରଖାସ୍ତଗୁଡିକ ନିର୍ଦ୍ଧାରିତ ତାରିଖ ପରେ ଆସି ପହଞ୍ଚିଲେ ଗ୍ରହଣଯୋଗ୍ୟ ହେବନାହିଁ । ନିଯୁକ୍ତି ପରୀକ୍ଷା, ସମ୍ପୃକ୍ତ ଆଇ.ଜି./ଡି.ଆଇ.ଜି.ଙ୍କ କାର୍ଯ୍ୟାଳୟଠାରେ ଆସନ୍ତା ତା୧୫।୧୦।୨୦୨୦ରିଖ ସକାଳ ୬.୩୦ ଘଟିକା ସମୟରେ ଅନୁଷ୍ଠିତ ହେବ। ପ୍ରାର୍ଥୀ ଆବେଦନ ଫର୍ମ ଓ ତତ୍‌ସହିତ ବିଶଦ ବିବରଣୀ ଓଡ଼ିଶା ପୋଲିସ ୱେବ୍‌ସାଇଟ୍ www.odishapolice.gov.inରୁ ପାଇପାରିବେ ।

ସ୍ୱା./- ଆରକ୍ଷୀ ମହାନିରୀକ୍ଷକ (କାର୍ମିକ)
ଓଡ଼ିଶା, କଟକ
OIPR-12017/11/0001/2021

ପ୍ରିୟ ସଦସ୍ୟଗଣ,

ଯେପରିକି ଆପଣ ଭଲ ଭାବରେ ଜାଣନ୍ତି, ବିଗତ କିଛି ବର୍ଷରୁ ବିଭିନ୍ନ ବୈଧାନିକ ଅସୁବିଧା କାରଣରୁ ପରିଶୋଧ କରିବାରେ କିଛି ବିଳମ୍ବ ପରିସ୍ଥିତି ଉପୁଜିଅଛି, କିନ୍ତୁ ଆମେ ଗୋଟିଏ ଦିନ ବିଳମ୍ବ ହେବା ପରିସ୍ଥିତିରେ ମଧ୍ୟ ପରିଶୋଧ କରିବା ସମୟରେ ଆମର ସମ୍ମାନିତ ସଦସ୍ୟମାନଙ୍କୁ ଅତିରିକ୍ତ ଲାଭାଂଶ ଦେଇଥାଉ । ସୋସାଇଟୀ ସଦସ୍ୟମାନଙ୍କର ହିତ ଯେପରି ପ୍ରଭାବିତ ନ ହେଉ, ଏବଂ ନିଜ ସଦସ୍ୟମାନଙ୍କର ସେବାକୁ ଆହୁରି ସୁଦୃଢ କରିବା ପାଇଁ ନିଜର ଅଧିକୃତ କେନ୍ଦ୍ରର ଅତିରିକ୍ତ କଲ୍ ସେଣ୍ଟର, ଗ୍ରୀଭାନ୍‌ସେସ୍ ସେଲ୍ ତଥା ସଦସ୍ୟମାନଙ୍କୁ ନିଜର କଥା ରଖିବା ପାଇଁ ପୋର୍ଟାଲ୍‌ର ସୁବିଧା ମଧ୍ୟ ପ୍ରଦାନ କରାଯାଇଅଛି ।

ଆମେ ଆମର କୋଅପରେଟିଭ୍ ଏଜୁକେଟର ସାଥିଗଣ ଏବଂ ସମ୍ମାନିତ ସଦସ୍ୟମାନଙ୍କୁ ଏହା ଅପିଲ୍ କରିବାକୁ ଇଚ୍ଛା ପ୍ରକାଶ କରୁଛୁ କି ସୋସାଇଟୀ ସର୍ବଦା ଆପଣମାନଙ୍କର ହିତ ଏବଂ ସେବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଛି ଏବଂ ଆଗକୁ ମଧ୍ୟ ରହିବ । ଅତଏବ ଆପଣ ସରକାରୀ ପ୍ରତିଷ୍ଠାନ ଯଥା ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ, ଜିଲ୍ଲାଧିକାରୀ କାର୍ଯ୍ୟାଳୟ ଏବଂ ପୋଲିସ୍ ପ୍ରଶାସନ ବ୍ୟତିତ ସେଣ୍ଟ୍ରାଲ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଇତ୍ୟାଦିକୁ ପତ୍ର ନ ଲେଖି ଯଦି ସୋସାଇଟୀ ପୋର୍ଟାଲ୍ ମାଧ୍ୟମରେ ନିଜର ସମସ୍ୟା ପଠାଇଥାନ୍ତେ ତେବେ ତାହାର ସମାଧାନ ଆହୁରି ପୂର୍ବରୁ ମିଳିଯାଇଥାନ୍ତା ତଥା ସେହି ସରକାରୀ କାର୍ଯ୍ୟାଳୟର ସମୟ ମଧ୍ୟ ଖରାପ ହୋଇ ନଥାନ୍ତା । କାରଣ ପୁରା ଦେଶର ବିକାଶ କାର୍ଯ୍ୟ ସେହି ପ୍ରତିଷ୍ଠାନଗୁଡ଼ିକର ଦାୟିତ୍ୱ।

ଏଣୁ, ଆମେ ଆପଣଙ୍କୁ ନିବେଦନ କରିବାକୁ ଚାହୁଁଛୁ କି, ଆପଣ ନିଜର ସମସ୍ତ ଅସୁବିଧା/ଆପତ୍ତି ଅଭିଯୋଗଗୁଡିକୁ ଉପରୋକ୍ତ ସରକାରୀ ବିଭାଗଗୁଡିକୁ ନ ପଠାଇ ଆମର ନିମ୍ନଲିଖିତ ପୋର୍ଟାଲ୍, ଟୋଲ୍ ଫ୍ରି ନମ୍ବର ଏବଂ ଇ-ମେଲ୍ ଠିକଣାରେ ପଠାନ୍ତୁ :

ୱେବ୍‌ସାଇଟ୍: www.sumsl.in
ଇମେଲ୍: grievance@sumsl.in

ପତ୍ରାଚାର ଠିକଣା :
ସହାରୟନ ୟୁନିଭର୍ସାଲ୍ ମଲ୍‌ଟିପରପଜ ସୋସାଇଟି ଲିମିଟେଡ୍
195. ଜୋନ୍-1 ଡି.ବି. ମଲ୍ ସାମନା, ଏମ୍.ପି. ନଗର, ଭୋପାଳ, ମଧ୍ୟ ପ୍ରଦେଶ - 462011
ଟୋଲ୍ ଫ୍ରି ନଂ. 1800-103-6893
CHHABI2020-9-31/CORP-All

ଏ ପୃଥିବୀ ତିନିପ୍ରକାର ବିପ୍ଳବର କଥା ଜାଣିଛି। ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି। ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡିକ ମଧ୍ୟ ସେମାନଙ୍କର ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ଆଧ୍ୟାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି। —ଶ୍ରୀଅରବିନ୍ଦ

# ଅଭିଭାବକଙ୍କ ଚିନ୍ତା

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୨୯ ଅଗଷ୍ଟରେ 'ଅନ୍‌ଲକ୍-୪' ପାଇଁ ନିୟମାବଳୀ ଘୋଷଣା କରିଥିଲା। ସେଥିରେ ଦର୍ଶାଯାଇଥିଲା ଯେ, ୨୧ ସେପ୍ଟେମ୍ବରରେ ସ୍କୁଲଗୁଡ଼ିକୁ ଆଂଶିକ ଖୋଲିବା ସକାଶେ ଅନୁମତି ଦିଆଗଲା। ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ କଣ୍ଟେନ୍‌ମେଣ୍ଟ ଜୋନ୍ ବାହାରେ ଥିବା ସ୍କୁଲଗୁଡ଼ିକ ଖୋଲାଯାଇପାରିବ, ଯେଉଁଥିରେ ନବମରୁ ଦ୍ୱାଦଶ ଶ୍ରେଣୀ ଯାଏ ପିଲାମାନେ ସ୍ୱଇଚ୍ଛାରେ ପଢ଼ିବାକୁ ଯାଇପାରିବେ ବୋଲି ଗାଇଡ୍‌ଲାଇନ୍‌ରେ ସ୍ପଷ୍ଟ କରାଯାଇଥିଲା। ତେବେ ସେହିଦିନ ଉପସ୍ଥିତ ହେବା ପରେ ଦେଖାଯାଇଛି ଯେ, ଦେଶର ୮ଟି ରାଜ୍ୟ ଆସାମ, ମେଘାଳୟ, ନାଗାଲାଣ୍ଡ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଜମ୍ମୁ ଓ କଶ୍ମୀର, ହରିୟାଣା ଏବଂ ହିମାଚଳ ପ୍ରଦେଶରେ ସ୍କୁଲ ଖୋଲିଛି। କିନ୍ତୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଅତ୍ୟନ୍ତ ନଗଣ୍ୟ ରହିଛି। ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ଅମଙ୍ଗ ହେଉଥିବା ଏଥିରୁ ବୁଝିବାକୁ ହେବ। ଏଭଳିସ୍ଥଳେ ଓଡ଼ିଶା ସରକାର ଦୁର୍ଗାପୂଜା ପରେ ସ୍କୁଲ ପୁନଃ ଖୋଲିବା ନେଇ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦେଇଥିବାରୁ ଅଭିଭାବକ ଓ ଶିକ୍ଷକ ମହଲରେ ଏହାକୁ ସ୍ୱାଗତ କରାଯାଇଛି। ଦେଖିବାକୁ ଗଲେ ଏବେ ଓଡ଼ିଶାରେ କୋଭିଡ୍-୧୯ ସଂକ୍ରମଣ ଯେଭଳି ବଢ଼ିଚାଲିଛି, ସେହି ସମୟରେ ପିଲାମାନଙ୍କୁ ବିଦ୍ୟାଳୟ ଛାଡ଼ିବା ଠିକ୍ ନୁହେଁ ବୋଲି ସମସ୍ତେ ହୃଦ୍‌ବୋଧ କଲେଣି। ଗତ ୪ ଦିନର ତଥ୍ୟ ଦେଖିଲେ ଓଡ଼ିଶାରେ ସଂକ୍ରମଣ ସଂଖ୍ୟା ୪ ହଜାର ଉପରେ ରହିଛି। ସେଥିପାଇଁ ଅଭିଭାବକମାନେ କହୁଛନ୍ତି ଯେ, କୋଭିଡ୍-୧୯ ଲାଗି ଟିକା ନ ବାହାରିବା ଯାଏ କିମ୍ବା ଓଡ଼ିଶା କୋଭିଡ୍‌ମୁକ୍ତ ନ ହେବା ଯାଏ ସେମାନେ ସେମାନଙ୍କ ପିଲାମାନଙ୍କୁ ସ୍କୁଲ ଛାଡ଼ିବେ ନାହିଁ।

ଅଭିଭାବକଙ୍କ ଚିନ୍ତାକୁ ଏଠାରେ ଗୁରୁତ୍ୱ ଦିଆଯିବା ଉଚିତ। ଯେତେବେଳେ ମଧ୍ୟବୟସ୍କ ଓ ବରିଷ୍ଠ ଲୋକମାନେ କୋଭିଡ୍ ନିୟମ ଠିକ୍‌ଭାବେ ପାଳନ କରିପାରୁନାହାନ୍ତି, ସେତେବେଳେ ସ୍କୁଲରେ ପିଲାମାନଙ୍କୁ କିଏ ଜଗିବେ। ସେମାନେ ପାଖାପାଖି ବସିବେ, ଖାଇବେ, ଖେଳିବେ, ପ୍ରାର୍ଥନା କରିବେ ଓ ପାଠାଗାର ଯିବା ଆଦି ପ୍ରତିଟି କାର୍ଯ୍ୟ ମିଳିମିଶି କରିଥାଆନ୍ତି। ପିଲାମାନେ ଠିକ୍‌ଭାବେ ମାସ୍କ ପିନ୍ଧିଲେ କି ନାହିଁ, ଶାରୀରିକ ଦୂରତା ବଜାୟ ରଖୁଛନ୍ତି କି ନାହିଁ ସେଗୁଡ଼ିକ ତଦାରଖ କରିବା ଶିକ୍ଷୟିତ୍ରୀଶିକ୍ଷକ ବା ସ୍କୁଲର କର୍ମଚାରୀଙ୍କ ଦ୍ୱାରା ସମ୍ଭବ ହୋଇପାରିବ ନାହିଁ। ଏମିତିକି ହୋଇପାରେ ସ୍କୁଲ କର୍ମଚାରୀଙ୍କ ଦ୍ୱାରା ପିଲାମାନେ ସଂକ୍ରମିତ ହୋଇପାରନ୍ତି କିମ୍ବା ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍କୁଲ କର୍ମଚାରୀମାନେ ଆକ୍ରାନ୍ତ ହୋଇପାରନ୍ତି। ତେବେ ବହୁ ସଂଖ୍ୟକ ପିଲା ଏକସଙ୍ଗେ ସଂକ୍ରମିତ ହେଲେ 'ନେଡ଼ିଗୁଡ଼ କହୁଣିକୁ ବୋହିଯିବ'। ଏବେ ଆମେରିକାରେ ସେଭଳି ସ୍ଥିତି ପରିଲକ୍ଷିତ ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏକଜିଦିଆ ନିଷ୍ପତ୍ତି ଯୋଗୁ ତାଙ୍କ ଦଳ ଦ୍ୱାରା ଶାସିତ ଅନେକ ରାଜ୍ୟରେ ସ୍କୁଲ ଓ କଲେଜ ଖୋଲି ଦିଆଗଲା। ତତ୍‌କ୍ଷଣାତ୍ ଏହିସବୁ ଶିକ୍ଷାନୁଷ୍ଠାନରେ କୋଭିଡ୍ ପଜିଟିଭ୍ ପିଲାଙ୍କ ସଂଖ୍ୟା ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଗଲା। ଆମେରିକାରେ ହୋଇଥିବା ଏକ ସର୍ଭେ ଅନୁଯାୟୀ ଅଧିକାଂଶ ଶିକ୍ଷୟିତ୍ରୀଶିକ୍ଷକ ସ୍କୁଲ ଖୋଲିବା ବିରୋଧରେ ମତ ଦେଇଛନ୍ତି। ତଥାପି ସରକାରଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁ ଅନେକ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଯାଇଛି। ଭାରତରେ ବିଦ୍ୟାଳୟଗୁଡ଼ିକୁ ପୁନଃ ଖୋଲି ଦିଆଗଲେ ଦେଶର ଛାତ୍ରୀଛାତ୍ରଙ୍କ ସଂଖ୍ୟା ଦୃଷ୍ଟିରୁ ଏହା ବଡ଼ ବିପଦ ସୃଷ୍ଟି କରିବ।

୨୦୨୦ ମାର୍ଚ୍ଚ ଅଧାଅଧି ବେଳକୁ କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖାଯାଇ ସ୍କୁଲଗୁଡ଼ିକୁ ବନ୍ଦ ରଖାଯାଇଛି। ପ୍ରାୟ ପ୍ରତ୍ୟେକ ସ୍କୁଲରେ ଅନ୍‌ଲାଇନ୍ କ୍ଲାସ କରାଯାଉଛି। ଏହା ମଧ୍ୟ ସ୍ୱୀକାରଯୋଗ୍ୟ ଯେ ଅନେକ ଗରିବ ପରିବାରର ପିଲାମାନେ ପାଠପଢ଼ା ପାଇଁ ଆବଶ୍ୟକ ସାଧନ ଯଥା କମ୍ପ୍ୟୁଟର ଓ ଇଣ୍ଟରନେଟ୍ ସଂଯୋଗ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଇତିମଧ୍ୟରେ ପାଠ୍ୟକ୍ରମ ୩୦ ପ୍ରତିଶତ ହ୍ରାସ କରିଦିଆଯାଇଛି। ତେବେ ଶ୍ରେଣୀ କକ୍ଷରେ ପଢ଼ାଯାଇ ଆସୁଥିବା ଭଳି ଅନ୍‌ଲାଇନ୍ ଶିକ୍ଷା ସମକକ୍ଷ ହୋଇପାରୁ ନାହିଁ। ତଥାପି ମହାମାରୀକୁ ଦୃଷ୍ଟିରେ ରଖାଯାଇ ପଦକ୍ଷେପ ନିଆଯିବାର ଆବଶ୍ୟକତା ସୃଷ୍ଟି ହୋଇଛି। ଏଥିସହିତ କୋଭିଡ୍ ଯୋଗୁ ଶିକ୍ଷା ବ୍ୟବସ୍ଥାରେ ଘଟିଥିବା ପରିବର୍ତ୍ତନ ଯଥା ପାଠ୍ୟକ୍ରମ ହ୍ରାସ କରାଯାଇଥିବା ଭଳି ନିଷ୍ପତ୍ତି ଭବିଷ୍ୟତରେ ଭାରତୀୟ ଶିକ୍ଷା ବ୍ୟବସ୍ଥା ଉପରେ ଦୀର୍ଘମିଆଦୀ ପ୍ରଭାବ ପକାଇପାରେ।

ଏବେ ବିଶ୍ୱବ୍ୟାପୀ କୋଭିଡ୍-୧୯ ତା'ର ଉପସ୍ଥିତି ସୁଦୃଢ଼ କରିଥିବାରୁ ପ୍ରତ୍ୟେକଙ୍କୁ ଏହି ବିଷମ ସମୟରେ ତା' ସହିତ ରହି ଚଳିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ତେଣୁ ସାର୍ବଜନୀନ ଟିକା ନ ବାହାରିବା ଯାଏ ସମସ୍ତଙ୍କୁ ସଜାଗ ହେବାକୁ ପଡ଼ିବ। ଏଭଳି ପରିପ୍ରେକ୍ଷୀରେ ଭାରତ ବିଶେଷକରି ଓଡ଼ିଶାର ସ୍ଥିତି ଦେଖିଲେ ସଂକ୍ରମଣ ଦିନକୁ ଦିନ ବେଗିଁ ଚାଲୁଥିବାରୁ ସ୍କୁଲଗୁଡ଼ିକୁ ଆସନ୍ତାବର୍ଷ ମାର୍ଚ୍ଚ ଯାଏ ବନ୍ଦ ରଖିବା ଲାଗି ଘୋଷଣା ହେବା ଦରକାର।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୨ ସେପ୍ଟେମ୍ବର ୨୦୨୦ରେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ତାଙ୍କ ଦେଶବାସୀଙ୍କୁ ଅନୁରୋଧ କରି କହିଛନ୍ତି ଯେ, ଆଗାମୀ ୬ ମାସ ପାଇଁ ଘରେ ରହି କାର୍ଯ୍ୟ କରନ୍ତୁ। ସମସ୍ତେ ଏହି ନିବେଦନକୁ ମାନିଲେ କରୋନାକୁ ରୋକି ହେବ ବୋଲି ପ୍ରଧାନମନ୍ତ୍ରୀ ଜନସନ୍ କହିଛନ୍ତି। ଅତଏବ ଭାରତରେ ସ୍କୁଲ ଖୋଲିବା ନେଇ ଦ୍ୱନ୍ଦ୍ୱ ଦୂର କରାଯାଇ ସ୍ପଷ୍ଟ ନୟମାବଳୀ ପ୍ରକାଶ ପାଇବା ଜରୁରୀ ହୋଇପଡ଼ିଲାଣି। ତାହାହେଲେ ଅଭିଭାବକ ଓ ସେମାନଙ୍କ ପିଲାମାନେ ଚିନ୍ତାମୁକ୍ତ ହେବେ। ଛାତ୍ରୀଛାତ୍ର ନିଜ ତରିକାରେ ଯେଭଳି ଘରେ ରହି ପଢ଼ି ଆସୁଛନ୍ତି ସେଥିରେ ମନକୁ ସ୍ଥିର କରିନେବେ। କାରଣ ସେମାନଙ୍କ ଶାରୀରିକ ସୁରକ୍ଷା ସବୁଠାରୁ ଆଗରେ ରହିବା ଦରକାର।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | | | C | 8 | | | 6 | | E | | 4 | 9 |
| 8 | 0 | | | | A | 6 | | | 3 | 4 | C | | 2 | |
| | 2 | | | 9 | | 3 | E | | | | | | | D |
| | C | | | | 6 | | | 1 | | | | | | B |
| | | E | 3 | 1 | | | | A | | | 0 | | 6 | |
| | | | | | | | C | | B | 1 | | | D | |
| | | | 8 | 5 | | | 3 | 4 | | | | | | 6 |
| | 6 | 1 | D | | 2 | | | | | | | E | | |
| | | 5 | | | 7 | 0 | 8 | | | | 4 | C | | 3 |
| | | | | | 4 | E | | | | C | | | 5 | |
| 5 | | | | | E | | | | | | | 9 | | 4 |
| | 9 | | | | 1 | | | C | | | 6 | 7 | | |
| | | | | 7 | | | D | | A | | | | 1 | |
| | D | | 5 | 0 | | | | 8 | E | 3 | B | | | |
| | | | 6 | | | | | | 4 | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 5 | 2 | 0 | A | 6 | 9 | 1 | 4 | D | 3 | C | B | E | 7 |
| 0 | B | C | 1 | 9 | 8 | E | 2 | 5 | A | 6 | 7 | 4 | D | 3 |
| 6 | 3 | D | 7 | E | 4 | 8 | 0 | A | B | 1 | 5 | C | 9 | 2 |
| 4 | 9 | 1 | 5 | D | B | C | 3 | 7 | 2 | 8 | E | 0 | 6 | A |
| 7 | E | A | C | 2 | 3 | D | 6 | B | 9 | 0 | 4 | 1 | 5 | 8 |
| D | 0 | 7 | 2 | C | E | 6 | 9 | 8 | 1 | 4 | B | 3 | A | 5 |
| A | C | 9 | 8 | B | 1 | 5 | D | 3 | 7 | E | 0 | 2 | 4 | 6 |
| 1 | 6 | 3 | D | 4 | 9 | A | B | 0 | C | 5 | 2 | 7 | 8 | E |
| B | 8 | 5 | 6 | 7 | 0 | 4 | E | 2 | 3 | A | D | 9 | 1 | C |
| 2 | 4 | E | 3 | 5 | A | 1 | 7 | C | 8 | 9 | 6 | D | 0 | B |
| 3 | D | 8 | 4 | 6 | 7 | B | 5 | E | 0 | C | 9 | A | 2 | 1 |
| C | 2 | 4 | 9 | 8 | D | 7 | A | 6 | 5 | B | 1 | E | 3 | 0 |
| E | A | 6 | B | 1 | 5 | 0 | C | D | 4 | 2 | 3 | 8 | 7 | 9 |
| 9 | 7 | 0 | E | 3 | C | 2 | 8 | 1 | 6 | D | A | 5 | B | 4 |
| 5 | 1 | B | A | 0 | 2 | 3 | 4 | 9 | E | 7 | 8 | 6 | C | D |

ଗତକାଲିର ଉତ୍ତର

# କୃଷକ ଓ ବିଧେୟକ

ସୁୟାଶ ତିୱାରୀ
ଆଦିତ୍ୟ କୁମାର

କୃଷି ସମ୍ପର୍କିତ ୩ଟି ବିଧେୟକ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଗୃହୀତ ହୋଇଛି। ସେଗୁଡିକ ହେଲା ଦି ଫାର୍ମର୍ସ ପ୍ରଡ୍ୟୁସ ଟ୍ରେଡ୍ ଆଣ୍ଡ୍ କମର୍ସ (ପ୍ରମୋଶନ ଆଣ୍ଡ୍ ଫାସିଲିଟେଶନ ବିଲ୍ ୨୦୨୦ ବା କୃଷି ଉତ୍ପାଦନର ବ୍ୟବସାୟ ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସୁଗମୀକରଣ) ବିଧେୟକ ୨୦୨୦, ଦି ଫାର୍ମର୍ସ (ଏମ୍‌ପାୱାରମେଣ୍ଟ ଆଣ୍ଡ୍ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ ଆସ୍ୟୁରାନ୍ସ ଆଣ୍ଡ୍ ଫାର୍ମ ସର୍ଭିସେସ ବିଲ୍ ୨୦୨୦ ବା କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟଧାର୍ଯ୍ୟ ଲାଗି ରାଜିନାମା ଓ କୃଷିସେବା ବିଧେୟକ ୨୦୨୦ ଏବଂ ଏସେନ୍‌ସିଆଲ କମୋଡିଟିଜ୍ ଆକ୍ଟ ଆମେଣ୍ଡ୍‌ମେଣ୍ଟ (ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ବିଧେୟକ) ୨୦୨୦। ଉତ୍ପାଦନର ବ୍ୟବସାୟ ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସୁଗମୀକରଣ) ବିଧେୟକ ୨୦୨୦ ଅନୁସାରେ କୃଷକମାନେ ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ସେମାନଙ୍କ ଉତ୍ପାଦକୁ ବିକ୍ରି କରିପାରିବେ। ଏଥିରେ ଏଗ୍ରିକଲ୍‌ଚର ପ୍ରଡ୍ୟୁସ ମାର୍କେଟିଂ କମିଟି (ଏପିଏମ୍‌ସି) ଏପିଏମ୍‌ସି ରହିଲେ ବି ଚାଷୀମାନେ ଏହାଦ୍ୱାରା କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ତାଲିକାଭୁକ୍ତ କୃଷି ଉତ୍ପାଦ (ରାଜ୍ୟର ଏପିଏମ୍‌ସି ଆକ୍ଟ ଅନୁସାରେ ନିୟନ୍ତ୍ରିତ) ଲାଗି ଏକ ଇଲେକ୍ଟ୍ରୋନିକ ଟ୍ରେଡିଂ ଆଣ୍ଡ୍ ଟ୍ରାଞ୍ଜାକ୍‌ଶନ ପ୍ଲାଟଫର୍ମ ଗଠନ କରାଯାଇ ଇଲେକ୍ଟ୍ରୋନିକ ଡିଭାଇସ ଓ ଇଣ୍ଟରନେଟ ଦ୍ୱାରା ଉତ୍ପାଦର କିଣାବିକା କରାଯାଇପାରିବ। ଯେଉଁ କମ୍ପାନୀ, ଭାଗୀଦାରି ଫାର୍ମ କିମ୍ବା ପଞ୍ଜୀକୃତ ସୋସାଇଟିର ଇନ୍‌କମ୍ ଟ୍ୟାକ୍ସ ଆକ୍ଟ, ୧୯୬୧ ଅନୁଯାୟୀ ସ୍ଥାୟୀ ଆକାଉଣ୍ଟ ଥିବ କିମ୍ବା କେନ୍ଦ୍ର ସରକାରଙ୍କ ଅଧିସୂଚିତ ଯେ କୌଣସି କାଗଜପତ୍ର ରହିଥିବ ସେମାନେ ଏହି ପ୍ଲାଟଫର୍ମ ଗଠନ କରି ତାହାର ପରିଚାଳନା କରିପାରିବେ। ଫାର୍ମର୍ସ ପ୍ରଡ୍ୟୁସର ସଂସ୍ଥା କିମ୍ବା କୋ-ଅପରେଟିଭ ସୋସାଇଟି ବି ଏହା କରିପାରିବେ। ସରକାର କୌଣସି ବଜାର ଶୁଳ୍କ, ସେସ୍ କୃଷକ, ବ୍ୟବସାୟୀ ଏବଂ ଇଲେକ୍ଟ୍ରୋନିକ ଟ୍ରେଡିଂ ପ୍ଲାଟଫର୍ମ ଉପରେ ଲଗାଇପାରିବେ ନାହିଁ।

ଦ୍ୱିତୀୟ ବିଧେୟକ ଦ୍ୱାରା ଫସଲର ମୂଲ୍ୟକୁ ସୁରକ୍ଷିତ କରିବା ସହିତ ବଜାରର ଅନିଶ୍ଚିତତା ଜନିତ କ୍ଷତିରୁ ରକ୍ଷାପାଇବା ପାଇଁ କୃଷକ ଗ୍ରାହକଙ୍କ ମଧ୍ୟରେ ବିନା ମଧ୍ୟସ୍ଥରେ କୃଷି ଉତ୍ପାଦ ସମ୍ପର୍କରେ ଚୁକ୍ତି କରାଯାଇପାରିବ। ଗୋଟିଏ ଫସଲ ଋତୁ ପାଇଁ କିମ୍ବା ଗୃହପାଳିତ ପଶୁଙ୍କ ଗୋଟିଏ ପ୍ରଡକ୍ସନ ସାଇକେଲ୍ (ଉତ୍ପାଦନ ଚକ୍ର) ପାଇଁ ଚୁକ୍ତିର ସର୍ବନିମ୍ନ ଅବଧି ରହିବ। ଏହି ଚୁକ୍ତି ସର୍ବାଧିକ ୫ ବର୍ଷ ପାଇଁ କରାଯାଇପାରିବ। ଚୁକ୍ତିରେ କୃଷି ଉତ୍ପାଦର ମୂଲ୍ୟ ଉଲ୍ଲେଖ ରହିବ। ମୂଲ୍ୟ କମ୍ ବେଶି ହେଲେ ଉତ୍ପାଦ ଲାଗି ଏକ ଗ୍ୟାରେଣ୍ଟେଡ୍ ମୂଲ୍ୟ ରଖାଯିବ ଏବଂ ଏହା ଉପରେ ଯଦି ମୂଲ୍ୟ ବୃଦ୍ଧି କରାଯାଏ ତେବେ କେତେ କରାଯିବ ତାହା ସ୍ପଷ୍ଟ ଭାବେ ଦର୍ଶାଯିବ। ପୁନଶ୍ଚ କେତେ ମୂଲ୍ୟ ନିର୍ଦ୍ଧାରଣ ହେବ ତାହା ଚୁକ୍ତିରେ ଉଲ୍ଲେଖ ରହିବାର ବ୍ୟବସ୍ଥା ରହିଛି। ଚୁକ୍ତି ଅନୁସାରେ ଏକ କନ୍‌ସିଲେଶନ ବୋର୍ଡ ରହିବ। କନସିଲେଶନ ପ୍ରୋସେସ୍ (ସମାଧାନ ପ୍ରକ୍ରିୟା)ରେ ସମସ୍ୟାର ସମାଧାନ କରାଯିବ। ସମସ୍ୟାର ସମାଧାନ ଲାଗି ବୋର୍ଡକୁ ଯିବାକୁ ପଡ଼ିବ। ୩୦ ଦିନ ମଧ୍ୟରେ ବୋର୍ଡରେ ସମାଧାନ ହୋଇ ନ ପାରିଲେ ପକ୍ଷ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ପାଖକୁ ଯାଇପାରିବେ। ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ନିଷ୍ପତ୍ତି ବିରୋଧରେ ପକ୍ଷମାନେ ବି ଆପିଲେଟ ଅଥରିଟି(ଜିଲାପାଳ କିମ୍ବା ଉପଜିଲାପାଳ)ଙ୍କୁ ଅଭିଯୋଗ କରିପାରିବେ। ପରେ ଉଭୟ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ଏବଂ ଆପିଲେଟ ଅଥରିଟିଙ୍କୁ ୩୦ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ହେବ। ଯେଉଁ ପକ୍ଷ ଚୁକ୍ତି ଭଙ୍ଗ କରୁଥିବେ ସେମାନଙ୍କ ଉପରେ ମାଜିଷ୍ଟ୍ରେଟ ଏବଂ ଆପିଲେଟ ଅଥରିଟି ଜରିମାନା ଲଗାଇପାରିବେ। କିନ୍ତୁ ଚାଷୀଙ୍କଠାରୁ ଟଙ୍କା ଅସୁଲ କରିବା ଲାଗି ତାଙ୍କ ଚାଷଜମି ଉପରେ କୌଣସି ପଦକ୍ଷେପ ନିଆଯାଇପାରିବ ନାହିଁ।

ତୃତୀୟଟି ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ବିଧେୟକ ୨୦୨୦। ଦି ଏସେନ୍‌ସିଆଲ କମୋଡିଟିଜ ଆକ୍ଟ ,୧୯୫୫ ବଳରେ କେନ୍ଦ୍ର ସରକାର ଅତ୍ୟାବଶ୍ୟକୀୟ ସାମଗ୍ରୀଗୁଡିକର ଉତ୍ପାଦ, ଯୋଗାଣ, ବଣ୍ଟନ, ବ୍ୟବସାୟ ଏବଂ ବାଣିଜ୍ୟକୁ ନିୟନ୍ତ୍ରଣ କରିପାରିବେ କିମ୍ବା ପ୍ରତିବନ୍ଧକ ଲଗାଇପାରିବେ। ଏହି ବିଧେୟକ ଅନୁସାରେ ଯୁଦ୍ଧ, ଦୁର୍ଭିକ୍ଷ କିମ୍ବା ଅତ୍ୟଧିକ ଦରବୃଦ୍ଧି ଭଳି ସ୍ଥିତି ନ ଉପୁଜିଲେ ଅତ୍ୟାବଶ୍ୟକ ବିବେଚିତ ହେଉଥିବା ଖାଦ୍ୟଶସ୍ୟ ମହଜୁଦ କରି ରଖିବାର ସୀମା ନେଇ କୌଣସି ପ୍ରତିବନ୍ଧକ ରହିବ ନାହିଁ।

ଭାରତରେ କୃଷି ବଜାର ମୁଖ୍ୟତଃ ଏପିଏମ୍‌ସି ନିୟମ ଦ୍ୱାରା ନିୟନ୍ତ୍ରିତ। କୃଷିଜାତ ଦ୍ରବ୍ୟର ଭଲ ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ବିକ୍ରେତା ଓ ଗ୍ରାହକଙ୍କ ମଧ୍ୟରେ ସ୍ୱଚ୍ଛ କାରବାର ସୁନିଶ୍ଚିତ କରିବା ଓ ମାର୍କେଟଗୁଡ଼ିକୁ ଭଲ ଭିତ୍ତିଭୂମି ଯୋଗାଇ ଦେବା ଏହାର ଲକ୍ଷ୍ୟ। କିନ୍ତୁ ଦି ଷ୍ଟାଣ୍ଡିଂ କମିଟି ଅନ୍ ଏଗ୍ରିକଲଚର (୨୦୧୮-୨୦୧୯)ର ଅନୁଧ୍ୟାନରୁ ଜଣାପଡିଥିଲା ଯେ, ଏପିଏମ୍‌ସି ନିୟମ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ ଓ ଏଥିରେ ଶୀଘ୍ର ସଂସ୍କାର ଅଣାଯିବା ଦରକାର। ଅଧିକାଂଶ ଏପିଏମ୍‌ସିର ସୀମିତ ବ୍ୟବସାୟ ଫଳରେ ବ୍ୟବସ୍ଥା ଆଗକୁ ବଢିପାରୁନାହିଁ। ବ୍ୟବସାୟୀ, ଦଲାଲ ଏବଂ ଅନ୍ୟ ସଂସ୍ଥା ଏଥିରେ ସାମିଲ ହେବାଦ୍ୱାରା ନୂଆ ବ୍ୟକ୍ତି ସହଜରେ ବଜାରକୁ ପ୍ରବେଶ କରିପାରୁନାହାନ୍ତି। ଏହାଦ୍ୱାରା ପ୍ରତିଦ୍ୱନ୍ଦ୍ୱିତା ପଛକୁ ହଟିଯାଉଛି। ଏହାବାଦ୍ କୃଷିଜାତ ଉତ୍ପାଦର ବ୍ୟବସାୟ ବିନା ବାଧାରେ ବିଭିନ୍ନ ମାର୍କେଟିଂ ବ୍ୟବସ୍ଥାରେ ବଢ଼ାଇବା ଲାଗି ୨୦୧୭-୧୮ରେ କେନ୍ଦ୍ର ସରକାର ମଧ୍ୟ ଏପିଏମ୍‌ସି ମଡେଲ ଏବଂ କଣ୍ଟ୍ରାକ୍ଟ ଫାର୍ମିଂ ଆକ୍ଟ ମଧ୍ୟ ଆଣିଥିଲେ। କିନ୍ତୁ ୨୦୧୮-୧୯ ଷ୍ଟାଣ୍ଡିଂ କମିଟି ଦର୍ଶାଇଲେ ଯେ, ଏହି ମଡେଲ ଆକ୍ଟ ସୁପାରିସ କରିଥିବା ବହୁ ସଂସ୍କାରକୁ ରାଜ୍ୟଗୁଡିକ କାର୍ଯ୍ୟକାରୀ କରିନାହାନ୍ତି। କୃଷି ବଜାରର ବ୍ୟବସ୍ଥା ଲାଗି ଏକ ବୈଧାନିକ ଢାଞ୍ଚା ପାଇଁ ସବୁ ରାଜ୍ୟର କୃଷି ମନ୍ତ୍ରୀମାନଙ୍କୁ ନେଇ ଏକ କମିଟି ଗଠନ କରିବାକୁ ଏହା ପରାମର୍ଶ ଦେଇଥିଲା। ଜୁଲାଇ, ୨୦୧୯ରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ବି ଗଠନ କରାଯାଇଥିଲା। ମଡେଲ ଆକ୍ଟକୁ ରାଜ୍ୟମାନେ ଠିକ୍ ସମୟରେ ଲାଗୁ କରିବା ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ, ୧୯୫୫କୁ ପରିବର୍ତ୍ତନ କରିବାକୁ ଏହା ସୁପାରିସ କରିଥିଲା। ଏହା ମଧ୍ୟ ଦର୍ଶାଇଥିଲା ଯେ, ଗାଁର ଛୋଟ ଛୋଟ ହାଟଗୁଡିକୁ ପର୍ଯ୍ୟାପ୍ତ ଭିତ୍ତିଭୂମି ଯୋଗାଇଦେଲେ ସେଗୁଡିକ କୃଷି ବଜାରର ବିକଳ୍ପ ଭାବେ ଆଗକୁ ଆସିପାରିବେ। ଏହି ଷ୍ଟାଣ୍ଡିଂ କମିଟି ଗ୍ରାମୀଣ ଏଗ୍ରିକଲଚର ମାର୍କେଟ୍‌ସ ସ୍କିମ୍ ଲାଗି ସୁପାରିସ କରିଥିଲା। ଏହାର ଲକ୍ଷ୍ୟ ଦେଶରେ ୨୨,୦୦୦ ଗ୍ରାମୀଣ ହାଟର ଭିତ୍ତିଭୂମି ବିକାଶ ଓ ସୁବିଧା ସୁଯୋଗ ଉପଲବ୍ଧ କରିବା। ଏହାକୁ ଏକ କେନ୍ଦ୍ରୀୟ ଯୋଜନା ଭାବେ ଗ୍ରହଣ କରି ସରକାର ଏଥିପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇଦେବା ଉଚିତ ଏବଂ ପ୍ରତି ପଞ୍ଚାୟତରେ ଗୋଟିଏ ହାଟ ଯେମିତି ରହିବ ତାହା ସୁନିଶ୍ଚିତ କରିବା ଦରକାର। ଷ୍ଟାଣ୍ଡିଂ କମିଟି ଉଲ୍ଲେଖ କରିଥିଲା ଯେ, ସ୍ୱଚ୍ଛ ଓ ସହଜ ମାର୍କେଟିଂ ବ୍ୟବସ୍ଥା ଉପଲବ୍ଧ ହେଲେ କୃଷକମାନେ ଲାଭ ପାଇପାରିବେ। କିନ୍ତୁ ଦେଶର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଯାହାଙ୍କ ପାଖରେ ଦେଶର ୮୬% ଚାଷଜମି ରହିଛି ସେମାନେ ଏପିଏମ୍‌ସି ମାର୍କେଟରେ ଉତ୍ପାଦ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପିଏମ୍‌ସିର ମାର୍କେଟ ହାରାହାରି ଏରିଆ ୪୯୬ ବର୍ଗ କି.ମି. ଏରିଆରେ ସେବା ଯୋଗାଉଛି। କିନ୍ତୁ ୨୦୦୬ରେ ଡ. ଏମ୍.ଏସ୍. ସ୍ୱାମୀନାଥନଙ୍କ ଅଧ୍ୟକ୍ଷତାରେ ଗଠିତ ନ୍ୟାଶନାଲ କମିଶନ ଅନ୍ ଫାର୍ମର୍ସ ସୁପାରିସ ଅନୁଯାୟୀ ଏହାର ସେବା ଯୋଗାଇବା ସୀମା ୮୦ ବର୍ଗ କି.ମି. ହେବା ଦରକାର। ଏସବୁଗୁଡିକୁ ଲକ୍ଷ୍ୟ ରଖି କୃଷକଙ୍କୁ ଲାଭ ଦେବା ପାଇଁ ସରକାର ଏବକାର ବିଧେୟକ ଆଣିଛନ୍ତି ତେବେ ଏହାର ସୁଫଳ ମିଳିବ କେବେ ତାହା ଦେଖିବାକୁ ପଡ଼ିବ।

କହିବାକୁ ଗଲେ ଏହିସବୁ ବିଧେୟକ ଦ୍ୱାରା ବେପାରକୁ ସରଳୀକରଣ ଏବଂ ଗ୍ରାହକ ସଂଖ୍ୟା ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଥିବାବେଳେ ଏପିଏମ୍‌ସି ଛାଡି ଏହା ଅଧିକ ଗ୍ରାହକଙ୍କୁ ଆକର୍ଷିତ କରି ନ ପାରେ। ଏହାର ଏକ ଉଦାହରଣ ନିଆଯାଇପାରେ। ଗ୍ରାହକ ଓ ନିବେଶକମାନଙ୍କୁ ଆକର୍ଷିତ କରିବା ପାଇଁ ୨୦୦୬ରେ ବିହାର ସରକାର ଏପିଏମ୍‌ସି ଆକ୍ଟ ପୂରା ବନ୍ଦ କରିଦେଇ ସେହି ଅଞ୍ଚଳର ସବ୍‌ଡିଭିଜନାଲ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ। ଏହା କିନ୍ତୁ ସଫଳ ହୋଇପାରି ନ ଥିଲା। କୃଷକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବଜାର ପରିଚାଳନା ଓ ନିବେଶକଙ୍କୁ ଆକୃଷ୍ଟ କରିବା ଲାଗି ଏକ ବୈଧାନିକ ଓ ସଂସ୍ଥାଗତ ଢାଞ୍ଚାର ଆବଶ୍ୟକତା ରହିଛି ବୋଲି ୨୦୧୦ରେ ରାଜ୍ୟର ମନ୍ତ୍ରୀମାନଙ୍କୁ ନେଇ ଗଠିତ କମିଟି ଦର୍ଶାଇଥିଲା। ଏହା ମଧ୍ୟ ସ୍ପଷ୍ଟ ଯେ, ଯେଉଁ ରାଜ୍ୟରେ ଏପିଏମ୍‌ସି ମାର୍କେଟ ନାହିଁ (ବିହାର, କେରଳ, ମଣିପୁର ଓ କେତେକ କେନ୍ଦ୍ରଶାସିତ ଅଞ୍ଚଳରେ) ସେଠାରେ ଏକ ବଜାର ଭିତ୍ତିଭୂମି ବିକାଶ କରିବା ଲାଗି ଷ୍ଟାଣ୍ଡିଂ କମିଟି ଅନ୍ ଏଗ୍ରିକଲଚର(୨୦୧୮-୨୦୧୯) ସୁପାରିସ କରିଥିଲା। ଏହିସବୁ ଘଟଣାକୁ ଦୃଷ୍ଟିରେ ରଖି ଏହି ବିଧେୟକଗୁଡିକ ବିହାର ଭଳି ଏବକାର ଏପିଏମ୍‌ସି ନିୟମକୁ ଲୋପ କରି ନ ଦେଇ ଏହାର ମାର୍କେଟ ପରିସରକୁ ନିୟନ୍ତ୍ରଣ କରିବ। ଏହି ସବୁ ବିଧେୟକ ମାର୍କେଟିଂ ପାଇଁ ମୂଲ୍ୟଯୁକ୍ତ ସେବା ଯୋଗାଇ ଦେବା ଲାଗି ଏପିଏମ୍‌ସିଗୁଡିକ ଅଧିକ କ୍ରିୟାଶୀଳ କରିପାରିବ। ଏହାଦ୍ୱାରା କୃଷକମାନେ ଅଧିକ ଲାଭ ପାଇପାରିବେ ବୋଲି ଆଶା କରିବା।

suyash@prsindia.org

# ଭାରତୀୟ କଳାକୃତି ଲୁଣ୍ଠନ



ଇଂ. ମାୟାଧର ସ୍ୱାଇଁ

ବ୍ରିଟିଶ୍ ରାଜତ୍ୱ ସମୟରେ ଭାରତର ଅନେକ ମନ୍ଦିର, ଦୁର୍ଗ, ପ୍ରାସାଦରୁ ଐତିହାସିକ ଓ ସାଂସ୍କୃତିକ ପ୍ରାଚୀନ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ଓ ଅନ୍ୟାନ୍ୟ କଳାକୃତିଗୁଡ଼ିକୁ ଇଂରେଜମାନେ ନିଜ ଦେଶକୁ ନେଇଯାଇଥିଲେ। ସେଥିମଧ୍ୟରୁ ଅଧିକାଂଶ ବର୍ତ୍ତମାନ ଇଂଲଣ୍ଡର ବିଭିନ୍ନ ଜାତୀୟ ସଂଗ୍ରହାଳୟରେ ରହିଛି ଏବଂ କେତେକ ବିଭିନ୍ନ ବ୍ୟକ୍ତିଗତ ସଂଗ୍ରହାଳୟରେ ଅଛି। ଟିପୁ ସୁଲତାନଙ୍କ ଖଣ୍ଡା ଓ ମହାତ୍ମା ଗାନ୍ଧୀଙ୍କ ଘଡ଼ି ଭଳି କେତୋଟି ଜିନିଷ ଅର୍ଥ ବିନିମୟରେ ଭାରତକୁ ଆସିଛି। କୋଣାର୍କର ନବଗ୍ରହ ମୂର୍ତ୍ତି, ଦକ୍ଷିଣ ଭାରତର ବିଭିନ୍ନ ମନ୍ଦିରର ନଟରାଜ ମୂର୍ତ୍ତି, କୋହିନୂର ହୀରା, ବଖଶାଳି ପାଣ୍ଡୁଲିପି (୧୮୮୧ ମସିହାରେ ପେଶବାର ନିକଟସ୍ଥ ବଖଶାଳି ଗ୍ରାମରୁ ଆବିଷ୍କୃତ ଚତୁର୍ଥ ଶତାବ୍ଦୀର ଗଣିତ ପୁସ୍ତକ), ଅନେକ ପ୍ରାଚୀନ ପୋଥି ଆଦି ଇଂଲଣ୍ଡରେ ଅଛି।

ବିଶେଷଜ୍ଞମାନଙ୍କ ଅନୁଯାୟୀ ୧୯୮୦ ମସିହା ପରଠାରୁ ପ୍ରାୟ ୨୦,୦୦୦ ମୂର୍ତ୍ତି, ସ୍ଥାପତ୍ୟ ଓ ଅନ୍ୟ କଳାକୃତି ଭାରତରୁ ଚୋରି ହୋଇ ବିଦେଶରେ ବିକ୍ରି ହୋଇଛି। ଏସବୁର ବଜାର ମୂଲ୍ୟ ଏକ ହଜାର କୋଟିରୁ ଅଧିକ ହେବ। ଚିନ୍ତାଜନକ ବିଷୟ ହେଉଛି ଯେ ଏହା ସାଧାରଣ ଛୋଟ ଚୋରର କାମ ନୁହେଁ, ବିଧିବଦ୍ଧ ଭାବେ ଗୋଟିଏ ର୍ୟାକେଟ୍ ଏଥିପାଇଁ କାର୍ଯ୍ୟ କରୁଛି। କିଛି ବର୍ଷ ତଳେ ନ୍ୟୁୟର୍କ ସହରରେ ଜଣେ କଳାକୃତି ବ୍ୟବସାୟୀ ସୁଭାଷ କପୁରଙ୍କ ଦୋକାନରେ ତଲାସି ନେବା ପରେ ୧୦୭ ନିୟୁତ ଡଲାର ମୂଲ୍ୟର କଳାକୃତି ମିଳିଥିଲା ଏବଂ ଏଥିରୁ ଅଧିକାଂଶ ଭାରତରୁ ଚୋରି ହୋଇଥିବାର ଜଣାପଡ଼ିଲା।

ବିଦେଶରେ ଧରାପଡ଼ିବା ପରେ କେତେକ କଳାକୃତି ଭାରତ ଆସିଛି। ୨୦୧୫ ମସିହା ସେପ୍ଟେମ୍ବର ମାସରେ ଅଷ୍ଟ୍ରେଲିଆର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଟୋନି ଆବୋଟ୍ଟ ଭାରତ ଗସ୍ତରେ ଆସିଥିବା ସମୟରେ ଏକାଦଶ ଶତାବ୍ଦୀର ଚୋରା ନଟରାଜ ମୂର୍ତ୍ତିକୁ ଭାରତକୁ ଫେରାଇଥିଲେ। ଏହାର ଏକମାସ ପରେ ଜର୍ମାନ୍ ଚାନ୍‌ସେଲର ଆଞ୍ଜେଲା ମେର୍କେଲ୍ ୨୦ ବର୍ଷ ପୂର୍ବେ କଶ୍ମୀରରୁ ଚୋରି ହୋଇଥିବା ଦଶମ ଶତାବ୍ଦୀର ଗୋଟିଏ ଦୁର୍ଗା ମୂର୍ତ୍ତି ଫେରାଇଥିଲେ। ୧୯୯୮ ମସିହାରେ ରାଜସ୍ଥାନର ବାରୋଲିସ୍ଥିତ ଘଟେଶ୍ୱର ମନ୍ଦିରରୁ ଚାରି ଫୁଟ ଉଚ୍ଚର ପଥର ନିର୍ମିତ ଗୋଟିଏ ନଟରାଜ ମୂର୍ତ୍ତି ଇଂଲଣ୍ଡକୁ ଚୋରା ଚାଲାଣ ହୋଇଥିଲା। ପନ୍ଦର ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ଜାଗା ହୋଇ ଶେଷରେ ଜଣେ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଏହାକୁ ଲଣ୍ଡନସ୍ଥିତ ଭାରତୀୟ ଦୂତାବାସକୁ ପ୍ରଦାନ କରିଥିଲେ। ତାହା ଏଇ ବର୍ଷ ଅଗଷ୍ଟରେ ଭାରତ ଫେରିଛି।

ଭାରତରୁ ଚୋରି ହୋଇଥିବା ଅନେକ କଳାକୃତି ବିଦେଶରେ ଧରାପଡ଼ି ସେହି ଦେଶର ସରକାରଙ୍କ ନିକଟରେ ଅଛି। ଯୁକ୍ତରାଷ୍ଟ୍ର ଆମେରିକାରେ କେବଳ ୧୯୦୦ଟି କଳାକୃତି ଜବତ ହୋଇଛି। ୟୁରୋପରେ ମଧ୍ୟ ଅନେକ ଚୋରି କଳାକୃତି ଧରାପଡ଼ିଛି। ସେଗୁଡ଼ିକୁ ଭାରତକୁ ଆଣିବାର ବ୍ୟବସ୍ଥା କରାଯିବା ଆବଶ୍ୟକ। ବିଦେଶରୁ କଳାକୃତିଗୁଡ଼ିକ ଭାରତକୁ ଫେରିଲେ ସେଗୁଡ଼ିକୁ କେଉଁଠାରେ ରଖାଯିବ, ଏହା ହେଉଛି ଗୋଟିଏ ପ୍ରଶ୍ନ। କେତେକଙ୍କ ମତରେ ଏହା ଯେଉଁ ବ୍ୟକ୍ତି କିମ୍ବା ଅନୁଷ୍ଠାନଠାରୁ ଚୋରି ହୋଇଛି, ସେମାନଙ୍କୁ ଫେରାଇଦେବା ଉଚିତ। ଅନ୍ୟ କେତେକଙ୍କ ମତରେ ଏହାକୁ ସରକାର ନିଜ ପାଖରେ ରଖିବା ଉଚିତ ଏବଂ ଭଲ କଳାକୃତିଗୁଡ଼ିକ ସଂଗ୍ରହାଳୟରେ ପ୍ରଦର୍ଶିତ ହେବା ଆବଶ୍ୟକ। ସଂଗ୍ରହାଳୟରେ ରହିଲେ କଳା ଐତିହାସିକମାନେ ଓ ଜନସାଧାରଣ ଏହାକୁ ଦେଖିବାର ସୁଯୋଗ ପାଇବେ। ଜଣାଯାଇଛି ଯେ, ଅନେକ କଳାକୃତିର ଉଦ୍ଧାର ପରେ ଏହା କୌଣସି ସଂଗ୍ରହାଳୟରେ ପ୍ରଦର୍ଶିତ ନ ହୋଇ ଭଣ୍ଡାର ଘରେ ପଡ଼ି ରହୁଛି। ୧୯୯୧ ମସିହାରେ ଇଂଲଣ୍ଡରୁ ଭାରତକୁ ଫେରିଥିବା ପ୍ରସିଦ୍ଧ ନଟରାଜ ମୂର୍ତ୍ତିକୁ କେହି ଦେଖିବାର ସୁଯୋଗ ପାଇନାହାନ୍ତି। ଏହାଦ୍ୱାରା ଉଦ୍ଧାରର କୌଣସି ଲାଭ ହେଉନାହିଁ ଏବଂ ଏଗୁଡ଼ିକ ପୁନଶ୍ଚ ଚୋରି ହୋଇଯିବାର ଆଶଙ୍କା ରହୁଛି।

ବେଳେବେଳେ ଗୋଟିଏ ଗୋଟିଏ କଳାକୃତିର ଅନେକ ଦାବିଦାର ଥାଆନ୍ତି। ବିଖ୍ୟାତ କୋହିନୂର ହୀରାକୁ ବିଚାର କରାଯାଉ। ଅନେକ ରାଜା, ମହାରାଜା ଓ ବାଦଶାହଙ୍କ ପାଖରେ ରହି ଶେଷରେ ଏହା ପଞ୍ଜାବ ସମ୍ରାଟ ରଣଜିତ ସିଂହଙ୍କ ପାଖରେ ଥିଲା। ତାଙ୍କ ମୃତ୍ୟୁ ପରେ ଇଂରେଜମାନେ ଏହାକୁ ତାଙ୍କ ପୁତ୍ରଠାରୁ ନେଇ ଯାଇ ଇଂଲଣ୍ଡ ପଠାଇଥିଲେ ଏବଂ ଏହା ବର୍ତ୍ତମାନ ଇଂଲଣ୍ଡ ରାଣୀଙ୍କ ରାଜମୁକୁଟରେ ଶୋଭା ପାଉଛି। ଏହାକୁ ଭାରତ ଫେରାଇ ଆଣିବା ପାଇଁ ଦାବି ହେଉଛି। ସ୍ୱାଭାବିକ ଭାବେ ପଞ୍ଜାବ ଏହାକୁ ପାଇବାକୁ କହୁଛି। ସେତେବେଳେ ଶିଖ୍ ସାମ୍ରାଜ୍ୟର ରାଜଧାନୀ ଲାହୋର ଥିଲା, ଯାହା ବର୍ତ୍ତମାନ ପାକିସ୍ତାନର ଅନ୍ତର୍ଗତ। ଏଣୁ ପାକିସ୍ତାନ ମଧ୍ୟ ଏହାକୁ ଦାବି କରୁଛି। ଅନ୍ୟପକ୍ଷରେ ମୃତ୍ୟୁ ପୂର୍ବରୁ କୋହିନୂରକୁ ଜଗନ୍ନାଥ ମନ୍ଦିରକୁ ଦେବା ପାଇଁ ମହାରାଜା ରଣଜିତ ସିଂହ ଚିଠି ଲେଖିଥିଲେ ଏବଂ ଫଳରେ ଏହା ଜଗନ୍ନାଥ ମନ୍ଦିରକୁ ଆଣିବା ପାଇଁ ଓଡ଼ିଶାର ଦାବି ହୋଇଛି।

ମନ୍ଦିରର ମୂର୍ତ୍ତିଗୁଡିକୁ ଜୀବନ୍ତ ପରମ୍ପରାର ଏକ ଅଂଶ ଭାବେ ଭାରତରେ ମନେକରାଯାଏ। ଏହାର ସୃଷ୍ଟିକର୍ତ୍ତା ଏହାକୁ ମନ୍ଦିର ପାଇଁ ସୃଷ୍ଟି କରିଥିଲେ, ସଂଗ୍ରହାଳୟ ପାଇଁ ନୁହେଁ।ଏଣୁ ଏଗୁଡିକୁ ମନ୍ଦିରରେ ପୁନଃସ୍ଥାପନ କଲେ ଏହା ସହିତ ସଂଶ୍ଳିଷ୍ଟ ସଂସ୍କୃତି ଓ ପରମ୍ପରା ଉଜ୍ଜୀବିତ ହେବ।

ଆମର କଳାକୃତିଗୁଡ଼ିକୁ ଚୋରିରୁ ବଞ୍ଚାଇବାକୁ ହେଲେ ଏଗୁଡିକ ଉପଯୁକ୍ତ ସୁରକ୍ଷା ଆବଶ୍ୟକ। ମୋଟାମୋଟି ଭାବେ କହିଲେ ଆମ କଳାକୃତିଗୁଡ଼ିକର ତାଲିକା ପ୍ରସ୍ତୁତ କରି ସର୍ବସାଧାରଣରେ ପ୍ରକାଶ କରିବା ସହ ଏଗୁଡ଼ିକର ଉପଯୁକ୍ତ ସୁରକ୍ଷା ଦରକାର ଏବଂ ଭାରତରୁ ଚୋରିହୋଇ ବିଦେଶରେ ଥିବା କଳାକୃତିଗୁଡିକୁ ଦେଶକୁ ଫେରାଇ ଆଣିବା ପାଇଁ ଚେଷ୍ଟା ଆବଶ୍ୟକ। ପ୍ରାଚୀନ କଳାକୃତିଗୁଡ଼ିକର ସୁରକ୍ଷା ପାଇଁ ''ଦି ଆଣ୍ଟିକ୍ ଏଣ୍ଡ୍ ଆର୍ଟ ଟ୍ରେଜର ଆକ୍ଟ-୧୯୭୨'' ଦେଶରେ ଅଛି। ଏହା କଡ଼ାକଡ଼ି ପାଳନ ହେବା ଆବଶ୍ୟକ। ଅଧିକାଂଶ ଚୋରାଚାଲାଣ ସମୁଦ୍ର ପଥରେ ହେଉଥିବାରୁ ତଟରକ୍ଷୀମାନଙ୍କୁ ଏଥିପାଇଁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ଉଚିତ ହେବ।

୭୦, ଲକ୍ଷ୍ମୀବିହାର ଫେଜ୍ ୧, ଭୁବନେଶ୍ୱର
ମୋ-୯୪୩୮୬୯୩୭୨୪

## ଏଇ ଭାରତରେ

ହରିୟାଣା ରେୱାଡି ଜିଲା ଟାଁଣି କୋଲାନ ପଞ୍ଚାୟତର ଖୋଲଖଣ୍ଡ ଗାଁ ଦେଶରେ ଏକ ନିଆରା ପରିଚୟ ଆଣିପାରିଛି। ସ୍ୱଚ୍ଛତା ଅଭିଯାନ ଦେଶରେ ଆରମ୍ଭ ହେବା ପରେ ୨୦୧୭ରେ ଏହି ଗାଁକୁ ରାଜ୍ୟର ପ୍ରଥମ ଖୋଲା ମଳମୁକ୍ତ ଗାଁ ଭାବେ ଘୋଷଣା କରାଯାଇଥିଲା। ଟାଁଣି କୋଲାନ ପଞ୍ଚାୟତର ସରପଞ୍ଚ ମନୋଜ ଶାସ୍ତ୍ରୀ ତାଙ୍କ ଗାଁ ଖୋଲାଖଣ୍ଡରେ ୧୦ଟି ସ୍ଥାନରେ ସାର୍ବଜନୀନ ଶୌଚାଳୟ ନିର୍ମାଣ କରିଛନ୍ତି। ଏଠାରେ ପାଣି ଯୋଗାଣର ବ୍ୟବସ୍ଥା କରାଯାଇଛି। ନିୟମିତ ସଫା କରାଯିବା ଲାଗି ଲୋକ ନିଯୁକ୍ତ ହୋଇଛନ୍ତି। ଏହିଗାଁର ସବୁ ଘରୁ ବର୍ଜ୍ୟ ସଂଗ୍ରହ କରାଯାଇ ଗାଁ ବାହାରରେ ଏକ ସ୍ଥାନରେ ଠୁଳ କରାଯାଏ। ଏଥିରୁ ବିକ୍ରିଯୋଗ୍ୟ ସ୍କ୍ରାପ୍‌କୁ ଲୋକମାନଙ୍କୁ ନିଲାମ କରାଯାଇ ଲବ୍ଧ ଅର୍ଥକୁ ସ୍ୱଚ୍ଛତା ପାଇଁ ବ୍ୟୟ କରାଯାଏ। ବର୍ଜ୍ୟରୁ ପ୍ରସ୍ତୁତ ଜୈବିକ ଖତକୁ କୃଷକମାନଙ୍କୁ ଶସ୍ତାରେ ଦିଆଯାଉଛି। ଉକ୍ତ ଗାଁରେ ନିର୍ମାଣ କରାଯାଇଥିବା ଏକ ଷ୍ଟାଡିୟମରେ ଖେଳ ଉପକରଣ ରଖାଯିବା ସହ ଜିମ୍‌ର ବ୍ୟବସ୍ଥା କରାଯାଇଛି। ଗାଁର ସବୁ ଗଳି ରାସ୍ତା ପକ୍କା। ଏହାକୁ ପ୍ରତିଦିନ ସଫା କରାଯାଏ। ଗାଁରେ ଦୁଇଟି ପାର୍କ କରାଯାଇଛି, ଯେଉଁଠି ବରିଷ୍ଠ ନାଗରିକମାନେ ଚାଲିବାର ସୁଯୋଗ ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ସେପ୍ଟେମ୍ବର ୧୯୯୫

- ଶିଶୁମାନଙ୍କ ପ୍ରତି କଲ୍ୟାଣମୂଳକ କାର୍ଯ୍ୟକ୍ରମ ନିମନ୍ତେ ବ୍ରିଟେନର ଯୁବରାଣୀ ଡାଏନାଙ୍କୁ ଅନ୍ତର୍ଜାତୀୟ ମାନବିକତା ପୁରସ୍କାର ପ୍ରଦାନ କରାଯାଇଛି।
- ସଂସ୍କୃତି, ଶିକ୍ଷା, ପର୍ଯ୍ୟଟନ ଓ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସହଯୋଗ ପାଇଁ ଭାରତ ଓ କିର୍ଗିଜସ୍ତାନ ମଧ୍ୟରେ ୩ଟି ରାଜିନାମା ସ୍ୱାକ୍ଷରିତ।
- ସୁଲଭ ମୂଲ୍ୟରେ କାର୍ ଉତ୍ପାଦନ ପାଇଁ ହିନ୍ଦୁସ୍ତାନ ମୋଟର୍ସ ଓ ଅଷ୍ଟ୍ରେଲିଆର ଓକା ମୋଟର କମ୍ପାନୀ ମଧ୍ୟରେ ଚୁକ୍ତି।

## ଚିରନ୍ତନୀ

ସମର ନୁହଇ ସୁଷମା ତୋର
ରୂପର ଭୂଷା
ମିଛ ଆବରଣେ ଲୁଚଇ ସିନା
ଦେହର ତୃଷା।
(ପ୍ରାଚୀନ)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୋଷୀଙ୍କୁ କଠୋର ଦଣ୍ଡ ମିଳୁ

ମହାଶୟ,
କିଛିଦିନ ତଳେ ଭୁବନେଶ୍ୱରରେ ବ୍ରାଉନସୁଗାର ସେବନ କରୁଥିବା ୧୦ ଜଣ ନିଶାସକ୍ତ ଯୁବକ ଜଣେ ୧୪ ବର୍ଷ ବୟସର ବାଳକକୁ ଅତ୍ୟନ୍ତ ନିର୍ଦ୍ଦୟ ଭାବରେ ହତ୍ୟା କରିଛନ୍ତି। ଏହି ଦୁଃଖଦ ଘଟଣାରେ ସରକାର ସଂପୃକ୍ତ ପୁତ୍ରହରା ମାତାପିତାଙ୍କୁ ସହାୟତା ରାଶି ପ୍ରଦାନ କରିବା ଉଚିତ। ଏଥିସହିତ ଅପରାଧୀମାନଙ୍କୁ କଠୋର ଦଣ୍ଡ ଦେବା ଉଚିତ। ଏଭଳି ଜଘନ୍ୟ ଅପରାଧୀମାନଙ୍କୁ ଖାଇବା ପିଇବାକୁ ଦେଇ ଜେଲରେ ରଖାଯିବା ଉଚିତ ନୁହେଁ ; କାରଣ ଏଥିପାଇଁ କରଦାତାଙ୍କ ଅର୍ଥରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଯିବ। ସୁତରାଂ, ଆମ ପୋଲିସ ଉତ୍ତରପ୍ରଦେଶ ତଥା ହାଇଦ୍ରାବାଦ ପୋଲିସର ପଦାଙ୍କ ଅନୁସରଣ କରିବା ଉଚିତ। ରାଜ୍ୟରେ ମଧ୍ୟ ସମସ୍ତ ପ୍ରକାରର ନିଶାଦ୍ରବ୍ୟର ବିକ୍ରିକୁ ତୁରନ୍ତ ନିଷିଦ୍ଧ କରାଯିବା ଉଚିତ।

ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟାଟା ସନ୍ସ ହାତ ଛାଡ଼ିବ ପୋଲୋନଜୀ ଗ୍ରୁପ୍

ନୂଆଦିଲ୍ଲୀ,୨୨।୯



- ସୁପ୍ରିମକୋର୍ଟଙ୍କୁ ସ୍ପଷ୍ଟ କଲା ଗ୍ରୁପ୍
- ଟାଟା ସନ୍ସ ଅଂଶଧନ ବିକିବାରୁ ବିରତ କଲେ ସର୍ବୋଚ୍ଚ ନ୍ୟାୟାଳୟ
- ଛିନ୍ନ ହୋଇଯିବ ୭୦ ବର୍ଷର ଦୁଇ ପରିବାରର ସମ୍ପର୍କ

ଟାଟା ଗ୍ରୁପ୍ କମ୍ପାନୀ ପରିଚାଳନା କରୁଥିବା ଟାଟାସନ୍ସ ଅଂଶୀଦାର ରହିଥିବା ସାପୁରଜୀ ପାଲୋନଜୀ ଗ୍ରୁପ୍ ସମ୍ପର୍କ ଛିନ୍ନ ହେବା ସ୍ଥିତିକୁ ଆସିଛି। ପାଲୋନଜୀ ଗ୍ରୁପ୍ ଟାଟାସନ୍ସରେ ରହିଥିବା ଏହାର କିଛି ଅଂଶଧନକୁ ବନ୍ଧକ ରଖି ପୁଞ୍ଜି ଉଠାଣ କରିବାକୁ ଚାହୁଁଥିଲା। ଏହାକୁ ଟାଟା ସନ୍ସ ବୋର୍ଡ ବାରଣ କରିବା ପରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ସୁପ୍ରିମକୋର୍ଟ ମଧ୍ୟ ପାଲୋନଜୀ ଗ୍ରୁପ୍‌ର ଏହି କାର୍ଯ୍ୟକୁ ବାରଣ କରିଛନ୍ତି। ଏଭଳି ସ୍ଥିତିରେ ଦୁଇ ଗ୍ରୁପ ମଧ୍ୟରେ ବିବାଦ ଆହୁରି ତୀବ୍ରତର ହୋଇଛି। ପାଲୋନଜୀ ଗ୍ରୁପ୍ ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ କହିଛି ଯେ, ଟାଟାସନ୍ସର ହାତ ଛାଡିବାକୁ ଗ୍ରୁପ୍ ଚାହୁଁଛି। ଏକ ଉଚିତ ସମାଧାନ ପାଇଲେ ଏହା ଟାଟା ଗ୍ରୁପ୍ ହାତ ଛାଡିଦେବ। ଏଭଳି ଦେଲେ ଦୀର୍ଘ ୭୦ ବର୍ଷ ଧରି ଦୁଇ ଗ୍ରୁପ ମଧ୍ୟରେ ରହିଥିବା ସମ୍ପର୍କ ଛିନ୍ନ ହୋଇଯିବ ବୋଲି ଚର୍ଚ୍ଚା ଜୋର ଧରିଛି।

ବର୍ତ୍ତମାନ ଟାଟା ସନ୍ସରେ ପାଲୋନଜୀ ଗ୍ରୁପ୍‌ର ୧୮.୫% ଅଂଶଧନ ରହିଛି। ଗ୍ରୁପ୍ କହିଛି ଯେ, ଟାଟା ଗ୍ରୁପ୍‌ରୁ ବାହାରିବା ଏବେ ଜରୁରୀ ହୋଇ ପଡିଛି। ଏଭଳି ଆଇନଗତ ମାମଲା ଯୋଗୁ କମ୍ପାନୀ ଉପରେ ଖରାପ ପ୍ରଭାବ ପଡିଛି। ଏହି ୨ ଗ୍ରୁପ ମଧ୍ୟରେ ଦୀର୍ଘଦିନର ସମ୍ପର୍କ ରହିଛି। ବିଶ୍ୱାସ ଏବଂ ବନ୍ଧୁତ୍ୱ ସହ ସବୁ କାମ ଆଜି ଯାଏ ଚାଲି ଆସିଛି। ଦୁଇ ଗ୍ରୁପ୍‌ର ସମ୍ପର୍କ ଛିନ୍ନ ହୋଇଗଲେ ଏହା ସବୁ ଅଂଶୀଦାରଙ୍କ ପାଇଁ ମଧ୍ୟ ଭଲ ହେବ। ପାଲୋନଜୀ ଗ୍ରୁପ୍‌ର ଅଂଶଧନ କିଣିବା ଲାଗି ସୁପ୍ରିମକୋର୍ଟଙ୍କୁ ଟାଟା ଗ୍ରୁପ କହିବା ପରେ ଦୁଇ ଗ୍ରୁପ୍‌ର ବିଚ୍ଛିନ୍ନ ହେବା ଖବର ସାମ୍ନାକୁ ଆସିଛି। ଅକ୍ଟୋବର ୨୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଟାଟାସନ୍ସରେ ସଂଖ୍ୟାଲଘୁ ଅଂଶଧନ ହାସଲକାରୀଙ୍କ ମଧ୍ୟରେ ସାଇରସ ମିସ୍ତ୍ରିଙ୍କ ପରିବାର ସବୁଠାରୁ ଆଗରେ ରହିଛି।

୨୦୧୬ରେ ଗଭର୍ନାନ୍ସ ପ୍ରସଙ୍ଗରେ ସାପୁରଜୀ ପୋଲୋନଜୀ ଗ୍ରୁପ୍‌କୁ ପ୍ରତିନିଧିତ୍ୱ କରୁଥିବା ସାଇରସ ମିସ୍ତ୍ରି ଏବଂ ଟାଟା ଗ୍ରୁପ ମଧ୍ୟରେ ମତଭେଦ ଉପୁଜିଥିଲା। ସେହିଠାରୁ ହିଁ ଟାଟା ପରିବାର ଏବଂ ମିସ୍ତ୍ରି ପରିବାର ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଗଭର୍ନାନ୍ସ ପ୍ରସଙ୍ଗରେ ମିସ୍ତ୍ରିଙ୍କୁ ଟାଟା ସନ୍ସ ଅଧ୍ୟକ୍ଷ ପଦବୀରୁ ହଟାଇ ଦିଆଯାଇଥିଲା। ଏହା ପରେ ପରେ ଦୁଇ ଗ୍ରୁପ ମଧ୍ୟରେ କଳି ସାମ୍ନାକୁ ଆସିଥିଲା। ସାଇରସ ମିସ୍ତ୍ରିଙ୍କୁ ହଟାଇବା ପରଠାରୁ ବିବାଦ ଥମୁନାହିଁ। ସାପୁରଜୀ ପାଲୋନଜୀ ଗ୍ରୁପ୍ କରୋନା ପାଇଁ ବ୍ୟବସାୟ କ୍ଷତି ସହିବାରୁ ଅଂଶଧନ ବିକି ଅର୍ଥ ଯୋଗାଡ କରିବାକୁ ଚାହୁଁଥିଲା। ଏହା ଟାଟା ଗ୍ରୁପ ଯୋଗୁ ବାଧାପ୍ରାପ୍ତ ହୋଇଥିବା ଗ୍ରୁପ୍ ନିକଟରେ କହିଥିଲା। ଏଭଳି କାର୍ଯ୍ୟରୁ ବିରତ ରହିବା ଲାଗି ସାପୁରଜୀ ପୋଲୋଜୀ ଗ୍ରୁପ୍‌କୁ ସୁପ୍ରିମକୋର୍ଟ କହିବା ପରେ ସମସ୍ତଙ୍କ ନଜର ଏବେ ଆଗାମୀ ଘଟଣା ଉପରେ ରହିଛି।

# ରିଜର୍ଭ ବ୍ୟାଙ୍କ ଅଧୀନକୁ ଆସିବ ସମବାୟ ବ୍ୟାଙ୍କ

ନୂଆଦିଲ୍ଲୀ,୨୨।୯



କୋଭିଡ୍-୧୯ ଯୋଗୁ ଦେଶର ଅନେକ ସମବାୟ ବ୍ୟାଙ୍କ ବର୍ତ୍ତମାନ ଚାପଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତିକୁ ରିଜର୍ଭ ବ୍ୟାଙ୍କ ବର୍ତ୍ତମାନ ତର୍ଜମା କରୁଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ସୂଚନା ଦେଇଛନ୍ତି। ୧୯୬୫ ପରଠାରୁ ନିୟନ୍ତ୍ରଣାଧୀନ ସଂସ୍ଥାଗୁଡ଼ିକ ଏହା ପରିସରରେ ଆସୁଛନ୍ତି। ୨୭୭ ଅର୍ବାନ କୋଅପରେଟିଭ ବ୍ୟାଙ୍କ କ୍ଷତି ସାମ୍ନା କରିଛନ୍ତି। ଏହା ମଧ୍ୟରୁ ୧୦୫ ଅର୍ବାନ କୋଅପରେଟିଭ ବ୍ୟାଙ୍କ ନ୍ୟୂନତମ ନିୟାମକ ପୁଞ୍ଜି ଆବଶ୍ୟକତା ନିୟମ ପାଳନ କରିବାକୁ ସକ୍ଷମ ହେଉନାହାନ୍ତି। ୪୭ଟିରେ ନେଗେଟିଭ୍ ନେଟ୍‌ଓ୍ୱର୍ଥ ରହିଛି। ୩୨୮ ଅର୍ବାନ କୋଅପରେଟିଭ ବ୍ୟାଙ୍କରେ ୧୫% ମୋଟ୍ ଏନ୍‌ପିଏ ରହିଛି। ମହାମାରୀ ଯୋଗୁ ଏହି ବ୍ୟାଙ୍କଗୁଡିକର ଚାପ ଆହୁରି ବଢ଼ିଯାଇଛି। ବ୍ୟାଙ୍କଗୁଡିକର ମୋଟ ଏନ୍‌ପିଏ ଅନୁପାତ ମାର୍ଚ୍ଚ ୨୦୧୯ରେ ୭.୨୭% ରହିଥିବା ବେଳେ ଏହା ୨୦୨୦ ମାର୍ଚ୍ଚରେ ୧୦%କୁ ବୃଦ୍ଧି ଘଟିଥିବା ଲୋକ ସଭାରେ ସୀତାରାମନ ଏହି ସୂଚନା ଦେଇଛନ୍ତି। ବ୍ୟାଙ୍କିଙ୍ଗ୍ ରେଗୁଲେଶନ ସଂଶୋଧନ ବିଲ୍‌କୁ ସଂସଦରେ ଅନୁମୋଦନ ମିଳିଛି। ଏହି ବିଲ୍‌କୁ ରାଜ୍ୟ ସଭା ମଙ୍ଗଳବାର ମଞ୍ଜୁରୀ ପ୍ରଦାନ କରିଥିଲା। ସୀତାରାମନ କହିଛନ୍ତି ଯେ, ନିୟମ ସଂଶୋଧନ ଦ୍ୱାରା ଆର୍‌ବିଆଇ ପରିସରକୁ ସମବାୟ ବ୍ୟାଙ୍କଗୁଡିକ ଆସିବେ। ଏହାଦ୍ୱାରା ନିବେଶକଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବ।

# ଟିକସ ଅନୁପାଳନ ଆଶ୍ୱସ୍ତି ବିଲ୍‌କୁ ଅନୁମୋଦନ

ନୂଆଦିଲ୍ଲୀ,୨୨।୯

କୋଭିଡ୍ ସମୟରେ ଟିକସଦାତାଙ୍କୁ ବିଭିନ୍ନ ଅନୁପାଳନ କ୍ଷେତ୍ରରେ ଆଶ୍ୱସ୍ତି ପ୍ରଦାନ ଲାଗି ଟାକ୍ସେସନ ବିଲ୍‌କୁ ମଙ୍ଗଳବାର ସଂସଦର ଅନୁମୋଦନ ମିଳିଛି। ଟିକସ ଏବଂ ଅନ୍ୟ ଆଇନ (କୋହଳ ଏବଂ କିଛି ବ୍ୟବସ୍ଥାର ସଂଶୋଧନ) ବିଲ୍ ୨୦୨୦କୁ ମଞ୍ଜୁରୀ ମିଳିଛି। ଏ ନେଇ ପୂର୍ବରୁ ସରକାର ଏକ ଅଧ୍ୟାଦେଶ ଜାରି କରିଥିଲେ। କେତେକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଆଇନରେ ସଂଶୋଧନ କରିବା ଲାଗି ଏଭଳି ବ୍ୟବସ୍ଥା କରାଯାଇଛି। ଏହାକୁ ରାଜ୍ୟ ସଭାରେ ବାଚନିକ ଭୋଟରେ ପାସ୍ କରାଯାଇଛି। ସେପ୍ଟେମ୍ବର ୧୯ରେ ଏହି ବିଲ୍‌କୁ ଲୋକ ସଭା ଅନୁମୋଦନ ପ୍ରଦାନ କରିଥିଲା। ଏହି ବିଲ୍ ଦ୍ୱାରା ରିଟର୍ନ ଫାଇଲିଂ ଶେଷ ସୀମା ବୃଦ୍ଧି ଏବଂ ପାନ୍-ଆଧାର ଲିଙ୍କ୍ ଅବଧି ବଢାଯିବ। ସେହିଭଳି ପିଏମ୍ କେୟାର୍ସ ପାଣ୍ଠିକୁ ଦାନରେ ଟିକସ ରିହାତି ସହିତ ଟିକସଦାତାଙ୍କୁ ଅନ୍ୟ ସୁବିଧା ସାମିଲ ରହିଛି। ସରକାର ଏ ସଂକ୍ରାନ୍ତ ଅଧ୍ୟାଦେଶ ମାର୍ଚ୍ଚରେ ଆଣିଥିଲେ।

# ସାମ୍‌ସଙ୍ଗ୍‌ର ନୂଆ କର୍ଡ ମାଏଷ୍ଟ୍ରୋ ରେଫ୍ରିଜରେଟର

ନୂଆଦିଲ୍ଲୀ,୨୨।୯

ସାମ୍‌ସଙ୍ଗ୍ ପକ୍ଷରୁ ଏହାର ନୂତନ ଉତ୍ପାଦ କର୍ଡ ମାଏଷ୍ଟ୍ରୋ ରେଫ୍ରିଜରେଟରର ୪ଟି ନୂଆ ମଡେଲର ଶୁଭାରମ୍ଭ କରାଯାଇଛି। କମ୍ପାନୀର ଏହି ମଡେଲ ବେଶ୍ ଲୋକପ୍ରିୟ ହୋଇଥିବା ବେଳେ ବର୍ତ୍ତମାନ ଅତିରିକ୍ତ କ୍ଷମତା ସହ ଆସୁଛି। ଦହି ବା କର୍ଡ ତିଆରି କରିପାରୁଥିବା ବିଶ୍ୱର ପ୍ରଥମ ରେଫ୍ରିଜରେଟର ଭାବରେ ଏହା ବଜାର ପ୍ରବେଶ କରିଛି। ଏହି କର୍ଡ ମାଏଷ୍ଟ୍ରୋ ବର୍ତ୍ତମାନ ୩୮୬ ଓ ୪୦୭ ଲିଟର କ୍ଷମତାରେ ଉପଲବ୍ଧ ହେଉଛି। ଏହା ସାମ୍‌ସଙ୍ଗ୍‌ର ନିଜସ୍ୱ ଉଦ୍ଭାବନ। କନଭର୍ଟିବୁଲ ୫-ଇନ୍-୧ଟେକ୍ନୋଲୋଜି, ଟ୍ୱିନ କୁଲିଙ୍ଗ ପ୍ଲସ୍, ଡିଜିଟାଲ ଇନ୍‌ଭର୍ଟର ଟେକ୍ନୋଲୋଜି ଓ ଷ୍ଟାବିଲାଇଜର ଫ୍ରି ଅପରେଶନ ସହିତ ଏହା ଆସୁଛି। ଡବଲ ଡୋର ଫ୍ରଷ୍ଟ ଫ୍ରି କର୍ଡ ମାଏଷ୍ଟ୍ରୋ ରେଫ୍ରିଜରେଟରର ନୂତନ ମଡେଲଗୁଡିକର ଏକ ଷ୍ଟେନ୍‌ଲେସ ଷ୍ଟିଲ୍ କର୍ଡ କଣ୍ଟେନର ସହ ଆସୁଛି। କର୍ଡ ମାଏଷ୍ଟ୍ରୋ ରେଞ୍ଜର ରେଫ୍ରିଜରେଟରଗୁଡିକ ସାମ୍‌ସଙ୍ଗ୍‌ର ମେକ୍ ଫର୍ ଇଣ୍ଡିଆ ଉଦ୍ଭାବନର ଅଂଶ, ଯାହାଦ୍ୱାରା ଆପଣ କମ୍ ଖର୍ଚ୍ଚ ଓ ଅଧିକ ଶକ୍ତି ସଞ୍ଚୟ କରିପାରିବେ ବୋଲି ସାମ୍‌ସଙ୍ଗ୍ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ବିଜ୍‌ନେସର ବରିଷ୍ଠ ଉପାଧ୍ୟକ୍ଷ ରାଜୁ ପୁଲାନ କହିଛନ୍ତି, ଆମର ଏହି କର୍ଡ ମାଏଷ୍ଟ୍ରୋ ରେଫ୍ରିଜରେଟର ଉପଭୋକ୍ତାଙ୍କଠାରୁ ବେଶ୍ ଭଲ ରେସପନ୍ସ ମିଳିଛି।




# ଜିଓ ପକ୍ଷରୁ 'ଜିଓ ପୋଷ୍ଟପେଡ୍ ପ୍ଲସ୍'

ମୁମ୍ବାଇ,୨୨।୯

ରିଲାଏନ୍ସ ଜିଓ ପକ୍ଷରୁ ଭାରତରେ ପୋଷ୍ଟପେଡ୍ ଗ୍ରାହକଙ୍କ ପାଇଁ ଜିଓ ପୋଷ୍ଟପେଡ୍ ପ୍ଲସ୍ ସେବା ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା ମାଧ୍ୟମରେ ଗ୍ରାହକମାନେ ବିନା କୌଣସି ଅତିରିକ୍ତ ମୂଲ୍ୟରେ ନେଟ୍‌ଫ୍ଲିକ୍ସ, ଆମାଜାନ ପ୍ରାଇମ ଓ ଡିଜ୍‌ନି+ ହଟ୍‌ଷ୍ଟାରର ସୁବିଧା ମଧ୍ୟ ପାଇପାରିବେ। ସେହିଭଳି ପରିବାର ପ୍ଲାନ୍ ସହ ଡାଟା ରୋଲ୍ ଓଭର ସୁବିଧା ମଧ୍ୟ ଉଠାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଭାରତର ପ୍ରଥମ ବିମାନ ମଧ୍ୟରେ ଫୋନ ସେବା ଏବଂ ଆମେରିକା ଓ ୟୁଏଇରେ ବିନା ମୂଲ୍ୟରେ ଆନ୍ତର୍ଜାତିକ ରୋମିଂ ସୁବିଧା ସହ ବିଶ୍ୱର ଯେକୌଣସି ସ୍ଥାନରୁ ୧ଟଙ୍କାରେ ଭାରତକୁ କଲ୍ କରିବାର ସୁବିଧା ଆଦି ମିଳିପାରିବ। ଏହି ସେବା ଜରିଆରେ ମାଗଣା ହୋମ୍ ଡେଲିଭରି ଏବଂ ଆକ୍ଟିଭେସନ ସହ ବିନା ସମୟ ଅପଚୟରେ ନିଜର ପ୍ରଚଳିତ ନମ୍ବରକୁ ଜିଓରେ ରୂପାନ୍ତରିତ କରାଇବା ଭଳି ସେବା କମ୍ପାନୀ ପ୍ରଦାନ କରୁଛି। ଏ ସମ୍ପର୍କରେ ଜିଓର ନିର୍ଦ୍ଦେଶକ ଆକାଶ ଅମ୍ବାନୀ କହିଛନ୍ତି, ଜିଓ ପୋଷ୍ଟପେଡ୍ ପ୍ଲସ୍‌କୁ ଉନ୍ମୋଚନ କରିବା ପାଇଁ ବର୍ତ୍ତମାନ ହେଉଛି ସବୁଠାରୁ ଭଲ ସୁଯୋଗ ଓ ସମ୍ଭାବନା ଭରା ସମୟ। ଏହା ମାଧ୍ୟମରେ ଗ୍ରାହକମାନେ ବିଭିନ୍ନ ସୁବିଧା ସହ ସ୍ୱଳ୍ପ ଖର୍ଚ୍ଚରେ ଅନେକ କିଛି ପାଇପାରିବେ।




# ଭାରତରେ ନୋକିଆ ସି-୩'

ନୂଆଦିଲ୍ଲୀ,୨୨।୯

ଏଚ୍‌ଏମ୍‌ଡି ଗ୍ଲୋବାଲ ପକ୍ଷରୁ ଏହାର ମେଡ୍ ଫର୍ ଇଣ୍ଡିଆ ଓ ମେଡ୍ ଇନ୍ ଇଣ୍ଡିଆର ଉତ୍ପାଦ ନୋକିଆ ସି-୩ ସ୍ମାର୍ଟଫୋନ ସିରିଜର ବିକ୍ରି ଆରମ୍ଭ ହୋଇଛି। ଏହି ମଡେଲ ଏକ ଉନ୍ନତ ସ୍କ୍ରିନ୍, ଅଲ୍ ଡେ ବ୍ୟାଟେରି ଲାଇଫ୍ ଓ ଏକ ଉଚ୍ଚ ଗୁଣବତ୍ତା କ୍ୟାମେରା ସହ ବିଭିନ୍ନ ଫିଚର ପ୍ରଦାନ କରୁଛି। ସେହିଭଳି ଏହି ମଡେଲ ବିଭିନ୍ନ ମୂଲ୍ୟ ଓ ରଙ୍ଗରେ ବଜାରରେ ଉପଲବ୍ଧ ହେଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହା ଉନ୍ନତ ଅଲରାଉଣ୍ଡ-୧୦ ପ୍ରଦର୍ଶନ ପ୍ରଦାନ କରିବା ସହ ଅକ୍ଟା-କୋର ପ୍ରୋସେସର ଓ ଅତ୍ୟାଧୁନିକ ଟେକ୍ନୋଲୋଜି, ଯେପରିକି ବାୟୋମେଟ୍ରିକ ଫିଙ୍ଗର ପ୍ରିଣ୍ଟ ସେନ୍ସର, ଗୁଗଲ ଆସିଷ୍ଟାଣ୍ଟ ବଟନ ଭଳି ଅନେକ ପ୍ରକାର ଫିଚର ରହିଛି। ଏହି ମଡେଲର ୫.୯୯ ଇଞ୍ଚ ଏଚ୍‌ଡି+ସ୍କ୍ରିନ, ୩୦୪୦ ମେଗାହର୍ଜ ବ୍ୟାଟେରି ଓ ଏକ ଶକ୍ତିଶାଳୀ ଅକ୍ଟା-କୋର ପ୍ରୋସେସର ବ୍ୟବସ୍ଥିତ ଥିବା କାରଣରୁ ଆପଣଙ୍କୁ ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଆବଶ୍ୟକ କରୁଥିବା ସ୍ପିଡ୍ ଓ ଦକ୍ଷତା ପ୍ରଦାନ କରିବ। ସେହିଭଳି ଏହି ମଡେଲରେ ୮ଏମ୍‌ପି ବ୍ୟାକ ଓ ଏଲ୍‌ଇଡି ଫ୍ଲାସ୍ ତଥା ୫ଏମ୍‌ପି ଫ୍ରଣ୍ଟ କ୍ୟାମେରା ରହିଛି। ଏହାର ସମସ୍ତ ସିଷ୍ଟମ ଆଣ୍ଡ୍ରଏଡ୍ ୧୦କୁ ସମର୍ଥନ କରୁଥିବା ବେଳେ ଏହି ମଡେଲଟି ୧ବର୍ଷର ରିପ୍ଲେସ୍‌ମେଣ୍ଟ ଗ୍ୟାରେଣ୍ଟି ମଧ୍ୟ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଉଛି।

# ଚାଇନାକୁ ୪୦ ହଜାର କୋଟିର ଝଟକା ଦେବେ ବ୍ୟବସାୟୀ




ନୂଆଦିଲ୍ଲୀ,୨୨।୯

ପାର୍ବଣଋତୁରେ ଚାଇନାକୁ ୪୦ ହଜାର କୋଟି ଟଙ୍କାର ଝଟକା ଦେବା ଲାଗି ଦେଶର ବ୍ୟବସାୟୀମାନେ ପ୍ରକ୍ରିୟା ଜାରି କରିଛନ୍ତି। ଚାଇନାରୁ ଏହି ସମୟରେ ଆମଦାନୀ କମ୍ କରିବା ଉପରେ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି) ଫୋକସ ରଖିଛି। ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଚାଇନାରୁ ଆମଦାନୀ ୨୭.୬୩% ହ୍ରାସ ହୋଇଥିବା ସରକାର ସଂସଦକୁ ଦେଇଥିବା ଡାଟାରୁ ଜଣାପଡିଛି। ଏହି ପରିପ୍ରେକ୍ଷୀରେ ସିଏଆଇଟିର ଅଧ୍ୟକ୍ଷ ବି.ସି.ଭରତିଆ କହିଛନ୍ତି ଯେ, ଚାଇନାକୁ ପାର୍ବଣରେ ପୁଣି ଥରେ ଝଟକା ଦେବା ଲାଗି ଯୋଜନା ରଖାଯାଇଛି। ପାର୍ବଣ ସମୟରେ ଚାଇନାରୁ ଆମଦାନୀକୁ କମ୍ କରିବା ଉପରେ ଏବେ ଧ୍ୟାନ ରଖାଯାଇଛି। ଦୀପାବଳି ସମେତ ଅନ୍ୟ କିଛି ପର୍ବପର୍ବାଣିରେ ଦେଶ ମଧ୍ୟରେ ପ୍ରାୟ ୪୦ ହଜାର କୋଟି ଟଙ୍କାର ଆମଦାନୀ ଭାରତକୁ ହୋଇଥାଏ। ଚଳିତ ବର୍ଷ ଏହାକୁ ବନ୍ଦ କରିବା ଲାଗି ବ୍ୟବସାୟୀ ସଂଘ ନିଷ୍ପତ୍ତି ନେଇଛି।

ସିଏଆଇଟି ପକ୍ଷରୁ ପୁଣି କୁହାଯାଇଛି, ଚାଇନା ସରକାରଙ୍କ ମୁଖପତ୍ର ଭାବେ କାମ କରୁଥିବା ଖବରକାଗଜ ଗ୍ଲୋବାଲ ଟାଇମ୍ସକୁ ଭାରତୀୟମାନେ ଉଚିତ ଜବାବ ଦେଇଛନ୍ତି। ଭାରତ ଚାଇନା ଉପରେ ଏତେ ନିର୍ଭରଶୀଳ ଯେ, ଆମଦାନୀ କମ୍ କରିପାରିବ ନାହିଁ ବୋଲି ଗ୍ଲୋବାଲ ଟାଇମ୍ସ ପକ୍ଷରୁ ଏକ ରିପୋର୍ଟରେ ଜୋର ଦିଆଯାଇଥିଲା। ହେଲେ ବର୍ତ୍ତମାନ ହେଉଥିବା ଆମଦାନୀ ହ୍ରାସ ଚାଇନାକୁ କଡା ଜବାବ ବୋଲି କୁହାଯାଉଛି। ଚାଇନା ସାମଗ୍ରୀ ବହିଷ୍କାର କରିବା ଲାଗି ସିଏଆଇଟି ପକ୍ଷରୁ ଜୁନ ୧୦ରୁ ସାରା ଦେଶରେ ଅଭିଯାନ ଆରମ୍ଭ ହୋଇଛି। ଚାଇନାର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ସରକାର ମଧ୍ୟ ବିଭିନ୍ନ ପଦକ୍ଷେପ ହାତକୁ ନେଇଛନ୍ତି।

ବିଦେଶୀ ସାମଗ୍ରୀ ବର୍ଜନ କରିବା ସହ ଘରୋଇ ସାମଗ୍ରୀକୁ ପ୍ରାଥମିକତା ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ସରକାର ଲୋକାଲ ଫର୍ ଭୋକାଲ ଏବଂ ଆତ୍ମନିର୍ଭର ଭାରତ ଦିଗରେ ବର୍ତ୍ତମାନ ଧ୍ୟାନ ଦେଉଛନ୍ତି। ଲୋକମାନେ ମଧ୍ୟ ବିଦେଶୀ ସାମଗ୍ରୀ ବ୍ୟବହାର ପରିବର୍ତ୍ତେ ଘରୋଇ ବଜାରର ସାମଗ୍ରୀକୁ ପ୍ରାଥମିକତା ଦେବା ଲାଗି ସରକାର ଆହ୍ୱାନ ଜଣାଇଛନ୍ତି। ବର୍ତ୍ତମାନ ଚାଇନାରୁ ସାମଗ୍ରୀ ଆମଦାନୀ ୨୭% କମିଥିବା ବେଳେ ଦୀପାବଳିରୁ ଏହାର ପ୍ରଭାବ ଆହୁରି ଦେଖାଯିବ ବୋଲି ସିଏଆଇଟି ପକ୍ଷରୁ ଦାବି କରାଯାଇଛି।


## BADAGADA GRAM PANCHAYAT LEVEL FEDERATION, SORADA

At/P.O.- Badagada, PIN - 761109, Via: Badagada, P.S.- Badagada, District: Ganjam

Letter No. 63 Dated: 20.09.2020

**ADVERTISEMENT**

Vide letter No. 92/20 Dt.17.01.2020 of State Mission Director cum Chief Executive Officer, Odisha Livelihood Mission, Panchayatraj & Drinking Water Department. Applications are invited from the eligible candidates for contractual engagement for following posts under

| Positions | Total Nos. | Qualification | Age Limit | Experience | Salary (Rs. per month) |
|---|---|---|---|---|---|
| Programme Manager | 1 | Post Graduation | 40 years | 5 years | 20,000 |
| Accountant | 1 | Graduate in Commerce | 30 years | 3 years | 12,000 |
| MIS Account | 1 | Graduation with PGDCA/ GDCA | 30 years | 2 years | 10,000 |

**GENERAL TERMS & CONDITIONS**

1. Details of application form, eligibility criteria, Role and Responsibilities for each Post and Application forms are available at District office Ganjam website i.e. **www.ganjam.nic.in** w.e.f **Dt.21.09.2020 at Block Office Sorada and GPLF Office Badagada of Odisha Livelihoods Mission**.
2. Documents in support of identity, qualifications, experience etc. have to be produced in originals as and when required.
3. The selection process will consists of shortlisting of candidates on basis of academic qualifications and experiences & skills, followed by personal interview.
4. The prescribed eligibility conditions viz. age, qualification should be from approved recognized institutions.
5. In case of false or insufficient information/lack of proof to ascertain the eligibility of the applicant, their candidature will be rejected at any stage of the selection process.
6. Only shortlisted candidates will be informed about future selection process through text message and E-mail. Applicants should ensure that the Mobile number and E-mail ID given in the application form is active.
7. The eligibility criteria for selection may be changed based on the number of applications received without assigning any reason thereof.
8. The last date of receipt of application is **05.10.2020 (5.30 P.M.)** through Registered Post only in the following address. **The President, Badagada Gram Panchayat Level Federation, Badagada, At/P.O.- Badagada, PIN - 761109, Via- Badagada, P.S.- Badagada, District-Ganjam.**

**Sd./- President, Badagada Gram Panchayat Level Federation, Badagada**



## GOVERNMENT OF ODISHA
## HIGHER EDUCATION DEPARTMENT

Pustak Bhawan (2nd Floor), A-11, Suka Vihar, Bhubaneswar-751022

**REQUEST FOR PROPOSAL (RFP)**

RFP No.:OHEPEE/RFP/01/2020-21 Dated:23rd September 2020

No.N-36:- Project Management Unit (PMU), OHEPEE, Higher Education Department, Government of Odisha hereby invites proposals from reputed firms for monitoring of the quality of civil works going to be constructed under "Odisha Higher Education Program for Execellence & Equity (OHEPEE)" at colleges and universities located across the State of Odisha. Interested firms are requested to visit www.odisha.gov.in and official www.dheodisha.gov.in or notice board of the above mentioned office addresses for the details of the RFP.

Sd./-
State Project Director, OHEPEE
OIPR-11001/11/0019/2021



## OFFICE OF THE EXECUTIVE ENGINEER, R.W.S.&S. DIVISION, NUAPADA

Govt. of Odisha "e" Procurement Notice
Bid Identification No. RWS&S_05 /2020-21
E-mail: eerwssnpd@rediffmail.com

No.O-377:- The Executive Engineer, R.W.S & S Division, Nuapada on behalf of Governor of Odisha invites bids through e-procurement in double cover system in conformity with the terms & conditions of the Detailed Tender Call Notice (DTCN) from the Contractor registered with the Odisha State Govt. & Contractors of equivalent grade/class registered with Central Govt. / any other State Govt. / MES / Railway & Reputed Engineering firms having valid & up to date Contractors registration certificate, GST clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the standard Lump sum (G2 ) contract form.

Nature of Work: - Rural Piped Water Supply schemes in different villages under Nuapada district.
No. of Tender: - 9 (Nine) Nos.
Approx. Estimated Cost: - Rs.34.78 lakhs to Rs.65.15 lakhs
Period of completion: - 06 (Six) months
Tender Cost: - Rs.6000/- to Rs.10000/-
Class of Contractor: - Class C & B & A
Date and Time of availability of bid document in the portal: - 28.09.2020 at 10.00 A.M.
Last date /Time for receipt of bids in the portal: - 09.10.2020 up to 5.00 P.M.
Date of Opening of bid: - 12.10.2020 at 11.00 A.M.
The bidders have to participate in online bidding only. Further details can be seen from the website http://tendersorissa.gov.in

Sd./- Executive Engineer, RWSS Division, Nuapada
OIPR-25043/11/0002/2021



## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Galaxy Tower** (Regd. Company) ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ ଓ ପାଆନ୍ତୁ ଅଗ୍ରିମ - 90 ଲକ୍ଷ ଭଡ଼ା - 45 ହଜାର ମାସିକ 25,000 ଟଙ୍କାର ସୁବିଧା + ମାଗଣା ଇଣ୍ଟରନେଟ୍ + (20 ବର୍ଷର କୋର୍ଟ ଏଗ୍ରିମେଣ୍ଟ) 9451783485 H.No. 412, Subhash Nagar Jind, Haryana

**RIDHI FINANCE** ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ ସବୁ ଯୋଜନା ଅଧୀନରେ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ 50% ଛାଡ଼ 1% ସୁଧ କମ୍ ସୁଧ ହାରରେ ଋଣ ମିଳିବ ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 9310078574 9310051634 Email : ltfinanceodisha@gmail.com

ଖର୍ଚ୍ଚ ଲୋନ ପାସ୍ ହେଲା ପରେ **GLOBAL FINANCE** (Reg. No. KA08FGD557S113) (ବିନା କୌଣସୀ ସାକ୍ୟୁରିଟି ରେ) ୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ ଏବଂ 40% ଛାଡ ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ 2th floor, Krishna Reddy, Mumbai, Maharastra 7653848464

ଋଣ ହିଁ ଋଣ ପାଆନ୍ତୁ ମାର୍କଶିଟ୍ ପ୍ରପର୍ଟି ବ୍ୟବସାୟ ପର୍ସନାଲ ସମସ୍ତ ଋଣ 0% ସୁଧ 40% ସବ୍‌ସିଡି ରୁଚିତା :- 7649061623 ପୂଜା :- 7587660596 ପାୟଲ:- 7772806247

**BIDIKA FINANCE** ସମସ୍ତ ପ୍ରକାର LOAN ପାଇଁ ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ। LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ। Bausnpola, Bijepur, Bargarh 7656825220 7656825217

ବାବା ଅମିଲ୍ ସୁଫି ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ ୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ A To Z Problem Solution କଳାଯାଦୁର ଅଧିକାରୀ 7503449786 8800979262


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୩ ସେପ୍ଟେମ୍ବର ୨୦୨୦

## ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା ଅଫିସ : ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚନ୍ଦକା ଥାନା ଅଞ୍ଚଳର ପଦ୍ମନାଭ ପ୍ରଧାନ ଓରଫ ବଣ୍ଟି (୨୪)। ସେ ଜଣେ ଅଟୋ ଚାଳକ ବୋଲି ଜଣାପଡିଛି। ସୂଚନା ମୁତାବକ, ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ଜଣେ ମହିଳାଙ୍କ ସହିତ ଗିରଫ ଅଭିଯୁକ୍ତ ବଣ୍ଟିଙ୍କ ପରିଚୟ ହୋଇଥିଲା। ଚାକିରି ପ୍ରଲୋଭନ ଦେଖାଇ ସମ୍ପୃକ୍ତ ମହିଳାଙ୍କୁ ବଣ୍ଟି ଭୁବନେଶ୍ୱର ଆଣି ଏକ ଘରେ ରଖି ବଳାତ୍କାର କରିଥିଲେ। ଏନେଇ ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୩୧୩/୨୦) ରୁଜୁକରି ତଦନ୍ତ ଚଳାଇଥିଲା।



## ସଂକ୍ଷେପରେ

### ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଗୋପ,୨୨।୯(ଡି.ଏନ୍.ଏ.):** କୁଶଭଦ୍ରା ନଦୀରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ଗୋପ ଥାନା ପୋଲିସ ଉଦ୍ଧାର କରିଛି। ସେ ହେଲେ ଏହି ଥାନା ଅଧୀନ କୁରୁମୁଳା ସାହି ଗ୍ରାମର କାହ୍ନୁଚରଣ ଭୋଇ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କାହ୍ନୁଚରଣ ୫ ଦିନ ତଳେ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ସେ ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ସହାୟତା ଦେବାକୁ ଗଣେଶ୍ୱରପୁର ପଞ୍ଚାୟତ ସମିତିସଭ୍ୟ କରୁଣାକର ସାହୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ୨ଦିନ ବ୍ଲକ କାର୍ଯ୍ୟାଳୟ ବନ୍ଦ

**କଟକ ସଦର,୨୨।୯(ଡି.ଏନ୍.ଏ.):** କଟକ ସଦର ବ୍ଲକ କାର୍ଯ୍ୟାଳୟର ୩ଜଣ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ପରେ ଏହି କାର୍ଯ୍ୟାଳୟକୁ ୨ଦିନ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ବୁଧବାର ଓ ଗୁରୁବାର ଏହି କଟକଣା ବଳବତ୍ତର ରହିବ। ଏହି ସମୟରେ ସର୍ବସାଧାରଣ ବ୍ଲକ ଅଫିସକୁ ନ ଆସିବା ପାଇଁ ବିଡିଓ ରାଜୀବ ଲୋଚନ ପରିଡା ଅନୁରୋଧ କରିଛନ୍ତି। ସେହିପରି ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩ ଦିନ ବନ୍ଦ ରଖାଯାଇଛି।

### ଗୋପୀନାଥ ନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

**ସାକ୍ଷୀଗୋପାଳ,୨୨।୯(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକ ବୀରଗୋବିନ୍ଦପୁର ଗ୍ରାମର ସ୍ୱର୍ଗତ ଗୋପୀନାଥ ନନ୍ଦଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ତାଙ୍କ ପରିବାର ପକ୍ଷରୁ ଦଶାହ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟନ୍ତ ହୋତା, ରାଧାକାନ୍ତ ଦାଶ, ବିଜୟ ଚନ୍ଦ୍ର ହୋତା, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଯୋଗଦେଇ ସ୍ୱର୍ଗତ ନନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ଦେବାନ ସତ୍ୟଦର୍ଶୀ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ବିଜୟ ଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ସତ୍ୟବାଦୀ ବିକାଶ ପରିଷଦ ସଭାପତି ଗୁଣ୍ଡିଚା ବରାଳ, ସଂସ୍କୃତି ମଞ୍ଚର ସମ୍ପାଦକ କିଶୋରଚନ୍ଦ୍ର ମହାପାତ୍ର, ରତିକାନ୍ତ ମିଶ୍ର, ରବି ଦତ୍ତ, ବସନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସଂଗଠକ ପ୍ରଶାନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା ଓ ସଙ୍ଗୀତ ମହାବିଦ୍ୟାଳୟ ସମ୍ପାଦକ ବଦ୍ରି ମିଶ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଗ୍ରାମ କୃଷି ବିକାଶ ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାକୁ ଧୀରେନ୍ଦ୍ର ନାଥ ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ରାଜକିଶୋର ଆଚାର୍ଯ୍ୟ, ଗୋପୀନାଥ ପଣ୍ଡା, ରମାକାନ୍ତ ଦାଶ, ରବୀନ୍ଦ୍ର ଶତପଥୀ, ନରହରି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କୃଷି ବିକାଶ ପରିଷଦ ସମ୍ପାଦକ ପ୍ରତାପ କୁମାର ପାହାନ୍ତ ସିଂହ ସଭା ପରିଚାଳନା କରିଥିଲେ।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି, ଭିଜିଲାନ୍ସ ତଦନ୍ତ

**ପିପିଲି,୨୨।୯(ସ୍ୱ.ପ୍ର.):** ପିପିଲି ବ୍ଲକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ଅଭିଯୋଗକୁ ନେଇ ଦୁଇଦିନ ହେବ ପୁରୀ ଭିଜିଲାନ୍ସ ତଦନ୍ତ କରୁଛି। ଇନ୍ସପେକ୍ଟର ମଦନ ମୋହନ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ପିପିଲି ବ୍ଲକ ଅଫିସରେ ପହଞ୍ଚି ସମସ୍ତ ନଥିପତ୍ର ଯାଞ୍ଚ କରିଛନ୍ତି। ଚନ୍ଦ୍ରାଦେଇପୁର, ତେରଶିପୁର ଏବଂ ହାଟସାହି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ସରଜମିନ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୧୪ରେ ଏହି ଦୁର୍ନୀତି ନେଇ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଭୁବନେଶ୍ୱର ଭିଜିଲାନ୍ସଙ୍କ ନିକଟରେ ଅଭିଯୋଗ କରିଥିଲେ।

### ଦୁର୍ଘଟଣାରେ ଶିକ୍ଷାବିତ୍‌ଙ୍କ ମୃତ୍ୟୁ

**ନିମାପଡ଼ା,୨୨।୯(ଡି.ଏନ୍.ଏ.):** ନୂଆ ବସଷ୍ଟାଣ୍ଡ ଛକ ନିକଟରେ ଏକ ବାଇକ୍ ଧକ୍କାରେ ସ୍ଥାନୀୟ ଶ୍ରୀମୁଖ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ଖଟୋଇ(୬୩)ଙ୍କ ମୃତ୍ୟୁ ଘଟିଛି। ବାଇକ୍ ଚାଳକ ଅସ୍ତରଙ୍ଗ ଥାନା ଚକ୍ରପଡ଼ାର ପପୁ ପାତ୍ର ଗୁରୁତର ହୋଇ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଶବ ସଂରକ୍ଷଣ ଗୃହରେ ପଡ଼ିରହୁଛି ମୃତଦେହ

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

**କରୋନା ପାଇଁ କ୍ୟାପିଟାଲ ହସ୍ପିଟାଲରେ ବିକଳ ଚିତ୍ର**
- ଅଧିକାଂଶ କ୍ଷେତ୍ରରେ ଆସୁନାହାନ୍ତି ପରିବାର
- ପାର୍ସଲକୁ ମୂଷା କାଟି କଣା କରି ଦେଉଛନ୍ତି

କରୋନା ଯୋଗୁ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ରଖିବାରେ ଏବେ ବଡ଼ ସମସ୍ୟା ଦେଖାଦେଇଛି। କାରଣ କୋଭିଡ୍ ପାଇଁ ଏହି ହସ୍ପିଟାଲକୁ ଦିନକୁ ୧୫ରୁ ଊର୍ଦ୍ଧ୍ୱ ମୃତଦେହ ଆସୁଛି। କିନ୍ତୁ ଏହାକୁ ସଂରକ୍ଷିତ ଭାବେ ରଖିବାକୁ ଜାଗା ନାହିଁ। ଫଳରେ ମୃତଦେହଗୁଡ଼ିକ ପ୍ରାୟ ସମୟ ମରଚ୍ୟୁରି(ଶବ ସଂରକ୍ଷଣ ଗୃହ) ଚଟାଣରେ ପଡ଼ିରହୁଥିବାର ଦେଖିବାକୁ ମିଳିଛି। ୨୦୧୮ରେ ନିର୍ମାଣ ହୋଇଥିବା ମରଚ୍ୟୁରିରେ ଏବେ ଦୁଇଟି ଫ୍ରିଜ୍‌ର ବକ୍ସ ରହିଛି। ଯେଉଁଥିରେ ୮ଟି ମୃତଦେହ ରହିପାରିବ। ପ୍ରଥମରୁ ଆସିଥିବା ମୃତଦେହକୁ ଫ୍ରିଜର ବକ୍ସରେ ରଖାଯାଉଛି। ହେଲେ ପରବର୍ତ୍ତୀ ସମୟରେ ଯେତିକି ମୃତଦେହ ଆସୁଛି ଜାଗା ନ ଥିବାରୁ ସେଗୁଡ଼ିକୁ ଚଟାଣରେ ପାର୍ସଲ କରାଯାଇ ରଖାଯାଉଛି। ଏଥିରେ ବିଭିନ୍ନ ଅଞ୍ଚଳରେ ଆସୁଥିବା ଅଜଣା ମୃତଦେହ ୭୨ ଘଣ୍ଟା ରଖାଯାଉଛି। ଫ୍ରିଜର ବକ୍ସରେ ୭୨ ଘଣ୍ଟା ରଖିବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ବାଧ୍ୟ ହେଉଛନ୍ତି। କ୍ୟାପିଟାଲ ହସ୍ପିଟାଲ ଶବ ସଂରକ୍ଷଣ ଗୃହକୁ ଆସୁଥିବା ମୃତଦେହଗୁଡିକ ମଧ୍ୟରୁ ଅଧିକାଂଶ ପଜିଟିଭ୍ ରହିଛି। ତେଣୁ ପଜିଟିଭ୍ ମୃତଦେହକୁ ଫ୍ରିଜ୍‌ର ଭିତରେ ନ ରଖାଯାଇ ବାହାରେ ରଖାଯାଉଛି।

ସବୁଠୁ ବଡ଼ କଥା ହେଲା କୋଭିଡ୍ ମୃତଦେହ ପାଇଁ ସରକାର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ବିଶେଷ କରି ରାଜଧାନୀ ଉପକଣ୍ଠ ଏବଂ ଏହାର ନିକଟ ଜିଲାର ଲୋକେ ପୂର୍ବରୁ ରୋଗୀ ଓ ମୃତଦେହଗୁଡିକ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ପରିବାର ଲୋକେ ଶବଦାହ କରୁଥିଲେ। ହେଲେ ଏବେ ଅଧିକାଂଶ ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ନିଜ କାର୍ଯ୍ୟ ହାଲୁକା କରିବା ପାଇଁ ଆସୁଥିବା ଗୁରୁତର ରୋଗୀ ଏବଂ ମୃତଦେହଗୁଡ଼ିକୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଉଛନ୍ତି। ଫଳରେ କ୍ୟାପିଟାଲ ହସ୍ପିଟାଲରେ ଏବେ ପୂର୍ବ ଅପେକ୍ଷା ୩୫ ପ୍ରତିଶତ ରୋଗୀଙ୍କ ସଂଖ୍ୟା ବଢ଼ିଛି। କେବଳ ଏହି ହସ୍ପିଟାଲ ନୁହେଁ ବିଏମ୍‌ସି ହସ୍ପିଟାଲରେ ମଧ୍ୟ ଲୋକଙ୍କ ଭିଡ଼ ଜମୁଛି। କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ପହଞ୍ଚିବା ପରେ ସ୍ୱାବ୍ ପରୀକ୍ଷା କରାଯାଉଛି। ରିପୋର୍ଟ ନେଗେଟିଭ ଥିଲେ ଉକ୍ତ ମୃତଦେହକୁ ବ୍ୟବଚ୍ଛେଦ କରାଯାଉଛି। ଯଦି ପଜିଟିଭ ରୁହେ ତେବେ ବ୍ୟବଚ୍ଛେଦ ନ କରାଯାଇ ବିଏମ୍‌ସିକୁ ଅବଗତ କରାଯାଉଛି। ପରେ ବିଏମ୍‌ସି ମୃତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ଜଣାଉଛନ୍ତି। ଏପରିକି କେତେବେଳେ ଆସିବେ ସମୟ ମଧ୍ୟ ମାଗୁଛନ୍ତି। ହେଲେ ଅଧିକାଂଶ କ୍ଷେତ୍ରରେ ମୃତ ବ୍ୟକ୍ତିଙ୍କ ପରିବାର ଦେଇଥିବା ସମୟରେ ଆସିବାରେ ବିଳମ୍ବ କରୁଛନ୍ତି। ଯେଉଁଥି ପାଇଁ ମୃତଦେହ ଦୁଇ ଦିନ ପର୍ଯ୍ୟନ୍ତ ମଧ୍ୟ ଚଟାଣରେ ପଡ଼ିରହୁଛି। ଫଳରେ ମୃତଦେହ ପଚି ଶବ ସଂରକ୍ଷଣ ଗୃହ ଦୁର୍ଗନ୍ଧରେ ଫାଟି ପଡୁଛି। ଅନେକ କ୍ଷେତ୍ରରେ ମଧ୍ୟ ମୃତଦେହ ହୋଇଥିବା ପାର୍ସଲକୁ ମୂଷା କଣା କରି ଦେଉଛନ୍ତି। ପରିବାର ଲୋକେ ଆସିବା ପରେ ବିଏମ୍‌ସି ସରକାରୀ ଗାଇଡ୍‌ଲାଇନ୍ ଅନୁସାରେ ମୃତଦେହ ସତ୍ୟନଗର ମଶାଣିକୁ ନେଇ ଶବଦାହ କରୁଛନ୍ତି। ଯେଉଁ ମୃତ ବ୍ୟକ୍ତିଙ୍କ ପରିବାର ଲୋକେ ଆସୁନାହାନ୍ତି ମୃତଦେହ ସେମିତି ପଡ଼ିରହୁଛି।

ଅନ୍ୟପଟେ ଏକ ବିଶେଷ ସୂତ୍ରରୁ ଖବର ମିଳିଛି ଯେ, ଏବେ ମୃତ ବ୍ୟକ୍ତିଙ୍କର ସ୍ୱାବ୍ ପରୀକ୍ଷା କରାଯାଉନାହିଁ। ଏପରିକି ସମସ୍ତ ମୃତଦେହର ବ୍ୟବଚ୍ଛେଦ ହେଉଛି। ଏଭଳି କୋଭିଡ୍ ସମୟରେ ମଧ୍ୟ ନିଜ ଜୀବନକୁ ବାଜି ଲଗାଇ ଡାକ୍ତର ଏବଂ ଅନ୍ୟ କର୍ମଚାରୀମାନେ ମୃତଦେହ ବ୍ୟବଚ୍ଛେଦ କରୁଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯଦି ମୃତ ବ୍ୟକ୍ତିଙ୍କୁ କରୋନା ପଜିଟିଭ୍ ଥାଏ, ତେବେ ଡାକ୍ତର ସହ ବ୍ୟବଚ୍ଛେଦ କରୁଥିବା ଅନ୍ୟ କର୍ମଚାରୀ ପଜିଟିଭ ହେବାର ସମ୍ଭାବନା ରହିଛି। ଏ ନେଇ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଏଲ୍.ଡି. ସାହୁ କହିଛନ୍ତି, ଏକାଧିକ ମୃତଦେହ ଆସୁଥିବାରୁ ଏଭଳି ସମସ୍ୟା ହେଉଛି। ବିଶେଷ କରି ମୃତ ବ୍ୟକ୍ତି ପଜିଟିଭ ଥିଲେ ଅଧିକାଂଶ କ୍ଷେତ୍ରରେ ସେମାନଙ୍କ ପରିବାର ଲୋକେ ଆସୁନାହାନ୍ତି। ଯେଉଁଥି ପାଇଁ ମୃତଦେହ ରଖିବାକୁ ଜାଗା ନାହିଁ। ସେହିପରି ବିଏମ୍‌ସି ଅତିରିକ୍ତ କମିଶନର ସୁରତଚନ୍ଦ୍ର ମଲ୍ଲିକ କହିଛନ୍ତି, ମୃତ ବ୍ୟକ୍ତିଙ୍କୁ ପଜିଟିଭ୍ ଥିଲେ ହସ୍ପିଟାଲ କର୍ତ୍ତୃପକ୍ଷ ଆମକୁ ଜଣାଉଛନ୍ତି। ଆମେ ଡିସ୍ପୋଜାଲ୍ ଅର୍ଡର ଆଣି ପରିବାର ଲୋକଙ୍କୁ ଜଣାଇଲେ କେହି ବିଳମ୍ବରେ ଆସୁଛନ୍ତି ତ କେହି ଆସୁ ନାହାନ୍ତି। ଯେଉଁଥି ପାଇଁ ମୃତଦେହ ନେବାରେ ବିଳମ୍ବ ହେଉଛି।




## ମହାତ୍ମା ଗାନ୍ଧୀ ସଂସ୍କାର ସେବା ଏକାଡେମୀର ତାଲିମ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୨।୯**

ମହାତ୍ମା ଗାନ୍ଧୀ କାରାଗାର ଓ ସଂସ୍କାର ସେବା ଏକାଡେମୀ ପକ୍ଷରୁ ୨ୟ ପର୍ଯ୍ୟାୟ ଅନ୍‌ଲାଇନ ତାଲିମ କାର୍ଯ୍ୟକ୍ରମ ରବିବାର ସମାପ୍ତ ହୋଇଛି। ନବନିଯୁକ୍ତ ଉପସହାକାରୀ କାରାପାଳମାନଙ୍କର ମୌଳିକ ଅନ୍‌ଲାଇନ ତାଲିମ କାର୍ଯ୍ୟକ୍ରମ ଅଗଷ୍ଟ ୧୮ ଶୁଭାରମ୍ଭ ହୋଇଥିଲା। ଉଦଯାପନ ଉତ୍ସବର ଓଡିଆ କାରାଗାର ସମୂହର ମହାନିର୍ଦ୍ଦେଶକ ତଥା ସଂସ୍କାର ସେବାର ନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ଦିକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଅଧିକାରୀମାନେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଯତ୍ନବାନ ହେବା ସଙ୍ଗେ ସଙ୍ଗେ ନିଜକୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରଖିବାକୁ ଏହି ଅବସରରେ ଉପାଧ୍ୟାୟ କହିଥିଲେ। ଏଥିରେ ଏକାଡେମୀର ଉପନିର୍ଦ୍ଦେଶକ ଅନସୂୟା ଜେନା, ଉପନିର୍ଦ୍ଦେଶକ ସୁଦୀପ୍ତା ପାଣିଗ୍ରାହୀ, ସହକାରୀ ନିର୍ଦ୍ଦେଶକ ଡ. ବୀରକିଶୋର ଦାଶ, ସହକାରୀ ନିର୍ଦ୍ଦେଶକ ତଥା ରେଜିଷ୍ଟ୍ରାର ସମୀର ରଞ୍ଜନ ସାହୁ ଓ ସହକାରୀ ନିର୍ଦ୍ଦେଶକ ରମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଫନୀ ବାତ୍ୟାରେ ଭାଙ୍ଗିଯାଇଥିବା କଟକ ରାଣୀହାଟ ପୋଲ ପାର୍ଶ୍ୱ ପାଚେରି ଏପର୍ଯ୍ୟନ୍ତ ମରାମତି ହୋଇନାହିଁ।

## ଟିକା ନେଇ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

**କଟକ ସଦର,୨୨।୯(ଡି.ଏନ୍.ଏ.)**

କିଶନନଗର ଥାନା ଅଧୀନ ଲେଉଟିଆକଣା ଗ୍ରାମର ଦେଢ ମାସ ଶିଶୁ ସାଇ ଓମ୍‌ପ୍ରକାଶଙ୍କର ଗତ ୧୬ତାରିଖରେ ମୃତ୍ୟୁ ହୋଇଥିଲା। ଟିକା ନେଇ ସାଇଙ୍କ ମୃତ୍ୟୁ ଘଟିଛି ବୋଲି ସୋମବାର ବାପା ପ୍ରକାଶ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ମାମଲା (ନଂ.୧୪୮/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ ୧୫ତାରିଖରେ ସାଇଙ୍କୁ ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀ ଟୀକା ଦେଇଥିଲେ। ୧୬ତାରିଖ ରାତିରେ ହଠାତ୍ ସାଇଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ମୃତଦେହକୁ ସ୍ଥାନୀୟ ଶ୍ମଶାନରେ ପୋତିଦିଆଯାଇଥିଲା। ଟିକା ଯୋଗୁ ସାଇଙ୍କ ମୃତ୍ୟୁ ହୋଇଛି ବୋଲି ପ୍ରକାଶ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମଙ୍ଗଳବାର ପୋଲିସ ଓ ଅତିରିକ୍ତ ତହସିଲଦାର କ୍ରିଷ୍ଣାକାନ୍ତା ସାହୁଙ୍କ ଉପସ୍ଥିତିରେ ମାଟି ଖୋଳାଯିବା ସହ ମୃତଦେହକୁ ବାହାର କରାଯାଇ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଯାଇଥିଲା।

## ଛତିଶା ନିଯୋଗରେ ହେବ ଚୂଡ଼ାନ୍ତ ନିଷ୍ପତ୍ତି

**ପୁରୀ ଅଫିସ,୨୨।୯**

**ନଭେମ୍ବର ୨୭ରେ ନାଗାର୍ଜୁନ ବେଶ**

ଆସନ୍ତା ନଭେମ୍ବର ୨୭ ତାରିଖରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ନାଗାର୍ଜୁନ ବେଶ। ମହାମାରୀ କରୋନା ପାଇଁ ଏହି ବେଶ ସଂକ୍ରାନ୍ତରେ ପ୍ରଶାସନର ପ୍ରସ୍ତୁତି ବିଳମ୍ବ ହେଉଛି। ମାତ୍ର ଏହି ବେଶ ଆଭୂଷଣ ଅଧିକାର ପାଇଥିବା ସେବକଙ୍କ ସହ ଶ୍ରୀମନ୍ଦିର ନୀତି ପ୍ରଶାସକ ଆଲୋଚନା କରିଛନ୍ତି। ରେକର୍ଡ ଅଫ୍ ରାଇଟ୍‌ସ (ଆର୍‌ଓଆର୍)ରେ ଏହି ବେଶ ଅଧିକାର ଚକ୍ରକୋଟ ବଳରାମ ଖୁଣ୍ଟିଆଙ୍କର ରହିଛି। ତେଣୁ ତାଙ୍କୁ ଏହି ବେଶ ପାଇଁ ପ୍ରସ୍ତୁତ ହେବା ଲାଗି ନୀତି ପ୍ରଶାସକ କହିଛନ୍ତି। ସେ ଏଥିଲାଗି ସହମତି ପ୍ରକାଶ କରିଛନ୍ତି। ମାତ୍ର ଏହି ବେଶ ସଂକ୍ରାନ୍ତୀୟ ଅନ୍ୟ କୌଣସି ପ୍ରକାର ଆଲୋଚନା ଏ ପର୍ଯ୍ୟନ୍ତ ହୋଇ ନ ଥିବା ଜଣାପଡ଼ିଛି।

ଯେଉଁବର୍ଷ କାର୍ତ୍ତିକ ମାସରେ ପଞ୍ଚକ ୬ ଦିନ ପଡ଼େ ସେହିବର୍ଷ ନାଗାର୍ଜୁନ ବେଶ ହୋଇଥାଏ। ଚଳିତବର୍ଷ କାର୍ତ୍ତିକ ଦ୍ୱାଦଶୀ ମଳ ତିଥିରେ ମହାପ୍ରଭୁଙ୍କ ଏହି ବେଶ ଅନୁଷ୍ଠିତ ହେବ। ନାଗା ବେଶ ଭଳି ସରଞ୍ଜାମ ମହାପ୍ରଭୁଙ୍କ ନାଗାର୍ଜୁନ ବେଶରେ ଲାଗି ହୋଇଥାଏ। ଶେଷଥର ପାଇଁ ୧୯୯୪ ନଭେମ୍ବର ୧୬ ତାରିଖ ମଳ ତ୍ରୟୋଦଶୀ ତିଥିରେ ଏହି ବେଶ ହୋଇଥିଲା। ଚଳିତବର୍ଷ ଏହି ବେଶ ଅନୁଷ୍ଠିତ ହେବାକୁ ଯାଉଛି। କିନ୍ତୁ ମହାମାରୀ ପାଇଁ ଭକ୍ତ ଏହି ବେଶ ଦର୍ଶନରୁ ବଞ୍ଚିତ ହେବେ ବୋଲି କୁହାଯାଉଛି। ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ବର୍ତ୍ତମାନ କୋଭିଡ୍ ପାଇଁ ସବୁକିଛି ବିଳମ୍ବ ହେଉଛି। ନାଗାର୍ଜୁନ ବେଶ ସଂକ୍ରାନ୍ତରେ ନୀତି ସବ୍ କମିଟି ଏବଂ ଛତିଶା ନିଯୋଗ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏଥିପାଇଁ କୌଣସି ବଜେଟ୍ ଚୂଡ଼ାନ୍ତ ହୋଇନାହିଁ। ତେବେ ବେଶ ଆଭୂଷଣ ପ୍ରସ୍ତୁତି ଅଧିକାର ପାଇଥିବା ସେବକଙ୍କ ସହ ପ୍ରାରମ୍ଭିକ ଆଲୋଚନା କରାଯାଇଛି। ସେ ସମ୍ମତି ପ୍ରକାଶ କରିଛନ୍ତି। ସେହିପରି ବିନା ଭକ୍ତରେ ଏହି ବେଶ ହେବ କି ବୋଲି ପ୍ରଶ୍ନରେ ନୀତି ପ୍ରଶାସକ କହିଥିଲେ ସେତେବେଳେ କରୋନା ସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ।

# ଭୁବନେଶ୍ୱରର ଐତିହ୍ୟସ୍ଥଳ ଅଞ୍ଚଳରେ ୟୁନିଫର୍ମ ରହିବ ସାଇନ୍ ବୋର୍ଡ

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

- ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ଗୋଟିଏ ରଙ୍ଗ, ସମାନ ଉଚ୍ଚତା
- ସରକାରୀ ଓ ବେସରକାରୀ ସଂସ୍ଥା ପାଇଁ କଟକଣା ଜାରି କଲା ବିଡିଏ

ଏଣିକି ରାଜଧାନୀରେ ଥିବା ଐତିହ୍ୟସ୍ଥଳୀଗୁଡ଼ିକରେ ଅସମାନ ସାଇନ୍ ବୋର୍ଡ ରହିବ ନାହିଁ। ସେହିପରି ଐତିହ୍ୟସ୍ଥଳର ନିର୍ଦ୍ଧାରିତ ପରିସୀମା ଭିତରେ କେହି ମନଇଚ୍ଛା ସାଇନ୍‌ବୋର୍ଡ ଲଗାଇପାରିବେ ନାହିଁ। ଏନେଇ ମଙ୍ଗଳବାରଠାରୁ କଟକଣା ଲଗାଇଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)। ଏଣିକି ଗୋଟିଏ ରଙ୍ଗ ଓ ସମାନ ଉଚ୍ଚତାର ସାଇନ୍‌ବୋର୍ଡ ଲଗାଯିବ। ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ଓଡ଼ିଏ)ଙ୍କ ନିୟମ ଆଧାରରେ ବିଡିଏ ଏହି ନିଷ୍ପତ୍ତି ନେଇଛି। ଏହାକୁ ଉଭୟ ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ଘର ପାଇଁ ମଧ୍ୟ ବାଧ୍ୟତାମୂଳକ କରାଯାଇଥିବା ବିଡିଏ ପକ୍ଷରୁ ପ୍ରକାଶ ପାଇଛି।

ତେବେ ପ୍ରାଥମିକ ପର୍ଯ୍ୟାୟରେ ସହରର ୩ ଐତିହ୍ୟସ୍ଥଳରେ ଲାଗିଥିବା ସାଇନ୍‌ବୋର୍ଡ ୟୁନିଫର୍ମାଟିକ୍ ହେବ। ଏକାମ୍ରକ୍ଷେତ୍ର ହେରିଟେଜ୍ ଜୋନ୍ (ପୁରୁଣା ଭୁବନେଶ୍ୱର), ଐତିହାସିକକ୍ଷେତ୍ର ହେରିଟେଜ୍ ଜୋନ୍ (ଶିଶୁପାଳଗଡ଼) ଓ ସାଂସ୍କୃତିକ କ୍ଷେତ୍ର ହେରିଟେଜ୍ ଜୋନ୍ (ଧଉଳି)ରେ ଏହି ନିୟମ ଲାଗୁ କରାଯିବ। ପରବର୍ତ୍ତୀ ସମୟରେ ସହରର ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ବିଭାଗ ଲକ୍ଷ୍ୟ ରଖିଛି ବୋଲି ବିଡିଏ ଆସିଷ୍ଟାଣ୍ଟ ଟାଉନ୍ ପ୍ଲାନର ସୁପର୍ଣ୍ଣା ଦାସ କହିଛନ୍ତି। ସେ କହିଛନ୍ତି, ରାଜଧାନୀରେ ଥିବା ହେରିଟେଜ୍ ଜୋନ୍‌ଗୁଡ଼ିକରେ ପର୍ଯ୍ୟଟକଙ୍କୁ ଏହା ନିଶ୍ଚିତ ଆକୃଷ୍ଟ କରିବ। ଏହି ସ୍ଥାନଗୁଡ଼ିକରେ ଯେଉଁ ସାଇନ୍‌ଏଜେ ଲାଗିବ ତାହାର ପୋଲ୍ ଏକା ପ୍ରକାର ସହିତ କଲର୍, ଲେଖାର ସାଇଜ୍ ଓ ଉଚ୍ଚତା ମଧ୍ୟ ସମାନ ରହିବ। ଗୋଟିଏ ପ୍ରକାର ଡିଜାଇନ୍‌କୁ ଗୁରୁତ୍ୱ ଦିଆଯିବା ସହ ପର୍ଯ୍ୟଟକଙ୍କୁ କିପରି ଏହା ଆକୃଷ୍ଟ କରିବ ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରାଯିବ। ଏଥିରେ ୫ ପ୍ରକାର ସାଇନ୍‌ଏଜ୍ ରଖାଯାଇଥିବା ବେଳେ ୨ ପ୍ରକାର ମ୍ୟାପ୍, ଦୋକାନୀ, ବିଲ୍ଡିଂ ଓ ଘରର ନାମ ଲେଖାକୁ ମଧ୍ୟ ସ୍ଥିର କରାଯାଇଛି ବୋଲି ସେ କହିଛନ୍ତି।

ତେବେ ନୂଆ ଡିଜାଇନ୍ ଦ୍ୱାରା ଐତିହ୍ୟସ୍ଥଳୀଗୁଡ଼ିକର କଳାକୃତିକୁ ଗୁରୁତ୍ୱ ଦିଆଯାଇଛି। ସିଡିପି ୨୦୩୦ରେ ହେରିଟେଜ୍ ଡିଷ୍ଟ୍ରିକ୍ଟ କରାଯାଇଛି। ଏଥିରେ ଥିବା ୩ଟି ଜୋନ୍‌ରେ ପ୍ରଥମେ ଏହି ନିୟମ ଲାଗୁ କରାଯିବା ପାଇଁ ସ୍ଥିର ହୋଇଥିବା ବେଳେ ବିଡିଏର ୧୩୬ତମ ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିଲା। ଯାହାକୁ ୧୮ ତାରିଖ ରାଜ୍ୟ ସରକାର ଅନୁମତି ଦେବା ପରେ ଏହି ନିୟମ ଲାଗୁ ହୋଇଛି ବୋଲି ସୁପର୍ଣ୍ଣା କହିଛନ୍ତି।

## କଳାକାରଙ୍କ ତଥ୍ୟ ରଖିବ 'ଆମ ଶିଳ୍ପୀ: ଆମ ଗର୍ବ'

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

**ଲୋକନୃତ୍ୟ, ସଙ୍ଗୀତର ପୁନରୁଦ୍ଧାର ପାଇଁ ନୂଆ ପ୍ରୟାସ**

ପାରମ୍ପରିକ କଳା ଓ କଳାକାରଙ୍କ ବିକାଶ ପାଇଁ ନୂଆ ପଦକ୍ଷେପ ଗ୍ରହଣ କରିବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। କଳା ଓ କଳାକାରଙ୍କୁ ସାମ୍ନାକୁ ଆଣିବାକୁ ବିଭାଗ ଅଧୀନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏନେଇ ଏକ ଡିଜିଟାଲ୍ ଆର୍କାଇଭ୍ ପ୍ରସ୍ତୁତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଶିଳ୍ପୀ ଓ କଳାକାରଙ୍କ ସାକ୍ଷାତକାର ସ୍ଥାନ ପାଇବ। 'ଆମ ଶିଳ୍ପୀ: ଆମ ଗର୍ବ' ନାମକ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପୀଙ୍କ କୃତି, ଗବେଷଣା ଏବଂ ତାଙ୍କ ସମ୍ପର୍କିତ ବିଭିନ୍ନ ତଥ୍ୟକୁ ଏକାଠି କରାଯିବ। ଏହାଦ୍ୱାରା ଆଗାମୀ ପିଢ଼ି ରାଜ୍ୟର ଲୁପ୍ତପ୍ରାୟ ଲୋକକଳା ଏବଂ ଉକ୍ତ କଳାର ଖ୍ୟାତିସମ୍ପନ୍ନ କଳାକାରଙ୍କ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ କହିଛନ୍ତି। ଏହା ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ। ଏଥିପାଇଁ ଓଡ଼ିଶାର ବିଶିଷ୍ଟ ଶିଳ୍ପୀଙ୍କ ପ୍ରାମାଣିକ ଚିତ୍ର ନିର୍ମାଣ କରିବାକୁ ଏକାଡେମୀ ସ୍ଥିର କରିଛି। ଓଡ଼ିଆ ଭାଷାରେ ନିର୍ମିତ ଏହି ପ୍ରାମାଣିକ ଚିତ୍ରର ଅବଧି ୧୦ରୁ ୧୫ମିନିଟ୍ ଭିତରେ ରହିବ। ଏବେସୁଦ୍ଧା ବିଶିଷ୍ଟ ନାଟ୍ୟକାର ମନୋରଞ୍ଜନ ଦାସ ଓ ଲୋକକଳା ଗବେଷକ ପଦ୍ମଶ୍ରୀ ଭଗବାନ ସାହୁଙ୍କ ପ୍ରାମାଣିକ ଚିତ୍ର ପ୍ରସ୍ତୁତ ହୋଇସାରିଛି। ଏହି ସାକ୍ଷାତକାରରେ ଉଭୟ ଶିଳ୍ପୀଙ୍କ ନିଜସ୍ୱ ସ୍ୱର ସହ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର ଦାସଙ୍କ ସମ୍ପର୍କରେ ଏବଂ ଲୋକକଳା ଗବେଷକ ମନ୍ମଥ କୁମାର ଶତପଥୀ ସାହୁଙ୍କ ବିଷୟରେ କହିଥିବା ସେ କହିଛନ୍ତି।

## ଜେଲ ଗଲେ ଦମ୍ପତି

**କଟକ ସଦର,୨୨।୯(ଡି.ଏନ୍.ଏ.):** କଟକ ସଦର ଥାନା ଅଧୀନ ମହୁରା ଗ୍ରାମର ସୌମେନ୍ଦ୍ର ଦାସ ହତ୍ୟା ମାମଲାରେ ପୋଲିସ ମଙ୍ଗଳବାର ଏହି ଗ୍ରାମର ସୁରଥ ସାମଲ ଓ ତାଙ୍କ ସ୍ତ୍ରୀ ରିତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଦମ୍ପତିଙ୍କୁ ଚୌଦ୍ୱାର ମଣ୍ଡଳ କାରାଗାରକୁ ପଠାଇଦିଆଯାଇଛି। ସୂଚନା ଅନୁଯାୟୀ, ଗତ ଶୁକ୍ରବାର ସୌମେନ୍ଦ୍ର ଓ ସୁରଥ ଜମିରେ ପାଣି ମଡ଼ାଇବା ପାଇଁ ଯାଇଥିଲେ। ସେଠାରେ ସୁରଥ କୌଣସି କାରଣକୁ ନେଇ ସୌମେନ୍ଦ୍ରଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ସୌମେନ୍ଦ୍ର ନିଖୋଜ ଥିବା ନେଇ ଶନିବାର ପରିବାରଲୋକେ ଥାନାରେ ଅଭିଯୋଗ କରିଥିଲେ। ରବିବାର ପୋଲିସ ଗ୍ରାମରେ ତଦନ୍ତ ବେଳେ ସୁରଥ ଫେରାର ଥିବା ଜାଣିବାକୁ ପାଇଥିଲେ। ଗ୍ରାମରୁ ଫେରୁଥିବା ବେଳେ ପୋଲିସ ରାସ୍ତାରୁ ରିତାଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିଥିଲେ। ପରେ ପୋଲିସ ସୌମେନ୍ଦ୍ରଙ୍କ ମୃତଦେହକୁ ସିମଳ ଗହୀରରୁ ଉଦ୍ଧାର କରିଥିଲା।

**ସୌମେନ୍ଦ୍ର ଦାସ ହତ୍ୟା ମାମଲା**

ଏହା ପରେ ମୃତକଙ୍କ ଭାଇ ସୁବ୍ରତ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା (ନଂ.୪୮୫/୨୦) ରୁଜୁକରି ତଦନ୍ତ ଚଳାଇଥିଲା। ସୋମବାର ପୋଲିସ ସୁରଥଙ୍କୁ ମଇଧରପଡ଼ାରୁ ଗିରଫ କରିଥିଲା। ରିତାଙ୍କ ସହ ସୌମେନ୍ଦ୍ରଙ୍କ ଅନୈତିକ ସମ୍ପର୍କ ଥିବା ସୁରଥ ସନ୍ଦେହକରି ସୌମେନ୍ଦ୍ରଙ୍କୁ ହତ୍ୟା କରିଛନ୍ତି ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

# ୯ ମାସ ବିତିଲା: ବାହାରିନି ରେଜଲ୍ଟ

**କଟକ ଅଫିସ, ୨୨।୯**

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**
- ପିଜି ପ୍ରଥମ ସେମିଷ୍ଟର ବ୍ୟାକ୍ ପେପର ପରୀକ୍ଷା
- ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଟୁଇଟ୍ କଲେ ଛାତ୍ରୀଛାତ୍ର

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଗତ ୨୦ ତାରିଖରୁ ପିଜି ଏବଂ ୟୁଜିର ଶେଷ ସେମିଷ୍ଟର ପରୀକ୍ଷା ଆରମ୍ଭ ହୋଇଛି। ଛାତ୍ରୀଛାତ୍ରମାନେ ଘରେ ରହି ଅନ୍‌ଲାଇନରେ ପରୀକ୍ଷା ଦେଉଛନ୍ତି। ହେଲେ ପିଜିର ପ୍ରଥମ ସେମିଷ୍ଟର ବ୍ୟାକ ପେପର ପରୀକ୍ଷା ରେଜଲ୍ଟ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। ଯାହାକୁ ନେଇ ଏବେ ଛାତ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ କେତେଜଣ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଟୁଇଟ୍ କରିଥିବା ଜଣାପଡ଼ିଛି।

ଯେଉଁ ପିଜି ଛାତ୍ରୀଛାତ୍ରମାନେ ପ୍ରଥମ ସେମିଷ୍ଟର ପରୀକ୍ଷାରେ ଫେଲ ହୋଇଥିଲେ ସେମାନଙ୍କ ପାଇଁ ଗତ ଡିସେମ୍ବରରେ ବ୍ୟାକ୍ ପେପର ପରୀକ୍ଷା ହୋଇଥିଲା। ତେବେ ପରୀକ୍ଷା ସରିବାର ୯ମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଫଳ ବାହାରି ନାହିଁ। ଗତ ସେପ୍ଟେମ୍ବର ୨୦ ତାରିଖରୁ ପିଜି ଶେଷବର୍ଷର ଛାତ୍ରୀଛାତ୍ରଙ୍କ ୪ର୍ଥ ସେମିଷ୍ଟର ପରୀକ୍ଷା ଆରମ୍ଭ ହୋଇଛି। ଏହା ଶେଷ ହେବା ପରେ ସେମାନଙ୍କର ଯେଉଁ ସେମିଷ୍ଟରରେ ବ୍ୟାକ ଲାଗିଛି ତା' ପାଇଁ ପୁନଃ ଏକ ପରୀକ୍ଷା କରାଯିବ। ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଫର୍ମପୂରଣ କରିବାକୁ କୁହାଯାଇଛି। ବିଶ୍ୱବିଦ୍ୟାଳୟର କେତେକ ବିଭାଗର ପ୍ରଥମ ସେମିଷ୍ଟର ପରୀକ୍ଷାଫଳ ବାହାରି ନାହିଁ। ତେଣୁ ଛାତ୍ରୀଛାତ୍ର ଦ୍ୱନ୍ଦ୍ୱରେ ରହୁଛନ୍ତି। ସମସ୍ତ ବିଭାଗରେ ହୋଇଥିବା ସୋସିଆଲ ମିଡିଆ ଗ୍ରୁପରେ ବ୍ୟାକ ପରୀକ୍ଷା ପାଇଁ ଫର୍ମ ପୂରଣ କରିବାକୁ ସମ୍ପୃକ୍ତ ଅଧିକାରୀମାନେ କହୁଥିବା ବେଳେ ଏହାକୁ ଛାତ୍ରୀଛାତ୍ର ବିରୋଧ କରିଛନ୍ତି। ଛାତ୍ରୀଛାତ୍ରମାନେ କହିଛନ୍ତି, ବ୍ୟାକ ପେପର ପରୀକ୍ଷା ପାଇଁ ଡିସେମ୍ବରରେ ଫର୍ମ ପୂରଣ କରିଥିଲୁ ଏବଂ ଫି' ଦେଇଥିଲୁ। ଏଯାଏ ଫଳ ବାହାରି ନାହିଁ। ପୁନଃ କିପରି ଫର୍ମ ପୂରଣ କରିବୁ ଓ ଫି ଦେବୁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ କେତେଜଣ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କୁ ଟୁଇଟ୍ କରିଥିବା ଜଣାପଡ଼ିଛି। ଶେଷ ସେମିଷ୍ଟର ଅକ୍ଟୋବର ୧୦ ସୁଦ୍ଧା ସରିବାକୁ ଥିବାବେଳେ ବିଶ୍ୱବିଦ୍ୟାଳୟ କରୋନା ଆଳରେ ଏପର୍ଯ୍ୟନ୍ତ ପରୀକ୍ଷାଫଳ ପ୍ରକାଶ କରୁନାହିଁ। ତେଣୁ ଛାତ୍ରୀଛାତ୍ର ଚିନ୍ତାରେ ପଡ଼ିଛନ୍ତି। ଏ ନେଇ ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ଡ. ସୁଦର୍ଶନ ମିଶ୍ରଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ତଥ୍ୟ ନ ଥିବା କହିଛନ୍ତି। ଅନ୍ୟପକ୍ଷେ କୁଳପତି ପ୍ରଫେସର ଈଶାନ କୁମାର ପାତ୍ର କହିଛନ୍ତି ଯେ, କରୋନା ଯୋଗୁ ଶିକ୍ଷା କ୍ଷେତ୍ରରେ ସମସ୍ୟା ଦେଖାଦେଇଛି। ଯେଉଁଥିପାଇଁ ଫଳ ପ୍ରକାଶ ପାଇବାରେ ବିଳମ୍ବ ହେଉଛି। ତେବେ ଶୀଘ୍ର ଫଳ ପ୍ରକାଶ ଲାଗି ପଦକ୍ଷେପ ନିଆଯାଉଛି।

# ଛକା, ଚୌକା ବର୍ଷା ମ୍ୟାଚରେ ରୟାଲ୍ସ ବିଜୟୀ

ଶାରଜା, ୨୨।୯

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ଛକା, ଚୌକା ବର୍ଷା ମ୍ୟାଚରେ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛି। ହାଇସ୍କୋରିଂ ଗେମ୍‌ରେ ଷ୍ଟିଭ୍ ସ୍ମିଥଙ୍କ ନେତୃତ୍ୱାଧୀନ ରୟାଲ୍ସ ମହେନ୍ଦ୍ର ସିଂ ଧୋନୀଙ୍କ ଶକ୍ତିଶାଳୀ ଚେନ୍ନାଇ ସୁପରକିଙ୍ଗ୍ସକୁ ୧୬ ରନରେ ପରାସ୍ତ କରିଛି। ରୟାଲ୍ସ ଚମତ୍କାର ବ୍ୟାଟିଂ କରି ୨୦ ଓଭରରେ ୨୧୬ ରନ କରିଥିଲା। ଜବାବରେ ଚେନ୍ନାଇ ୨୦ ଓଭରରେ ୬ ଉଇକେଟ ହରାଇ ୨୦୦ ରନ କରିବାକୁ ସକ୍ଷମ ହୋଇଥିଲା। ରୟାଲ୍ସ ଇନିଂସରେ ୧୭ ଛକା, ୯ ଚୌକା ଏବଂ ଚେନ୍ନାଇ ଇନିଂସରେ ୧୬ ଛକା, ୯ ଚୌକା ଦେଖିବାକୁ ମିଳିଥିଲା।

ବଡ଼ ସ୍କୋରର ପିଛା କରିଥିବା ଚେନ୍ନାଇ ଭଲ ଆରମ୍ଭ କରିଥିଲେ ହେଁ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ଓପନିଂ ଯୋଡ଼ିରେ ୪୦ ବଲ୍‌ରୁ ୫୬ ରନ ଯୋଗପରେ ନିର୍ଭରଯୋଗ୍ୟ ଶେନ ୱାଟସନ ଆଉଟ ହୋଇଥିଲେ। ୨୧ଟି ବଲ୍ ଖେଳି ୧ ଚୌକା ଓ ୪ ଛକା ସହାୟତାରେ ସେ ୩୩ ରନ କରିଥିଲେ। ପରେ ମୁରଲୀ ବିଜୟ ୨୧(୨୧ ବଲ, ୩ ଚୌକା), ସାମ୍ କୁରାନ ୧୭(୬ ବଲ, ୧ ଚୌକା, ୨ ଛକା), ଋତୁରାଜ ଗାଏକ୍ୱାଡ ଡକ୍(୦) ଓ କେଦାର ଯାଦବ ୨୨(୧୬ ବଲ, ୩ ଚୌକା)ରେ ଆଉଟ ହେବାରୁ ଚେନ୍ନାଇ ଇନିଂସ ୧୩.୪ ଓଭର ବେଳକୁ ୧୧୪/୫ ହୋଇ ଯାଇଥିଲା। ଶେଷ ଭାଗରେ ଫାଫ୍ ଡୁପ୍ଲେସି ଷ୍ଟୋକ୍‌ପୂର୍ଣ୍ଣ ବ୍ୟାଟିଂ କରି ମ୍ୟାଚକୁ ଆକର୍ଷଣୀୟ କରିଥିଲେ। ମାତ୍ର ସେତେବେଳକୁ ବହୁତ ବିଳମ୍ବ ହୋଇ ଯାଇଥିଲା। ୩୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଡୁପ୍ଲେସି ୧ ଚୌକା ଓ ୭ ଛକା ସହାୟତାରେ ସର୍ବାଧିକ ୭୨ ରନ କରି ୧୯ତମ ଓଭରର ଶେଷ ବଲ୍‌ରେ ଆଉଟ ହୋଇଥିଲେ। ଶେଷ ଓଭରରେ ଧୋନୀ ୩ ଛକା ମାରିବାରୁ ଚେନ୍ନାଇ ସ୍କୋର ୨୦୦ ସ୍ପର୍ଶ କରିଥିଲା। ସେ ୧୭ ବଲ୍‌ରୁ ୨୯ ଓ ରବୀନ୍ଦ୍ର ଜାଡେଜା ୧ ରନରେ ଅପରାଜିତ ରହିଥିଲେ।

ରୟାଲ୍ସ ପକ୍ଷରୁ ରାହୁଲ ଟେୱାଟିଆ ସର୍ବାଧିକ ୩ଟି ଏବଂ ଜୋଫ୍ରା ଆର୍ଚର, ଶ୍ରେୟାସ ଗୋପାଳ ଓ ଟମ୍ କୁରାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ରାଜସ୍ଥାନ ରୟାଲ୍ସର ସଫଳ ବୋଲର ରାହୁଲ ଟେୱାଟିଆ।

## ସାମସନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ

ମ୍ୟାଚରେ ଚେନ୍ନାଇ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ମାତ୍ର ୬ ରନ କରି ଆଉଟ ହେବାରୁ ରାଜସ୍ଥାନ ୧୧ ରନରେ ପ୍ରଥମ ଉଇକେଟ ହରାଇଥିଲା। ମାତ୍ର ଏହାର ପ୍ରଭାବ ପରବର୍ତ୍ତୀ ବ୍ୟାଟ୍ସମ୍ୟାନଙ୍କ ଉପରେ ପଡ଼ି ନ ଥିଲା। ସଞ୍ଜୁ ସାମ୍‌ସନ କ୍ରିଜକୁ ଆସି ବିସ୍ଫୋରକ ବ୍ୟାଟିଂ କରି ଦ୍ରୁତ ଅର୍ଦ୍ଧଶତକ ହାସଲ କରିବା ସହ ଦଳକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ ଅଭିଜ୍ଞ ଅଧିନାୟକ ଷ୍ଟିଭେନ ସ୍ମିଥ। ଚେନ୍ନାଇ ବୋଲରଙ୍କୁ ଧୁଲେଇ କରି ଦ୍ୱିତୀୟ ଉଇକେଟ ଯୋଡ଼ିରେ ଏ ଦୁହେଁ ୧୨୧ ରନର ଭାଗୀଦାରି ଗଢ଼ିଥିଲେ। ସାମସନ ମାତ୍ର ୧୯ ବଲ୍‌ରୁ ୫୦ ରନ ପୂରଣ କରିବାରୁ ରାଜସ୍ଥାନ ୯ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୦୦ ସ୍କୋର ସ୍ପର୍ଶ କରିଥିଲା। ୩୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସାମ୍‌ସନ ୧ ଚୌକା ଓ ୯ ଛକା ସହାୟତାରେ ୭୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ୧୨ତମ ଓଭରର ୪ର୍ଥ ବଲ୍‌ରେ ଦୀପକ ଚହରଙ୍କ ହାତରେ କ୍ୟାଚ କରାଇ ଲୁନ୍‌ଗି ଏନ୍‌ଗିଡି ଚେନ୍ନାଇକୁ ଏହି ପ୍ରତୀକ୍ଷିତ ବ୍ରେକ୍‌ଥ୍ରୁ ଦେଇଥିଲେ। ଡେଭିଡ ମିଲର ଖାତା ଖୋଲିବା ପୂର୍ବରୁ, ରବିନ ଉଥପ୍ପା ୫, ରାହୁଲ ଟେୱାଟିଆ ୧୦ ଓ ରିୟାନ ପରାଗ ୬ ରନ କରି ଆଉଟ ହେବାରୁ ୧୭ ଓଭର ବେଳକୁ ଚେନ୍ନାଇ ସ୍କୋର ୧୭୩/୬ ହୋଇ ଯାଇଥିଲା। ଇନିଂସ ଓପନ କରିଥିବା ସ୍ମିଥ ଏଠାରେ ସ୍ୱାଭାବିକ ଢଙ୍ଗରେ ଖେଳି ସ୍କୋରକୁ ଆଗେଇ ନେଇଥିଲେ। ୧୯ତମ ଓଭର ବୋଲିଂ କରିଥିବା ସାମ୍ କୁରାନଙ୍କ ଦ୍ୱିତୀୟ ବଲ୍‌ରେ ସେ କେଦାର ଯାଦବଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ସ୍ମିଥ ୪୭ ବଲ୍‌ରୁ ୪ଚୌକା ଓ ୪ ଛକା ସହାୟତାରେ ୬୯ ରନ କରିଥିଲେ। ସ୍ମିଥ ଆଉଟ ହେବାରୁ ରାଜସ୍ଥାନ ସ୍କୋର ୨୦୦ ଟପିବା ଆଶା ମଉଳିଥିଲା। ମାତ୍ର ଶେଷ ଓଭରରେ ଅବିଶ୍ୱସନୀୟ ବ୍ୟାଟିଂ କରିଥିଲେ ଜୋଫ୍ରା ଆର୍ଚର। ଏନ୍‌ଗିଡିଙ୍କ ଏହି ଓଭରରେ ସେ ୪ ଛକା ମାରି ଟମ୍ କୁରାନଙ୍କ ସହ ୩୦ ରନ ସଂଗ୍ରହ କରିଥିଲେ। ନର୍ଭସ ହୋଇଥିବା ଏନଗିଡ଼ିଙ୍କ ଏହି ଓଭର ୧୦ ବଲ୍ ବିଶିଷ୍ଟ ହୋଇଥିଲା। ଆର୍ଚର ୮ ବଲ୍‌ରୁ ୨୭ ରନ କରି ଅପରାଜିତ ରହିବାରୁ ରାଜସ୍ଥାନ ସ୍କୋର ୨୧୬ରେ ପହଞ୍ଚି ଯାଇଥିଲା। ଚେନ୍ନାଇ ପକ୍ଷରୁ ସାମ୍ କୁରାନ ସର୍ବାଧିକ ୩ଟି ଏବଂ ଦୀପକ ଚହର, ଏନ୍‌ଗିଡି ଓ ପୀୟୂଷ ଚାୱଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୧୬/୭(ସାମସନ-୭୪, ସ୍ମିଥ-୬୯, ଆର୍ଚର-୨୭*, ସାମ୍ କୁରାନ-୩/୩୩, ଦୀପକ ଚହର-୧/୩୧, ଏନ୍‌ଗିଡି-୧/୫୬, ଚାୱଲା-୧/୫୫)।
ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୨୦୦/୬ (ୱାଟସନ- ୩୩, ଡୁପ୍ଲେସି- ୭୨, ବିଜୟ-୨୧, କେଦାର- ୨୨, ଧୋନୀ- ୨୯*, ଟେୱାଟିଆ-୩/୩୭, ଗୋପାଳ-୧/୩୮, ଟମ୍ କୁରାନ-୧/୫୪, ଆର୍ଚର- ୧/୨୬, )

**ସଞ୍ଜୁ ସାମସନ୍ ପ୍ଲେୟର ଅଫ୍ ଦି ମ୍ୟାଚ୍**


ଛକା ମାରିବା ଅବସରରେ ସଞ୍ଜୁ ସାମସନ୍।

15TH BIRTHDAY

Sulagna Patnaik
B.J.E.M- II
We want you to know that you are the best daughter of Parents could ever ask for. You will always be Daddy's.
Little Sulagna.
-:FROM:- Papa: Ranjit Patnaik, Mama: Sasmita Rani Patra.
D-18330

## କ୍ୱାଲିଫାଇଂ ପୂର୍ବରୁ ମହିଳା ଟେନିସ ଖେଳାଳି ପଜିଟିଭ୍

ପ୍ୟାରିସ, ୨୨।୯ (ଏପି)

ଫ୍ରେଞ୍ଚ ଓପନ୍ କ୍ୱାଲିଫାଇଂ ପୂର୍ବରୁ ଜଣେ ମହିଳା ଟେନିସ ଖେଳାଳି କରୋନା ପଜିଟିଭ୍ ଜଣାପଡ଼ିବାରୁ ତାଙ୍କୁ ମ୍ୟାଚ ଖେଳିବାରୁ ବାରଣ କରାଯାଇଛି। ଫ୍ରେଞ୍ଚ ଟେନିସ ଫେଡେରେଶନ (ଏଫ୍‌ଟିଏଫ୍) ଖେଳାଳିଙ୍କ ନାମ ପ୍ରକାଶ କରି ନାହିଁ। ତେବେ ଖେଳାଳି ଜଣକ ୭ଦିନ ଆଇସୋଲେଶନରେ ରହିବେ। ମହିଳା କ୍ୱାଲିଫାଇଂ ମଙ୍ଗଳବାରଠାରୁ ଆରମ୍ଭ ହେବ। ସୂଚନାଯୋଗ୍ୟ, ଦିନକ ପୂର୍ବରୁ ଅନ୍ୟ ୫ଜଣ ଖେଳାଳି କରୋନା ପଜିଟିଭ ଜଣାପଡ଼ିବାରୁ ସେମାନଙ୍କୁ କ୍ୱାଲିଫାଇଂ ରାଉଣ୍ଡ ଖେଳିବା ଲାଗି ବାରଣ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୩ ଜଣ ଜଣେ କୋଚ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିଲେ। ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହେବ। ଏହା ୧୫ ଦିନ ଧରି ଚାଲିବ। ପ୍ରକୃତରେ ଏହି ଟୁର୍ନାମେଣ୍ଟ ମେ ମାସରେ ଖେଳାଯାଇଥାନ୍ତା। ମାତ୍ର କରୋନା ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିଲା।

# କୋଲକାତା- ମୁମ୍ବାଇ ମୁକାବିଲା ଆଜି

ଆବୁଧାବି,୨୨।୯(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପଞ୍ଚମ ମୁକାବିଲାରେ ବୁଧବାର ଦିନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲକାତା ନାଇଟ ରାଇଡର୍ସ ଓ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ମୁହାଁମୁହିଁ ହେବେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁମ୍ବାଇ ପ୍ରତିପକ୍ଷ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ପରାସ୍ତ ହୋଇଥିଲା। ଅନ୍ୟପଟେ କୋଲକାତା ଟୁର୍ନାମେଣ୍ଟରେ ତା'ର ପ୍ରଥମ ମ୍ୟାଚ୍ ଖେଳିବ। ତେଣୁ କୋଲକାତା ପ୍ରଥମ ମ୍ୟାଚ୍ ଜିତି ବିଜୟ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ୨୦୧୩ ପରଠାରୁ ମୁମ୍ବାଇ କେବେବି ତା'ର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇପାରିନାହିଁ। ଏଥର ମଧ୍ୟ ତାହା ହୋଇଛି। ଅନ୍ତିମ ୧୦ ଓଭରରେ ନିୟନ୍ତ୍ରଣକୁ ନେଇ ଚେନ୍ନାଇ ମ୍ୟାଚ୍ ହାତେଇ ନେଇଥିଲା। କୋଲକାତା ବିପକ୍ଷରେ ମୁମ୍ବାଇ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ଉଭୟ ଦଳରେ ବିଗ୍ ହିଟରମାନେ ରହିଥିବାରୁ ଆବୁଧାବିର ଏହି ଟ୍ରାକ୍‌ରେ ଜବରଦସ୍ତ ଲଢ଼େଇ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

ଶୁବମନ ଗିଲ୍ ତାଙ୍କ ତୃତୀୟ ଆଇପିଏଲ୍ ଖେଳିବାକୁଯାଉଛନ୍ତି। ସେ ଜଣେ ଉଚ୍ଚକୋଟୀର ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ। ସେ ଏକ୍ସଟ୍ରା କଭର ଉପର ଦେଇ ଛକା ମାରିବାର କ୍ଷମତା ରଖନ୍ତି। ମୁମ୍ବାଇ ପାଇଁ ସେ ଉପଯୋଗୀ ସାବ୍ୟସ୍ତ ହେବେ। ସୀମିତ ଓଭର କ୍ରିକେଟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ରୋହିତ ଶର୍ମା ଜଣେ ଅସାଧାରଣ ବ୍ୟାଟ୍ସମ୍ୟାନ ରୂପେ ନିଜକୁ ପ୍ରମାଣିତ କରିଛନ୍ତି। ଇତିମଧ୍ୟରେ ବେଶ୍ ଅଭିଜ୍ଞତା ହାସଲ କରିଥିବାର ରୋହିତ


ହାର୍ଦ୍ଦିକ ପାଣ୍ଡ୍ୟା

## ବ୍ୟାଟ୍ସମ୍ୟାନଙ୍କ ଲଢ଼େଇ

କୋଲକାତା ପାଇଁ ସମସ୍ୟା ସୃଷ୍ଟି କରିବେ। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ପ୍ରତିପକ୍ଷ ଦଳର ତାରକା ବୋଲର ସୁନୀଲ ନାରିନ, କୁଲଦୀପ ଯାଦବ ଓ ପ୍ୟାଟ୍ କୁମିନ୍ସଙ୍କ ଭଳି ବୋଲରଙ୍କୁ ମହଙ୍ଗା ସାବ୍ୟସ୍ତ କରିବାର କ୍ଷମତା ରଖୁଛନ୍ତି। ଦ୍ୱିତୀୟ ଦ୍ରୁତ ବୋଲର ଭାବେ କମଲେଶ ନାଗରକୋଟିଇ କିମ୍ବା ପ୍ରସିଦ୍ଧ କ୍ରିଷ୍ଣା ସ୍ଥାନ ପାଇପାରନ୍ତି। ହାର୍ଦ୍ଦିକଙ୍କ ଭଳି ଆନ୍ଦ୍ରେ ରସେଲ ମଧ୍ୟ ବିସ୍ଫୋରକ ବ୍ୟାଟ୍ସମ୍ୟାନ। କୋଲକାତା ତରଫରୁ ସେ ଉପଯୋଗୀ ସାବ୍ୟସ୍ତ ହେବେ। ଟି୨୦ରେ ରେସେଲ ସବୁଠାରୁ ବିସ୍ଫୋରକ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ଗତ ସଂସ୍କରଣରେ ରସେଲ ୫୨ଟି ଛକା ମାରିଥିଲେ। ନିମ୍ନକ୍ରମରେ ବ୍ୟାଟିଂ କରିବାକୁ ପଠାଇଥିବାରୁ ସେ ଟିମ୍ ମ୍ୟାନେଜମେଣ୍ଟକୁ ଖୋଲାଖୋଲି ସମାଲୋଚନା କରିଥିଲେ। ତେବେ ଏଥର ସେ ୩ ନମ୍ବରରେ ବ୍ୟାଟିଂ କରିବାକୁ ସୁଯୋଗ ପାଇବେ। ଏହା ହେଲେ ସେ ପ୍ରତିପକ୍ଷ ବୋଲିଂକୁ ମାମୁଲି ସାବ୍ୟସ୍ତ କରି ବିସ୍ଫୋରକ ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି। ରସେଲଙ୍କୁ ଅତିକମ୍‌ରେ ୬୦ଟି ବଲ ବ୍ୟାଟିଂକରିବାକୁ ସୁଯୋଗ ଦିଆଯିବ। ଯଦି ତାଙ୍କୁ ଭାଗ୍ୟଦେବୀ ସହାୟ ହୁଅନ୍ତି ତା'ହେଲେ ସେ ଦ୍ୱିଶତକ ହାସଲ କରିପାରିବେ ବୋଲି କୋଲକାତା ମେଣ୍ଟର ଡେଭିଡ୍ ହସି କହିଛନ୍ତି। ପୁଣି ଇଂଲଣ୍ଡ ସୀମିତ ଓଭର ଅଧିନାୟକ ଇଆନ ମୋର୍ଗାନ କୋଲକାତା ଦଳରେ ସାମିଲ ଅଛନ୍ତି। ସେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ହ୍ୱାଇଟ୍ ବଲ୍ ଅଧିନାୟକ ବିବେଚିତ ହେଉଛନ୍ତି। ସେ ଅଧିନାୟକ ଦୀନେଶ କାର୍ତ୍ତିକଙ୍କୁ ଗୁରୁତ୍ୱପୂର୍ଣ୍ଣ ସମୟରେ ବିଭିନ୍ନ ପରାମର୍ଶ ଦେଇପାରିବେ। କୋଲକାତା ଦଳରେ ନାରିନ, ଟମ୍ ବାଣ୍ଟୋନ, ରସେଲ ଓ କୁମିନ୍ସଙ୍କ ଭଳି ବିଦେଶୀ ଖେଳାଳି ରହିଛନ୍ତି। ଏପରିସ୍ଥଳେ ମୋର୍ଗାନ କିପରି ଦଳରେ ସ୍ଥାନ ପାଇବେ ସେ ନେଇ ଟିମ୍ ମ୍ୟାନେଜମେଣ୍ଟ ସମସ୍ୟାରେ ପଡ଼ିବ।

ଅପରପକ୍ଷରେ ମୁମ୍ବାଇ ଦଳରେ ଟ୍ରେଣ୍ଟ ବୋଲ୍ଟଙ୍କ ବଦଳରେ ନାଥନ କଲ୍ଟର-ନାଇଲଙ୍କୁ ସାମିଲ କରାଗଲେ ଦଳ ଅଧିକ ସନ୍ତୁଳିତ ହେବ। ଶନିବାର ଭଲ ଆରମ୍ଭ କରିଥିଲେ ମଧ୍ୟ ମୁମ୍ବାଇ ୧୬୨/୯ରେ ସୀମିତ ରହିଥିଲା। ଭଲ ଷ୍ଟ୍ରାଇକ ରୋଟେଟ କରିପାରୁ ନ ଥିବା ସୌରଭ ତିୱାରୀଙ୍କ ବଦଳରେ ଏବେ ବିସ୍ଫୋରକ ଇଶାନ କିଷନଙ୍କୁ ଦଳ ଖେଳାଇପାରେ। ଡେଥ୍ ଅଫ୍ କିଙ୍ଗ୍ କୁହାଯାଉଥିବା ଯଶପ୍ରୀତ ବୁମ୍‌ରା ଚେନ୍ନାଇ ବିପକ୍ଷରେ ୪୩ ରନ ଦେଇ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ସେ ନିଜର ପ୍ରଦର୍ଶନରେ ସୁଧାର ଆଣିବାକୁ ପ୍ରୟାସ କରିବେ। ଦ୍ରୁତ ବୋଲରଙ୍କୁ ବାଦ୍ ଦେଲେ କ୍ରୁନାଲ ପାଣ୍ଡ୍ୟା ଓ ରାହୁଲ ଚହରଙ୍କ ଭଳି ସ୍ପିନର ମୁମ୍ବାଇ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ। ହାର୍ଦ୍ଦିକ ଓ କିରନ ପୋଲାର୍ଡ ମଧ୍ୟ ଭଲ କାମଚଳା ବୋଲିଂ କରିପାରିବେ। ଉଭୟ ହାର୍ଦ୍ଦିକ ଓ ପୋଲାର୍ଡ ଚେନ୍ନାଇ ବିପକ୍ଷରେ ବୋଲିଂ କରି ନ ଥିଲେ।


ଅଲି ଖାନ୍

### ଆଇପିଏଲ୍
(ବୁଧବାର ମ୍ୟାଚ)
ନାଇଟ ରାଇଡର୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**କୋଲକାତା ନାଇଟ୍ ରାଇଡର୍ସ ଦଳ:**
ଦୀନେଶ କାର୍ତ୍ତିକ (ଅଧିନାୟକ), ଇଆନ ମୋର୍ଗାନ, ନୀତୀଶ ରାଣା, ରାହୁଲ ତ୍ରିପାଠୀ, ରିଙ୍କୁ ସିଂ, ଶୁବମନ ଗିଲ, ସିଦ୍ଧେଶ ଲାଡ, ଅଲି ଖାନ, କମଲେଶ ନାଗରକୋଟୀ, କୁଲଦୀପ ଯାଦବ, ଲୋକି ଫର୍ଗୁସନ, ପ୍ୟାଟ୍ କୁମିନ୍ସ, ପ୍ରସିଦ୍ଧ କ୍ରିଷ୍ଣା, ସନ୍ଦୀପ ୱାରିୟର, ଶିବମ୍ ମାଭି, ବରୁଣ ଚକ୍ରବର୍ତ୍ତୀ, ଆନ୍ଦ୍ରେ ରସେଲ, କ୍ରିସ ଗ୍ରୀନ, ଏମ୍. ସିଦ୍ଧାର୍ଥ, ସୁନୀଲ ନାରିନ, ନିଖିଲ ନାଏକ ଓ ଟମ୍ ପାଣ୍ଟନ।

**ମୁମ୍ବାଇ ଇଣ୍ଡିଆନ୍ସ ଦଳ:**
ରୋହିତ ଶର୍ମା (ଅଧିନାୟକ), ଆଦିତ୍ୟ ତାରେ, ଅନମୋଲପ୍ରୀତ ସିଂ, ଅନୁକୂଳ ରଏ, କ୍ରିସ୍ ଲିନ୍, ଧବଲ କୁଲକର୍ଣ୍ଣୀ, ଦିଗବିଜୟ ଦେଶମୁଖ, ହାର୍ଦ୍ଦିକ ପାଣ୍ଡ୍ୟା,ଇଶାନ କିଷନ, ଜେମ୍ସ ପାଟିନସନ, ଯଶପ୍ରୀତ ବୁମ୍‌ରା, ଜୟନ୍ତ ଯାଦବ, କିରନ ପୋଲାର୍ଡ, କ୍ରୁନାଲ ପାଣ୍ଡ୍ୟା, ମିଚେଲ ମ୍ୟାକ୍‌କ୍ଲିନଘନ, ମହସିନ ଖାନ, ନାଥନ କଲ୍ଟର ନିଲ, ପ୍ରିନ୍ସ ବଲବନ୍ତ ରାୟ, କ୍ୱିଣ୍ଟନ ଡିକକ୍, ରାହୁଲ ଚହର, ସୌରଭ ତିୱାରୀ, ସେର୍ଫାନ ରଦରଫୋର୍ଡ, ସୂର୍ଯ୍ୟକୁମାର ଯାଦବ ଓ ଟ୍ରେଣ୍ଟ ବୋଲ୍ଟ।

# ଶୁବମନଙ୍କ ଉପରେ କାର୍ତ୍ତିକଙ୍କ ଭରସା

ଆବୁଧାବି, ୨୨।୯(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ରେ କୋଲକାତା ନାଇଟ ରାଇଡର୍ସ ବୁଧବାର ଏହାର ପ୍ରଥମ ମ୍ୟାଚ ଖେଳିବାକୁ ଯାଉଛି। ସମ୍ମୁଖରେ ସବୁଠାରୁ ସଫଳ ଦଳ ମୁମ୍ବାଇ ଇଣ୍ଡିଆନ୍ସ ଥିବାରୁ ଦଳ ପାଇଁ ଭଲ ଆରମ୍ଭ କରିବା ଚ୍ୟାଲେଞ୍ଜ ସଦୃଶ ହୋଇଛି। ଏପରି ସ୍ଥଳେ ପ୍ରତିଭା ସମ୍ପନ୍ନ ଶୁବମନ ଗିଲ୍‌ଙ୍କ ଉପରେ ଆସ୍ଥା ସ୍ଥାପନ କରିଛନ୍ତି ଅଧିନାୟକ ଦୀନେଶ କାର୍ତ୍ତିକ। ଗତ ସଂସ୍କରଣରେ ଶୁବମନଙ୍କୁ ଅଧିକ ସୁଯୋଗ ମିଳି ନ ଥିଲା। ମାତ୍ର ଏଥର ତାଙ୍କୁ ଓପନିଂ ଦାୟିତ୍ୱ ଦିଆଯିବ ବୋଲି କୋଚ୍ ବ୍ରେଣ୍ଡନ ମ୍ୟାକକୁଲମ ସ୍ପଷ୍ଟ କରି ସାରିଛନ୍ତି। " ଶୁବମନ ଜଣେ କ୍ୱାଲିଟି ଖେଳାଳି। ତାଙ୍କ ନିକଟରୁ ଅନେକ କିଛି ଆଶା ରହିଛି। ଆଶା ଅନୁସାରେ ସେ ପ୍ରଦର୍ଶନ କରିପାରିବା ନେଇ ମୁଁ ଦୃଢ଼ ଆଶାୟୀ" ବୋଲି କାର୍ତ୍ତିକ କହିଛନ୍ତି। ୨୧ ବର୍ଷୀୟ ଗିଲ ଓ ସୁନୀଲ ନାରିନ ଇନିଂସ ଓପନ କରିବେ ବୋଲି ସେ ସୂଚନା ଦେଇଛନ୍ତି। ପୁନର୍ଗଠିତ ନାଇଟ ରାଇଡର୍ସ ଦଳରୁ ଚୂଡ଼ାନ୍ତ ଏକାଦଶ ବାଛିବା ସହଜ ନୁହେଁ ବୋଲି କାର୍ତ୍ତିକ ସ୍ୱୀକାର କରିଛନ୍ତି। ଦଳରେ ଅନେକ ଦକ୍ଷ ଖେଳାଳି ଚୟନ ପାଇଁ ପ୍ରସ୍ତୁତ ଅଛନ୍ତି। ଚୂଡ଼ାନ୍ତ ଏକାଦଶ ବାଛିବା କଷ୍ଟସାଧ୍ୟ ଥିଲେ ହେଁ ଏହା ଦଳ ପାଇଁ ଶୁଭ ବୋଲି ସେ କହିଛନ୍ତି।

ଗତ ସଂସ୍କରଣରେ ନାଇଟ ରାଇଡର୍ସ ଭଲ ଆରମ୍ଭ କରି ୫ ମ୍ୟାଚରୁ ୪ଟିରେ ବିଜୟୀ ହୋଇଥିଲା। ମାତ୍ର ପରେ କ୍ରମାଗତ ୬ଟି ମ୍ୟାଚ ହାରି ପ୍ଲେ-ଅଫ୍‌ରୁ ବାଦ୍ ପଡ଼ିଥିଲା। ଏଥର ନ୍ୟୁଜିଲାଣ୍ଡର ମ୍ୟାକକୁଲମଙ୍କ ନେତୃତ୍ୱରେ କୋଚିଂ ସେଟ୍‌ଅପ୍‌କୁ ପରିବର୍ତ୍ତନ କରାଯାଇଥିବାବେଳେ ଇଂଲଣ୍ଡର ବିଶ୍ୱକପ ବିଜୟୀ ଅଧିନାୟକ ଇଅନ ମୋର୍ଗାନ ଓ ଦ୍ରୁତ ବୋଲର ପ୍ୟାଟ୍ କୁମିନ୍ସଙ୍କୁ ନିଆଯାଇ ଦଳକୁ ସନ୍ତୁଳିତ କରାଯାଇଛି। କୁମିନ୍ସ ଦ୍ରୁତ ବୋଲିଂ ବିଭାଗର ନେତୃତ୍ୱ ନେବାକୁ ଯାଉଥିବାବେଳେ କେଉଁ ଭାରତୀୟ ବୋଲର ସୁଯୋଗ ପାଉଛନ୍ତି ତାହା ଦେଖିବାକୁ ବାକି ରହିଛି। କମଲେଶ୍ ନାଗରକୋଟି, ଶିବମ୍ ମାଭି, ପ୍ରସିଦ୍ଧ କ୍ରିଷ୍ଣା, ସନ୍ଦୀପ ୱାରିୟର ଲାଇନ୍‌ରେ ଅଛନ୍ତି।


ଶୁବମନ ଗିଲ୍

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

ଵ ଭ୍ରମରବର ବେହେରା
ଆବିର୍ଭାବ : ୨୭-୦୨-୧୯୪୩
ତିରୋଧାନ : ୧୩-୦୯-୨୦୨୦
ତୁମର ଅନାବିଳ ସ୍ନେହ, ତ୍ୟାଗ ଓ ଭଲପାଇବା ଆମେ କେବେହେଲେ ଭୁଲି ପାରିବୁ ନାହିଁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ :-
ପତ୍ନୀ-ପ୍ରତିମା ବେହେରା, ପୁତ୍ର-ସତ୍ୟବ୍ରତ ବେହେରା, ବୋହୂ-ରିତା ସାବତ, ଝିଅ ଓ ଜ୍ୱାଇଁ-ଜୁଲୁଲି ଦାସ ଓ ପ୍ରଶାନ୍ତ ଦାସ, ନାତି-ସୋମୁ, ନାତୁଣୀ-ମାମୁନୁ ଓ ଫୁଟି।
ଧ-୧୮୩୨୮

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରମାକାନ୍ତ ସାହୁ
ବରିଷ୍ଠ ଆଇନଜୀବୀ
J.R. Residency, ରବିଟକିଜ୍, ଭୁବନେଶ୍ୱର
ଆବିର୍ଭାବ: ୦୧।୦୪।୧୯୫୦
ତିରୋଧାନ: ୧୪।୦୯।୨୦୨୦
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ ଓ ଶ୍ରୀଶ୍ରୀ ଲଡୁବାବା, ବିଜେ ଶରଣକୁଳ, ନୟାଗଡ଼ଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ: ଜୟଶ୍ରୀ, ଝିଅ: ଚିନ୍ମୟୀ, ଶୋଭନା, ବନ୍ଦିତା, ଜ୍ୱାଇଁ: ଆଶିଷ, ଦେବାଶିଷ, ମନୋଜ, ନାତି-ନାତୁଣୀ: ରିୟା, ଶ୍ରେୟା, ସୋମ୍, ଆଦି ଏବଂ ତେଜ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୬୯୪୪୧

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"

ଵ ମଦନ ମୋହନ ସାହୁ
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୨୩.୦୯.୨୦୧୬
ଆପଣଙ୍କ କର୍ତ୍ତବ୍ୟପରାୟଣତା, ସଚ୍ଚୋଟତା ଓ ଉତ୍ସର୍ଗୀକୃତ ସେବା ସଦା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥ ଓ ମା ସମଲେଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୧୮୩୩୨



## ଫୁଲଚାଷ

ବର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ। ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରମିଅର୍ ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଙ୍ଗ ଷ୍ଟାର, ସୁପର ଜ୍ୟାଂଟ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ।

## ହଳଦୀର ଉନ୍ନତ କିସମ

ରୋମା,ସୁରମା,ରଙ୍ଗ,ରଶ୍ମୀ,ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମିପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡ ଗୁଡିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର ,୧୫ସେ.ମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳୀମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୦ଗାଡି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳୀରେ ୧୦ଗାଡି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା ଯବକ୍ଷାରଜାନ ,୧୨କି.ଗ୍ରା ଫସଫରସ,୩୬କି.ଗ୍ରା ପଟାସ ତିନିଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସଫେଟ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।



# ବଜବଜିଆ ରୋଗ



ଡା. ବୀରକିଶୋର ପରିଡ଼ା

**ସମାର୍ଥବାଚକ ନାମ :** ଚଟୁଆ ଫୁଲା, କଳାଗୋଡ଼, ଗ୍ୟାସ୍ ଗାଙ୍ଗ୍ରିନ୍ ଇତ୍ୟାଦି।

**ରୋଗର କାରଣ**

କ୍ଲଷ୍ଟ୍ରିଡ଼ିୟମ୍ ଚଉଭିଆଇ ନାମକ ଏକ ଲମ୍ବାକୃତି ଚଳନ୍ତି ଜୀବାଣୁ ଦ୍ୱାରା ଏହି ରୋଗ ସାଧାରଣତଃ ହୋଇଥାଏ । ଅନ୍ୟ ଜୀବାଣୁ ଯଥା - କ୍ଲଷ୍ଟିଡ଼ିୟମ ସେପ୍ଟିକମ୍, କ୍ଲଷ୍ଟିଡ଼ିୟମ ଓଡ଼ିମାଟିଏନ୍ସ ଓ କ୍ଲଷ୍ଟ୍ରିଡ଼ିୟମ ପରଫ୍ରିଜେନସ୍ ମଧ୍ୟ ଏହି ରୋଗ ସହିତ ଜଡ଼ିତ ହୋଇଥାନ୍ତି । ଏହି ଜୀବାଣୁ ମାଟି ଓ ରୋଗ ସ୍ଥାନମାନଙ୍କରେ ସର୍ବତ୍ର ରହିଥିବାର ଦେଖିବାକୁ ମିଳେ ଏବଂ ଅନ୍ୟ କେତେକ ସ୍ଥାନରେ କାଁ ଭାଁ ଏହି ଜୀବାଣୁ ରୋଗ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ। ଆମ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହି ରୋଗ ଅଧିକ ଦେଖିବାକୁ ମିଳେ ।

**କେଉଁମାନଙ୍କୁ ହୁଏ**

ଏହା ଏକ ମାରାତ୍ମକ ଜୀବାଣୁଜନିତ ସଂକ୍ରାମକ ରୋଗ ଭାବେ ବାଛୁରିଙ୍କଠାରେ ଦେଖାଯାଏ । ଏହି ରୋଗ ସୁସ୍ଥସବଳ ସ୍ୱଳ୍ପ ବୟସ୍କ ବାଛୁରି ଛଅ ମାସରୁ ଦୁଇ ବର୍ଷ ମଧ୍ୟରେ ବିଶେଷ ଭାବେ ଆକ୍ରାନ୍ତ କରିଥାଏ । ମଇଁଷିଠାରେ ଏହି ରୋଗ କ୍ୱଚିତ୍ ହେବାର ଦେଖିବାକୁ ମିଳେ । ମେଣ୍ଢାଙ୍କୁ ମଧ୍ୟ ଏହି ରୋଗ କ୍ୱଚିତ ହେବାର ଦେଖାଯାଏ ।

**ରୋଗ ବ୍ୟାପିବାର କାରଣ**

ବର୍ଷାଋତୁର ପ୍ରାରମ୍ଭରେ ଜଳବାୟୁର ଆର୍ଦ୍ରତା ଓ ଉତ୍ତାପ ବୃଦ୍ଧି, ଅତ୍ୟଧିକ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇ ଜୀର୍ଣ୍ଣ ନ ହେବା, ଅତ୍ୟଧିକ ଶାରୀରିକ ପରିଶ୍ରମ ଏବଂ ଶରୀରର ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁ ସଂଗଠିତ ଜୀବାଣୁ ସଂକ୍ରମିତ ମାଟି ବା ଗୋଚର ସ୍ଥାନର ଖାଦ୍ୟ ବା ଘାସ ଓ ପାଣି ମାଧ୍ୟମରେ ପାଟି ଭିତର ଦେଇ ପାକସ୍ଥଳୀ ମଧ୍ୟକୁ ପ୍ରବେଶ କରନ୍ତି । ଶରୀରରେ ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁଯୁକ୍ତ ଜୀବାଣୁ ଶରୀରରେ ଥିବା ମାଂସପେଶୀ ଜୀବକୋଷକୁ ଆକ୍ରାନ୍ତ କରି ନଷ୍ଟ କରିଦିଅନ୍ତି ଏବଂ ରୋଗ ସୃଷ୍ଟି କରାନ୍ତି।

**ରୋଗ ସୃଷ୍ଟି ହୁଏ କିପରି**

ସାଧାରଣତଃ ରେଣୁଯୁକ୍ତ ଜୀବାଣୁ ମାଟିକୁ ବା ଗୋଚରରୁ ଯେ କୌଣସି ଉପାୟରେ ଗୋରୁଙ୍କ ପାଟି ଭିତରକୁ ପ୍ରବେଶ କଲାପରେ ପେଟ ଭିତରକୁ ଯାଏ । ଶରୀରର ପ୍ରତିରୋଧକାରୀ ଶକ୍ତିର ହ୍ରାସ ଘଟିଲେ ଉକ୍ତ ରେଣୁଯୁକ୍ତ ଜୀବାଣୁ ଶରୀରର ମାଂସପେଶୀ ଆଡ଼କୁ ଆକର୍ଷିତ ହୋଇ ସେଠାରେ ପହଞ୍ଚେ । ଏହି ମାଂସପେଶୀ ଜୀବକୋଷରେ ପହଞ୍ଚିଲା ପରେ ଏହି ଜୀବାଣୁ ରେଣୁମୁକ୍ତ ହୋଇ ରୋଗର ଜୀବାଣୁ ରୂପ ଧାରଣ କରେ ଏବଂ ଏହା ଦୁଇଟି ଉପାୟରେ ଶରୀରରେ ରୋଗ ସୃଷ୍ଟି କରିଥାଏ ।

-ଜୀବାଣୁ ପ୍ରଥମେ ଟକ୍ସିନ୍ ବା ବିଷ ପଦାର୍ଥ ସୃଷ୍ଟି କରି ମାଂସପେଶୀର ଜୀବକୋଷଗୁଡ଼ିକୁ ନଷ୍ଟ କରିଦିଅନ୍ତି । ଫଳରେ ଏହି ସ୍ଥାନରେ ଅଙ୍ଗାରକାମ୍ଳ ପରିବେଶ (ନୀଳ ରଙ୍ଗପରି) ସୃଷ୍ଟି କରିଥାନ୍ତି ; ଯେଉଁଥିରେ କି ଏହି ଜୀବାଣୁ ବଂଶବୃଦ୍ଧିରେ ସହାୟକ ହୋଇଥାଏ ଏବଂ ଅଧିକରୁ ଅଧିକ ଜୀବକୋଷ ନଷ୍ଟ କରିବାକୁ ସକ୍ଷମ ହୁଅନ୍ତି ।

-ଏହି ଜୀବାଣୁ ମାଂସପେଶୀରେ ହାଇଡ୍ରୋଜେନ୍ ଗ୍ୟାସ୍ ନିର୍ଗତ କରାନ୍ତି । ଏହି ଗ୍ୟାସ୍ ମାଂସପେଶୀ ଜୀବକୋଷଗୁଡ଼ିକୁ ଚର୍ମ ଓ ସଂଯୁକ୍ତ ଜୀବକୋଷଠାରୁ ଅଲଗା କରି ଏକ ଶୂନ୍ୟସ୍ଥାନ ସୃଷ୍ଟି କରାନ୍ତି । ଏହି ସଂକ୍ରମିତ ସ୍ଥାନରୁ ନିର୍ଗତ ରକ୍ତମିଶ୍ରିତ ପାଣି ଜମି ରୁହେ । ଜୀବାଣୁ ଏହି ଅଙ୍ଗାରକାମ୍ଳ ପରିବେଶ ଓ ଶୂନ୍ୟସ୍ଥାନରେ ବଂଶବୃଦ୍ଧି ଘଟାଇବାରେ ସୁଯୋଗ ପାଆନ୍ତି ।



**ଲକ୍ଷଣ :** ଜୀବାଣୁ ପ୍ରବେଶ କରିବାର ୧-୫ ଦିନ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ କରିଥାନ୍ତି। କେତେକ ସମୟରେ ରୋଗର ଲକ୍ଷଣ ପ୍ରକାଶ ନ ପାଇ ମଧ୍ୟ ବାଛୁରି ମୃତ୍ୟୁବରଣ କରନ୍ତି। ଏହି ରୋଗ ହେବାର ପ୍ରଥମ ଲକ୍ଷଣ ହେଲା - ଶାରୀରିକ ଉତ୍ତାପ ବୃଦ୍ଧି ବା ଜ୍ୱର ୧୦୩ ଡିଗ୍ରୀ ଫାରେନହାଇଟ୍‌କୁ ବୃଦ୍ଧି ପାଏ । ବାଛୁରିଙ୍କ ଖାଇବା ଓ ହଜମ ପ୍ରକ୍ରିୟା କମିଯାଏ । ଆଗଗୋଡ଼ର ଉପର ବା କାନ୍ଧଅଂଶ ଏବଂ ପଛଗୋଡ଼ର ଚଟୁଆ ଅଂଶ ଖୁବଶୀଘ୍ର ଫୁଲିଯାଏ। ଫୁଲା ପଡ଼ିଥିବା ମାଂସପେଶୀ ସ୍ଥାନରେ ଗ୍ୟାସ୍ ଥିବା ଯୋଗୁ ଅଙ୍ଗୁଳିରେ ଚିପିଲେ 'କଡ଼କଡ଼' ଶବ୍ଦ ହୁଏ । ପଛଗୋଡ଼ ଛୋଟାଏ । ଆଗଗୋଡ଼ ଆକ୍ରାନ୍ତ ହେଲେ ବାଛୁରି ଛିଡ଼ା ହୋଇ ନ ରହି ଚିତ୍‌ପଟା ଅବସ୍ଥାରେ ପଡ଼ିରୁହନ୍ତି ଏବଂ ଛାଟିପିଟି ହୁଅନ୍ତି । ବାଛୁରି ଥରିବା ସହିତ ଆକ୍ରାନ୍ତ ମାଂସପେଶୀଗୁଡ଼ିକର ଘନଘନ ସଙ୍କୋଚନ-ପ୍ରସାରଣ ଘଟିଥାଏ । ଫୁଲା ମାଂସପେଶୀଠାରେ ପ୍ରଥମେ ଗରମ ଓ ଯନ୍ତ୍ରଣାଦାୟକ ଅନୁଭୂତ ହୁଏ ଏବଂ ପରେ ପରେ ଥଣ୍ଡା ଓ କ୍ଷୀଣ ହୋଇଯାଏ । ମାଂସପେଶୀର ମଝିଅଂଶ ଶୁଷ୍କ ଲାଲ ଓ ମୃତଜୀବକୋଷଗୁଡ଼ିକ କଳା ପରି ଦିଶେ ଏବଂ ଏଥିରେ ଗ୍ୟାସର ଫୋଟକମାନ ପୂରି ରହିଥାଏ । ଏହି ସଂକ୍ରମିତ ଚତୁଃପାର୍ଶ୍ୱରେ ମାଂସପେଶୀର ରଙ୍ଗ ଈଷତ୍ ଲାଲ୍ ବା ମାଟିଆ ପରି ଦିଶେ ଏବଂ ରକ୍ତ ମିଶ୍ରିତ ପାଣି ମିଶିକରି ଥାଏ । ସ୍ଥାନୀୟ ଲସିକା ଗ୍ରନ୍ଥିଗୁଡ଼ିକ ଫୁଲିଥାଏ ।

**ଚିହ୍ନଟ ପ୍ରଣାଳୀ**

-ଉପରୋକ୍ତ ଲକ୍ଷଣ ଏବଂ ରୋଗର ଇତିବୃତ୍ତି ଅନୁସାରେ ମାଂସପେଶୀର ଫୁଲାଅଂଶ ଚିପିଲେ କଡ଼କଡ଼ ଶବ୍ଦ, ଅଙ୍ଗୁଳିରେ ଚିପିବା ସ୍ଥାନ ଦବି ରହିବା, ଫୁଲା ଅଂଶ ଖୁବଶୀଘ୍ର ବଢ଼ିଯିବା, ଜ୍ୱର ହେବା, ଛୋଟାଇବା ଇତ୍ୟାଦି ।

-ସଂକ୍ରମିତ ମାଂସପେଶୀଠାରୁ ସ୍ଲାଇଡ଼ରେ ସ୍ମିଅର୍ ନେଇ ଗ୍ରାମଷ୍ଟେନ୍ କଲାପରେ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଗ୍ରାମ୍ ପଜିଟିଭ୍ ଛୋଟ ରଡ୍ ଆକୃତିରେ ଜୀବାଣୁ ଦେଖି ଚିହ୍ନିବା ।

-ସଂକ୍ରମିତ ମାଂସପେଶୀର ଅଂଶବିଶେଷକୁ ଗିନିପିଗ୍ ଶରୀରର ମାଂସରେ ଇଞ୍ଜେକସନ୍ ଦେଲେ ଉପରୋକ୍ତ ଲକ୍ଷଣ ପ୍ରକାଶ ପାଇବ ଏବଂ ମୃତ୍ୟୁ ପରେ ଯକୃତରୁ ସ୍ମିଅର ନେଇ ପରୀକ୍ଷା କରିବା ।

-ପ୍ରାଣୀର ମୃତ୍ୟୁ ହେଲା ପରେ ହୃତ୍‌ପିଣ୍ଡର ରକ୍ତ, ଯକୃତ ଓ ପ୍ଲିହାରୁ ମଧ୍ୟ ଜୀବାଣୁକୁ ଖାଦ୍ୟ ମେଡ଼ିଆ ସାହାଯ୍ୟରେ ସଂଖ୍ୟା ବୃଦ୍ଧି କରି ଜୀବାଣୁ ଚିହ୍ନଟ ଉପାୟ ସ୍ଥିର କରାଯାଏ ।

**ରୋଗ ନିୟନ୍ତ୍ରଣ**

-ପ୍ରତିଷେଧକ ବ୍ୟବସ୍ଥା ଅନୁସାରେ ଅଳ୍ପ ବୟସ୍କ ୬ମାସରୁ ଉର୍ଦ୍ଧ୍ୱ ଏବଂ ୩ ବର୍ଷରୁ କମ୍ ଥିବା ସମସ୍ତ ବାଛୁରି ଓ ଗୋରୁଙ୍କୁ ବର୍ଷାଦିନ ଓ ଶୀତଦିନ ଆରମ୍ଭରେ ନିମ୍ନଲିଖିତ ଟିକା ଦିଆଯିବା ଏକାନ୍ତ ଜରୁରୀ । (କ) ଫର୍ମାଲାଇଜିଡ୍ ହୋଲ୍ କଲଚର୍ ବି.କ୍ୟୁ ଭ୍ୟାକ୍ସିନ - ୫ମିଲି ଚମଡ଼ା ତଳେ (ଖ) ବାଇଭାଲାଣ୍ଟ ବି.କ୍ୟୁ. ଭ୍ୟାକ୍‌ସିନ୍।

-ମୃତ ବାଛୁରିର ଶରୀର ବ୍ୟବଚ୍ଛେଦ କରିବା ଉଚିତ ନୁହେଁ। ଏହାକୁ ପୋତିଦେବା ବା ପୋଡ଼ିଦେବା ଦରକାର । ପୋତିବା ସ୍ଥାନ ଉପରେ ଚୂନ ବା କଷ୍ଟିକ ସୋଡ଼ା ପକାଇବା ଦରକାର ।

-ସୁସ୍ଥସବଳ ବାଛୁରିଙ୍କୁ ରୋଗାକ୍ରାନ୍ତ ହୋଇଥିବା ବାଛୁରିଙ୍କଠାରୁ ଦୂରେଇ ରଖନ୍ତୁ।

-ସାଧାରଣତଃ ମାଟିରୁ ଏହି ଜୀବାଣୁ ବାଛୁରିମାନଙ୍କୁ ସଂକ୍ରମଣ କରିଥାନ୍ତି । ତେଣୁ କେଉଁ ମାଟିରେ ଏହି ଜୀବାଣୁ ଅଛନ୍ତି, ତାହା ଜାଣିବା ଦରକାର । ସେହି ଅନୁସାରେ ସେହି ଅଞ୍ଚଳକୁ ବାଛୁରିମାନଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ ।

-ରୋଗ ଆରମ୍ଭ ହେବାମାତ୍ରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସାହାଯ୍ୟ ନିଅନ୍ତୁ ଏବଂ ଏହାର ଚିକିତ୍ସା ସଙ୍ଗେ ସଙ୍ଗେ କରାନ୍ତୁ ।

-ଗୁହାଳକୁ ସ୍ୱାସ୍ଥ୍ୟକର ଓ ପରିଷ୍କାର ପରିଚ୍ଛନ୍ନ ପରିବେଶରେ ରଖନ୍ତୁ ଏବଂ ନିୟମିତ ଭାବରେ ବିଶୋଧନ କରନ୍ତୁ ।

-ଖାଦ୍ୟପାତ୍ର ଓ ପାଣିପାତ୍ରକୁ ନିୟମିତ ଭାବେ ପରିଷ୍କାର ଓ ବିଶୋଧନ କରାନ୍ତୁ ।

-ଗୁହାଳରେ ଆବଶ୍ୟକ ମୁତାବକ ଗୋରୁ ରଖନ୍ତୁ ଏବଂ ଅଯଥା ଗହଳି କରିବାକୁ ଦିଅନ୍ତୁ ନାହିଁ ।

-ଗୁହାଳରେ ମୁକ୍ତ ବାୟୁ ଚଳାଚଳ ଓ ଆଲୋକ ପ୍ରବେଶ ପାଇଁ ବ୍ୟବସ୍ଥା କରନ୍ତୁ।

*-ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ, (ରୋଗ ନିୟନ୍ତ୍ରଣ) କଳାହାଣ୍ଡି*
*ମୋ : ୯୪୩୭୬୦୭୩୧୨*



## ଚିକିତ୍ସା ବ୍ୟବସ୍ଥା

ରୋଗ ଆରମ୍ଭ ହେଲାମାତ୍ରେ ଚିକିତ୍ସା କଲେ ତାହା ଫଳପ୍ରଦ ହୋଇଥାଏ । ବିଭିନ୍ନ ଆଣ୍ଟିବାଓଟିକ୍ସ ଯଥା - ପେନିସିଲିନ୍, ଅକ୍ସିଟେଟ୍ରାସାଇକ୍ଲିନ, କ୍ଲାଇଣ୍ଡୋମାଇସିନ୍, କ୍ଲୋରୋଫେନିକଲ୍ ଇଞ୍ଜେକସନ୍ ଆବଶ୍ୟକସ୍ଥଳେ ଦୁଇଗୁଣ ହିସାବରେ ପାଞ୍ଚଦିନ ପର୍ଯ୍ୟନ୍ତ ଅତିକମ୍‌ରେ ଦେବାକୁ ପଡ଼େ। ଗାଈ ବା ଛଡ଼ାମାନଙ୍କୁ ପ୍ରଜନନକ୍ଷମ କରି ଗର୍ଭବତୀ କରାଯାଇପାରିବ। ଏହି ଇଞ୍ଜେକସନ ମଧ୍ୟ ଫୁଲା ଅଂଶରେ ଦିଆଯାଇଥାଏ । ଅନ୍ୟାନ୍ୟ ଇଞ୍ଜେକସନ ଯଥା ଆଭିଲ୍, ଷ୍ଟିରଏଡ୍ ଏବଂ ଆବଶ୍ୟକ ସ୍ଥଳେ ଡେକ୍ସଟ୍ରୋଜ୍ ସାଲାଇନ ମଧ୍ୟ ଦିଆଯିବା ଦରକାର । ଫୁଲା ପଡ଼ିଥିବା ମାଂସପେଶୀରେ ଘା' ସୃଷ୍ଟି ହେଲେ ଏହି ସ୍ଥାନରୁ ସମସ୍ତ ଗ୍ୟାସ୍ ଓ ପାଣି ଅଂଶ ଭଲଭାବେ ବାହାର କରିବା ସହିତ ସଫାକରି ପ୍ରତିଦିନ ଆଣ୍ଟିବାଓଟନ୍ସ ଔଷଧ ସାହାଯ୍ୟରେ ଡ୍ରେସିଂ କରାଯିବା ଉଚିତ ।

# କୃଷି ପାଇଁ ନୂତନ କୀଟନାଶକ



ପ୍ରତ୍ୟୁଷ ପଣ୍ଡା

କୃଷି କ୍ଷେତ୍ରରେ କୀଟମାନଙ୍କର ପ୍ରାଦୁର୍ଭାବ ସବୁବେଳେ ଦେଖାଦେଇଥାଏ। ଏହି କୀଟମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଆମେ ବିଭିନ୍ନ ରାସାୟନିକ କୀଟନାଶକ ଉପରେ ନିର୍ଭର କରୁ, କିନ୍ତୁ ଏହି ରାସାୟନିକ କୀଟନାଶକ କୀଟ ମାରୁଥିଲେ ମଧ୍ୟ ପରିବେଶକୁ ଖୁବ୍ ମାତ୍ରାରେ ନଷ୍ଟ କରିଦିଏ ଏବଂ ଚାଷୀ ଭାଇଟିର ଖର୍ଚ୍ଚ ଦୁଇ ଗୁଣ ହୋଇଯାଏ। ଯଦି ଆମେ ଜୈବିକ ଚାଷ କରୁଥିବା ତେବେ ଏହି କୀଟନାଶକଗୁଡିକ ଆମ ପାଇଁ ମହୌଷଧି ପରି କାମ କରିବେ ଏବଂ ଜୈବିକ ଚାଷରୁ ଆମେ ବହୁ ଆୟ କରିପାରିବା। ଏହା ସହ ପରିବେଶ ମଧ୍ୟ ଭଲ ରହିବ। ତା' ସହ ଆଜିକାଲି ଲୋକମାନେ ଜୈବିକ ପନିପରିବା ଓ ଶସ୍ୟ ଖାଇବାକୁ ଇଚ୍ଛା କଲେଣି। ତାଙ୍କର ବର୍ଦ୍ଧିତ ଚାହିଦାକୁ ମେଣ୍ଟାଇବା ସହ କୃଷକର ଆୟ ଦ୍ୱିଗୁଣିତ ହେବ। ତେବେ ଏହି କୀଟନାଶକଗୁଡିକ ବୃକ୍ଷଜାତ ପଦାର୍ଥରୁ ତିଆରି ହୋଇଅଛି। ଏହିସବୁ ପଦାର୍ଥକୁ ନେଇ ଆମେ କୀଟନାଶକ ଖୁବ୍ ସହଜରେ ତିଆରି କରିପାରିବା। ସେଗୁଡିକ ହେଲା-ଟପଟେନ୍ ବାଣ, ମହୌଷଧି ବାଣ, ନୀମାସ୍ତ୍ର, ଅଗ୍ନିଅସ୍ତ୍ର ଓ ବ୍ରହ୍ମାସ୍ତ୍ର।



**ଟପଟେନ୍ ବାଣ**

ଏହାର ପ୍ରସ୍ତୁତି ପାଇଁ ନିମ୍ବପତ୍ର (୨୫ କିଗ୍ରା), ଅମୃତଭଣ୍ଡା, ଆତ, କରଡଶ, କୋରୁଆଁ, ଲଙ୍କା, ନାଗଅଇରି, ଜଡା, କାନଶିରି, ଅରଖ ପତ୍ର (ପ୍ରତ୍ୟେକରୁ ୬ କିଗ୍ରା ଲେଖାଏଁ), ଗାଈ ଗୋବର ୫ କିଗ୍ରା, ଗାଈ ମୂତ୍ର ୫ କିଗ୍ରା ଆବଶ୍ୟକ। ଏଗୁଡିକୁ ୨୦୦ ଲିଟର ପାଣିରେ ମିଶାଇ ୨୧-୩୦ଦିନ ପର୍ଯ୍ୟନ୍ତ ରଖନ୍ତୁ। ପରେ ଏହାକୁ ଛାଣି ୨୦୦ଲିଟର ପାଣିରେ ୪-୫ଲିଟର ଲେଖାଏ ମିଶାଇ ଏକ ଏକର ଜମିରେ ପ୍ରୟୋଗ କରିପାରିବେ। ଏହାକୁ 'ଟପ୍ ଟେନ୍ ବାଣ' କୁହାଯାଏ। ଏହା ଫସଲର କ୍ଷତି କରୁଥିବା ଶୋଷକ ପୋକ ଓ ଫଳବିନ୍ଧା ପୋକ ନିୟନ୍ତ୍ରଣ କରିପାରିବ।

**ମହୌଷଧି ବାଣ**

ଏଥିପାଇଁ ଗୋମୂତ୍ର ୧୦-୧୫ଲିଟର, ସଦ୍ୟ ଗୋବର- ୧-୨ କିଗ୍ରା, ହଳଦୀଗୁଣ୍ଡ ୧୦୦-୨୦୦ ଗ୍ରାମ, ହରିଡା ବା ଆତ ମଞ୍ଜି ଚୂର୍ଣ୍ଣ-୧୦୦ ଗ୍ରାମ, ଦରଛେଚା ବେଲଫଳ ଚୋପା-୧୦୦ ଗ୍ରାମ, ରିଠାଫଳ ଗୁଣ୍ଡ-୨୦୦ ଗ୍ରାମ, ଅରଖ ପତ୍ର-ଏକ କିଗ୍ରା, କୋଚିଲା ପତ୍ର-୧ କିଗ୍ରା ଆବଶ୍ୟକ। ଏହା ସହ ଯେ କୌଣସି ଫଳରସରୁ ଏକ ଲିଟର ନେଇ ଗୋଟିଏ ପ୍ଲାଷ୍ଟିକ ବକେଟରେ ମିଶାଇ ୧୫ଦିନ ଛାଇରେ ରଖନ୍ତୁ। ୧୫ଦିନ ପରେ ଗୋଟିଏ କାଠିରେ ଶଢ଼ା ଘୋଳକୁ ଘାଣ୍ଟନ୍ତୁ। ପ୍ରତିଦିନ ଥରେ କିମ୍ବା ଦୁଇ ଥର ଏପରି ଘାଣ୍ଟନ୍ତୁ। ଭଲ ଭାବରେ ଏହି ଘୋଳ ଶଢ଼ି ଗଲା ପରେ ଏକ ସରୁ କପଡାରେ ଛାଣି ଦିଅନ୍ତୁ। ଏବେ ମହୌଷଧି ବାଣ ପ୍ରସ୍ତୁତ ହୋଇଗଲା। ଏହାକୁ ମଧ୍ୟ ସୁରାସାର ମହୌଷଧି ମଧ୍ୟ କୁହାଯାଏ। ଦଶ ଲିଟର ପାଣିରେ ୫ ମିଲି ଘୋଳକୁ ଗୋଳାଇ ବିଭିନ୍ନ ଫସଲରେ ସିଞ୍ଚନ କଲେ ପ୍ରତକଟା, ପତ୍ରଖିଆ, କାଣ୍ଡବିନ୍ଧା କୀଟ ଓ ବୀଜାଣୁଜନିତ ପତ୍ରପୋଡା ରୋଗ ନିୟନ୍ତ୍ରଣ କରିହୁଏ।

**ନିମାସ୍ତ୍ର :** ଏହାକୁ ପ୍ରସ୍ତୁତ କରିବା ପାଇଁ ୧୦୦ଲିଟର ପାଣି, ଏକ କିଗ୍ରା ଦେଶୀଗାଈ ଗୋବର, ୫ ଲିଟର ଗୋମୂତ୍ର, ୫ କିଗ୍ରା ନିମ୍ବପତ୍ର ଆବଶ୍ୟକ ହୋଇଥାଏ। ଏହି ସବୁ ପଦାର୍ଥଗୁଡିକୁ ଡ୍ରମରେ ଭଲ ଭାବରେ ମିଶାନ୍ତୁ। ଏହି ମିଶ୍ରଣ ରଖିଥିବା ପାତ୍ରକୁ ଅଖାରେ ଘୋଡାଇ ୨୪ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ରଖନ୍ତୁ। କାଠିଦ୍ୱାରା ସେହି ମିଶ୍ରଣକୁ ଦୁଇ ଥର ଭଲ ଭାବରେ ଗୋଳାନ୍ତୁ। ୨୪ ଘଣ୍ଟା ପରେ ସେହି ମିଶ୍ରଣକୁ କନାଦ୍ୱାରା ଛାଣି ଦିଅନ୍ତୁ। ବର୍ତ୍ତମାନ ନିମାସ୍ତ୍ର ପ୍ରସ୍ତୁତ ହୋଇଗଲା। ଏହାକୁ ଏକ ବଡ ପାତ୍ରରେ ସଂଗ୍ରହ କରି ରଖନ୍ତୁ। ନିମାସ୍ତ୍ରରେ ପାଣି ନ ମିଶାଇ ସନ୍ଧ୍ୟା ସମୟରେ ଗଛ ଉପରେ ସିଞ୍ଚନ କରନ୍ତୁ। ନିମାସ୍ତ୍ର ତିଆରି କରିବାର ଗୋଟିଏ ସପ୍ତାହ ଭିତରେ ହିଁ ବ୍ୟବହାର କରନ୍ତୁ। ଏହା ସମସ୍ତ ଶୋଷୁଥିବା ପୋକ ଏବଂ ଦହିଆ ପୋକଗୁଡିକୁ ନଷ୍ଟ କରିଦେଇଥାଏ।

**ଅଗ୍ନି ଅସ୍ତ୍ର**

ଏହାକୁ ପ୍ରସ୍ତୁତ କରିବା ପାଇଁ ଗାଈ ମୂତ୍ର ୧୦ଲିଟର, କୁଟା ହୋଇଥିବା ଶୁଖିଲା ଲଙ୍କା ୫୦୦ ଗ୍ରାମ, କୁଟା ଧୂଆଁ ପତ୍ର ୧ କିଗ୍ରା (ଧୂଆଁ ପତ୍ର ଜାଗାରେ ଚା' ପତ୍ର ନେଇପାରିବେ), ବଟା ରସୁଣ ୫୦୦ ଗ୍ରାମ, ନିମପତ୍ର ବଟା ୫ କିଗ୍ରା ଆବଶ୍ୟକ ହୋଇଥାଏ। ଏହି ସବୁ ପଦାର୍ଥଗୁଡିକୁ ବଡ ପାତ୍ର/ଡେକଚିରେ ଭଲ ଭାବରେ ମିଶାଇ ୫ ଥର ଫୁଟାଇ ବାହାର କରନ୍ତୁ। ତା'ପରେ ଏହାକୁ ଛାଣି ଗୋଟିଏ ପାତ୍ରରେ ରଖନ୍ତୁ। ଏବେ ଅଗ୍ନି ଅସ୍ତ୍ର ପ୍ରସ୍ତୁତ ହୋଇଗଲା। ଏହାକୁ ପ୍ରସ୍ତୁତ କରିବାର ୩ ମାସ ପର୍ଯ୍ୟନ୍ତ ବ୍ୟବହାର କରିପାରିବେ। ପ୍ରତି ଏକରରେ ୨-୨.୫ ଲିଟର ଅଗ୍ନି ଅସ୍ତ୍ରକୁ ୧୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଏହା ପ୍ରତମୋଡା ପୋକ, ଗଛ କାଣ୍ଡ ଶାଖା, ଚେର ଓ ଫଳକୁ ଖୋଳୁଥିବା ପୋକ ନିବାରଣ ନିମନ୍ତେ ବିଶେଷ ଉପଯୋଗୀ।

*-ତୃତୀୟବର୍ଷ କୃଷି ଛାତ୍ର, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, କଟକ*
*ମୋ : ୭୮୭୩୮୨୭୮୩୦*

## ଚିନାବାଦାମ

ଆଗରୁ ଲଗାଯାଇଥିବା ଚିନାବାଦାମ ୪ ସପ୍ତାହର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ ଏବଂ ତା' ପରେ ଏକର ପ୍ରତି ୧୦୦ କିଗ୍ରା ଜିପ୍‌ସମ୍ ଛାଟନ୍ତୁ। ଯଦି ଗଛ ଧାଡିର ପାର୍ଶ୍ୱରେ ଲାଇନ୍ କରି ପକାଯାଏ, ଏକର ପ୍ରତି କେବଳ ୫୦ କିଗ୍ରା ଜିପ୍‌ସମ୍ ଆବଶ୍ୟକ ହୋଇଥାଏ। ଫସ୍‌ଫରସ୍ ସାରକୁ ଆମୋନିୟମ୍ ସଲ୍‌ଫେଟ୍ କିମ୍ବା ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରିଥିଲେ ଜିପ୍‌ସମ୍‌ର ଆବଶ୍ୟକତା ପଡେ ନାହିଁ। ଜମିର ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ। ରବି, ଚିନାବାଦାମ ପାଇଁ ଜମି ପ୍ରସ୍ତୁତ କରନ୍ତୁ ଓ ଉନ୍ନତ କିସମ ଯଥା ଏକେ ୧୨ - ୨୪, ସ୍ମୃତି କିମ୍ବା ଜେ.ଏଲ୍ - ୨୪ ଆଦି ବ୍ୟବହାର କରନ୍ତୁ।



## ଫଳଚାଷ ସମ୍ପର୍କରେ..



**ଅମୃତଭଣ୍ଡା**

-ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ।

-ରୋଗଣା ଗଛକୁ ବାହାର କରିଦିଅନ୍ତୁ।

-ମେଟାଲାକ୍ସିଲ୍ + ମାଙ୍କୋଜେବ୍ (ରିଡ଼ୋମିଲ୍ ଏମ୍.ଜେଡ୍) ଏକ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ।

**ଲେମ୍ବୁ**

-ବର୍ଷାଦିନେ ଲେମ୍ବୁର ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ। ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ। ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଏବଂ କଟା ଜାଗାରେ ବୋର୍ଡ଼ୋ ପେଷ୍ଟ ପ୍ରଲେପ ଦିଅନ୍ତୁ।

-ଏକ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ।

-ଏକ ଭାଗ ବୋର୍ଡ଼ାକ୍ସ ମିକ୍ସଚର (୫:୫:୫୦)କୁ ୧୫ ଦିନ ଅନ୍ତରରେ ବ୍ୟବହାର କରାଯାଇପାରିବ।

## ୧୭ ଗ୍ରାମ, ୱାର୍ଡ ଆବଦ୍ଧାଞ୍ଚଳ ଘୋଷିତ

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଉପଖଣ୍ଡରେ କରୋନା ସଂକ୍ରମଣ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ମଙ୍ଗଳବାର ଏହି ଉପଖଣ୍ଡର ବାଣପୁର, ବୋଲଗଡ଼, ଚିଲିକା ଏବଂ ବେଗୁନିଆ ବ୍ଲକର ୧୫ଟି ଗ୍ରାମ ଏବଂ ବାଲୁଗାଁ ଏନ୍ଏସିର ଦୁଇଟି ୱାର୍ଡକୁ ଆବଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ବିଞ୍ଜଳା, ବରପାଟଣା, କନ୍ହେଇପୁର, ବଡ଼ପଦର, ଭାବିନୀପୁର, କୁଲେଇ, କୁମାରଙ୍ଗ, ନରେନ୍ଦ୍ରପୁର, ମାଟିଆ ପୋଖରୀ, ଦାମିଆ ବରବରା, ଭାବିନିପୁର, ବଡକୁଳ, ମାଣିକପୁର, ଗୌଡିଏପଡ଼ା, ବରପଡ଼ା, ଏବଂ ବାଲୁଗାଁ ଏନଏସିର ୭ ଓ ୮ନଂ ୱାର୍ଡକୁ ଆବଦ୍ଧାଞ୍ଚଳ କରାଯାଇଛି।

## ସଂକ୍ଷେପରେ

### ଚୌଦ୍ୱାର ଜେଲରେ ୩ ପଜିଟିଭ

**ଚୌଦ୍ୱାର,୨୨।୯ (ଡି.ଏନ୍.ଏ):** ଚୌଦ୍ୱାର ଜେଲରେ ମଙ୍ଗଳବାର ୩ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ସେଥି ମଧ୍ୟରୁ ଜଣେ ମହିଳା କଏଦୀ, ଜଣେ ପୁରୁଷ କଏଦୀ ଓ ଜଣେ କର୍ମଚାରୀ ଥିବା ଜଣାପଡିଛି। ସମସ୍ତଙ୍କୁ ଜେଲ ପରିସର ଆଇସୋଲେଶନ ୱାର୍ଡରେ ରଖାଯାଇଥିବା ମିଶ୍ର କହିଛନ୍ତି।

### ମାଓବାଦୀ ନିୟନ୍ତ୍ରଣ ରଣନୀତିକୁ ଡିଜିପିଙ୍କ ପ୍ରଶଂସା

**ଭୁବନେଶ୍ୱର,୨୨।୯(ବ୍ୟୁରୋ):** ମାଓବାଦୀ ପ୍ରବଣ ଜିଲାଗୁଡିକରେ ମାଓବାଦୀ କାର୍ଯ୍ୟକଳାପରେ ରୋକ ଦେବା ସହ ଲୋକମାନେ କିପରି ସୁରକ୍ଷିତ ରହିବେ ସେନେଇ ଓଡ଼ିଶା ପୋଲିସ ଓ ବିଏସ୍ଏଫ୍‌ର ବରିଷ୍ଠ ଅଧିକାରୀଙ୍କ ସହ ରାଜ୍ୟ ପୋଲିସ ଡିଜି ଅଭୟଙ୍କ ଅଧକ୍ଷତାରେ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଓବାଦୀ କାର୍ଯ୍ୟକଳାପ ନିୟନ୍ତ୍ରଣ ନେଇ ରଣନୀତି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଅତିତରେ ମାଓବାଦୀ ଦମନ ପାଇଁ ବିଏସ୍ଏଫର ହୋଇଥିବା ସଫଳ ଅପରେଶନ ଭୂମିକାକୁ ଡିଜି ପ୍ରଶଂସା କରିଥିଲେ। ଏଥିରେ ବିଏସଫ ଏଡିଜି ଡ. ଏସଏଲ ଥୋସେନ, ଆଇଜି ହରିବିନ୍ଦର ପାଲଙ୍କ ସମେତ ଗୁଇନ୍ଦା ଡିଆଇଜି ଅନିରୁଦ୍ଧ ସିଂ, ଆଇଜି ଅପରେଶନ ଅମିତାଭ ଠାକୁର, ଗୁଇନ୍ଦା ନିର୍ଦ୍ଦେଶକ ରାଧାକୃଷ୍ଣ ଶର୍ମା ପ୍ରମୁଖ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

### ୬ କୋଚିଂ ସେଣ୍ଟରରେ ଚଢ଼ାଉ

**ନିମାପଡ଼ା,୨୨।୯(ଡି.ଏନ୍.ଏ.):** ନିମାପଡ଼ା ଅଞ୍ଚଳରେ କେତେଜଣ ଶିକ୍ଷକ କୋଭିଡ ନିୟମକୁ ଉଲ୍ଲଂଘନ କରି କୋଚିଂ ସେଣ୍ଟର ଖୋଲି ଛାତ୍ରୀଛାତ୍ରଙ୍କୁ ଏକାଠି ବସାଇ ପାଠ ପଢ଼ାଉଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଏନ୍ଏସି ପକ୍ଷରୁ ପୋଲିସ ସହାୟତାରେ ୬ଟି କୋଚିଂ ସେଣ୍ଟରରେ ଚଢ଼ାଉ କରାଯାଇଛି। ସେମାନଙ୍କଠାରୁ ୧୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାସହ ମାସ୍କ ଚେକିଂ କରାଯାଇ ୨୦ଜଣ ବାଇକ୍ ଚାଳକଙ୍କଠାରୁ ୨ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଚଢ଼ାଉରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିଭୂଷଣ ମିଶ୍ର, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

### ପୂର୍ବତନ କାଉନସିଲର ଲକ୍ଷ୍ମୀଧରଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ, ୨୨।୯:** ପୂର୍ବତନ କାଉନସିଲର ତଥା ଖବରଦାତା ଲକ୍ଷ୍ମୀଧର ସାହୁଙ୍କ ମଙ୍ଗଳବାର ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୭୦ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖୋର୍ଦ୍ଧା ପୌର ପରିଷଦକୁ ଲକ୍ଷ୍ମୀଧର ଦୁଇଥର କାଉନସିଲର ଭାବେ ମନୋନୀତ ହୋଇଥିଲେ। ଧବଳେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ ତଥା ରାମଲୀଳା କମିଟି ସଦସ୍ୟ ଭାବେ ସେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିଲେ। ଏହା ସହିତ ସେ ଏକ ସାପ୍ତାହିକ ଖବରକାଗଜର ଜିଲା ପ୍ରତିନିଧିଭାବେ କାର୍ଯ୍ୟ କରୁଥିଲେ। ବହୁ ବୁଦ୍ଧିଜୀବୀ, ଖବରଦାତା ତାଙ୍କ ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### କୋଠଘରର ଅନ୍‌ଲାଇନ କବିତା ଆସର

**ଭୁବନେଶ୍ୱର,୨୨।୯(ବ୍ୟୁରୋ):** ସାହିତ୍ୟାନୁଷ୍ଠାନ କୋଠଘର ପକ୍ଷରୁ କୋଠଘର ସଙ୍ଗୀତ ଉନ୍ମୋଚନ ଉତ୍ସବ ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଅମ୍ବିକା ସ୍ୱାଇଁଙ୍କ ଅଧକ୍ଷତାରେ ଡିଜିଟାଲ ମାଧମରେ ଏହି କାର୍ଯ୍ୟକ୍ରମକୁ ପୂର୍ବତନ ପୋଲିସ ଡିଜି ବିପିନ ବିହାରୀ ମିଶ୍ର ଉଦ୍‌ଘଟନ କରିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ମୁଖ୍ୟବକ୍ତାଭାବେ ପ୍ରଫେସର ଅଜୟ ପାର୍ଥସାରଥି ବାରିକ, ଅତିଥିଭାବେ ସୃଜନୀ ପରିବାରର ସମ୍ପାଦକ ଅଶୋକ ସାମନ୍ତ, ପ୍ରାଧାପକ ଭାବଗ୍ରାହୀ ବଳ, ଆଶିଷ ମିଶ୍ର, ଲେଖିକା ଡ. ଅଞ୍ଜଳି ତ୍ରିପାଠୀ, କବି ପ୍ରଫୁଲ୍ଲ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। କବି ପ୍ରତତୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଏବଂ ଡ. ମମତା ମହାନ୍ତି ଓ ବିଜୟିନୀ ପଣ୍ଡା କବିତା ଆସରକୁ ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ଇତିଶ୍ରୀ ଦୀକ୍ଷିତ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବାବେଳେ ଅରୁଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ନିର୍ଦ୍ଦେଶକ ସଞ୍ଜୟ ପଣ୍ଡା କୋଠଘର ଆମ ସାହିତ୍ୟ ପରିବାରର ଶୀର୍ଷକ ସଙ୍ଗୀତ ଗାନ କରିଥିଲେ।

# ଗଞ୍ଜାମକୁ ପଛରେ ପକାଇବ ଭୁବନେଶ୍ୱର

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

- ଆଉ ୪୧୨ ସୁସ୍ଥ, ସଂଖ୍ୟା ୧୫୩୫୪କୁ ବୃଦ୍ଧି
- ନୂଆ ୩୪୫ ପଜିଟିଭ୍, ୧୯୨୪୩ରେ ପହଞ୍ଚିଲା ସଂଖ୍ୟା

ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ସଂକ୍ରମଣ ପିକ୍‌ରୁ ତଳକୁ ଖସି ଫ୍ଲାଟ ସ୍ତରକୁ ଆସିଛି। ପୂର୍ବରୁ ଭୁବନେଶ୍ୱରରେ ଦିନକୁ ୪ ଶହରୁ ୫ଶହ ପଜିଟିଭ ଚିହ୍ନଟ ହେଉଥିଲେ, ଏବେ ତାହା ୩ଶହକୁ ଖସିଛି। ଗତ ୭ ଦିନର ଚିହ୍ନଟ ଆକ୍ରାନ୍ତଙ୍କୁ ତର୍ଜମା କଲେ ଏହା ସ୍ପଷ୍ଟ ହେଉଛି ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ହେଲେ ଏହାର ବୀପରିତ ଚିତ୍ର କରୋନା ତଥ୍ୟରେ ପ୍ରତିପାଦିତ ହେଉଛି। ଅବଶ୍ୟ ଭୁବନେଶ୍ୱର ପିକ୍ ସ୍ତରରୁ ତଳକୁ ଆସିଛି, ହେଲେ ପଜିଟିଭ୍ ଚିହ୍ନଟ ମାମଲାରେ ଆଉ ଦିନେ ଦୁଇ ଦିନ ମଧ୍ୟରେ ଭୁବନେଶ୍ୱର ଗଞ୍ଜାମକୁ ପଛରେ ପକାଇବ ବୋଲି ଆକଳନ କରାଯାଉଛି।

ସୂଚନା ମୁତାବକ, ଭୁବନେଶ୍ୱର ଏକ ମହାନଗର ନିଗମ ହେବା ସତ୍ତ୍ୱେ ଏବେ ମୋଟ ୧୯୨୪୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ୧୫୩୫୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ହେଲେ ଗଞ୍ଜାମ ଏକ ଜିଲା ହେବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ୧୯୭୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସବୁଠୁ ବଡ଼ କଥା ହେଉଛି, ଯେଉଁଠି ଏବେ ଗଞ୍ଜାମରେ ୫୦ରୁ କମ୍ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି, ସେଠି ବିଏମ୍‌ସି ଅଞ୍ଚଳରେ ଦୈନିକ ୩୦୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଗଞ୍ଜାମକୁ ଅତିକ୍ରମ କରିବାକୁ ବିଏମ୍‌ସିକୁ ଆଉ ୪୬୭ ଆକ୍ରାନ୍ତ ଆବଶ୍ୟକ ଥିବାବେଳେ ହାରାହାରି ୨ କିମ୍ବା ୩ ଦିନରେ ଅତିକ୍ରମ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଅନ୍ୟପଟେ ଆଗକୁ ଭୁବନେଶ୍ୱରରେ ପଜିଟିଭ୍ ଚିହ୍ନଟ ହାର ଆହୁରି ହ୍ରାସ ପାଇବ ବୋଲି ଆଇସିଏମ୍ଆର ଦ୍ୱାରା ବିଶ୍ଳେଷଣ କରାଯାଉଛି। ବିଶେଷଜ୍ଞଙ୍କ ମତରେ ପିକ୍ ସ୍ତରରୁ ଫ୍ଲାଟ ସ୍ତର ଓ ତା' ପରେ ଡିକ୍ଲାଇନ ହୋଇଥାଏ। ଯାହାକି ଏବେ ଗଞ୍ଜାମରେ ହେଉଛି। ତେବେ ଭୁବନେଶ୍ୱରରୁ ମଙ୍ଗଳବାର ୩୪୫ଜଣ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୪୧୨ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂଆ ଚିହ୍ନଟଙ୍କ ମଧ୍ୟରେ ସଙ୍ଗରୋଧରୁ ୧୦୧ଜଣ ଓ ସ୍ଥାନୀୟ ଅଞ୍ଚଳରୁ ୨୪୪ ଜଣ ଆକ୍ରାନ୍ତ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ସଂଖ୍ୟା ୧୯୨୪୩ରେ ପହଞ୍ଚିଥିବାବେଳେ ସୁସ୍ଥଙ୍କ ସଂଖ୍ୟା ୧୫୩୫୪ରେ ପହଞ୍ଚିଛି। ଏହାବ୍ୟତୀତ ସଙ୍ଗରୋଧରୁ ଚିହ୍ନଟ ସମସ୍ତ ଆକ୍ରାନ୍ତ ପୂର୍ବରୁ ଚିହ୍ନଟ ପଜିଟିଭଙ୍କ ସଂସ୍ପର୍ଶରେ ଆସିଥିବା ବିଏମ୍‌ସି ଟୁଇଟ୍ ଜରିଆରେ ସୂଚନା ଦେଇଛି।

# ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ କମିଟିର ଧାରଣା



ମଣ୍ଡଳ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନେ ଧାରଣା ଦେଇଛନ୍ତି।

**ପୁରୀ ଅଫିସ, ୨୨।୯**

ପୁରୀସ୍ଥିତ ଶ୍ରମିକ କଲ୍ୟାଣ ବୋର୍ଡ ଦୁର୍ନୀତିର ଗନ୍ତାଘର ପାଲଟିଛି। ଶ୍ରମିକମାନେ ସହାୟତା ପାଇଁ ପକାଉଥିବା ଫର୍ମ ହଜିଯାଉଛି। ବିଶେଷକରି ଶ୍ରମିକମାନେ ବିବାହ, ଦୁର୍ଘଟଣା, ମୃତ୍ୟୁକାଳୀନ ସହାୟତା, ନବୀକରଣ ସମେତ ବିଭିନ୍ନ ପ୍ରକାର ଫର୍ମ ପକାଉଛନ୍ତି। କିନ୍ତୁ ଏଥିପାଇଁ ହାତଗୁଞ୍ଜା ଦେବାକୁ କୁହାଯାଉଛି। ନ ଦେଲେ ଫର୍ମ ହଜିଯାଉଥିବା ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ କମିଟି ଅଭିଯୋଗ ଆଣିଛି। ଏଥିପାଇଁ ସଂଘ ପକ୍ଷରୁ ମଙ୍ଗଳବାର ମଣ୍ଡଳ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଧାରଣାକାରୀମାନେ କହିଥିଲେ ଯେ, ଏହି ଅଭିଯୋଗ ସଂକ୍ରାନ୍ତରେ ଜିଲାପାଳ, ଶ୍ରମ ଅଧିକାରୀ, ଶ୍ରମ ସଚିବଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ସୁଫଳ ମିଳିନାହିଁ। ଏହିଭଳି ବ୍ୟାପକ ଦୁର୍ନୀତି ଓ ପ୍ରିୟାପ୍ରୀତି ହେଉଛି। ଏଥିପାଇଁ ଶ୍ରମ କଲ୍ୟାଣ ସଂଯୋଜକଙ୍କୁ ଅପସାରଣ କରିବା ପାଇଁ କମିଟି ଦାବି କରିଛି। ଧାରଣାରେ କମିଟି ଉପଦେଷ୍ଟା ଶରତ ରାୟଗୁରୁ, ଜ୍ଞାନରଞ୍ଜନ ଦାସ, ମଧୁସୂଦନ ପ୍ରଧାନ, ସ୍ମୃତିରଞ୍ଜନ ଦାସ ପ୍ରମୁଖ ସାମିଲ ଥିଲେ।

## କଟକକୁ ଉପେକ୍ଷା ନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**କଟକ ଅଫିସ, ୨୨।୯**

ସମ୍ପ୍ରତି କଟକ ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢିଚାଲିଛି। ଏହାସତ୍ତ୍ୱେ ପ୍ରଶାସନ କେବଳ ମାସ୍କ ଓ ସାମାଜିକ ଦୂରତା ତଦାରଖ ବ୍ୟତୀତ ଅନ୍ୟ କିଛି ଆଖିଦୃଶିଆ ପଦକ୍ଷେପ ନେଉନାହିଁ। ସହରର ବିଭିନ୍ନ ମେଡିକାଲ ସମେତ ଜନବହୁଳ ସ୍ଥାନକୁ ସବୁଦିନ ସାନିଟାଇଜ କରାଯାଉନାହିଁ। କରୋନାରେ ମୃତ୍ୟୁବରଣ କରିଥିବା ରୋଗୀଙ୍କ ମୃତଦେହକୁ ସତୀଚଉରା ଶ୍ମଶାନରେ ଦାହ କରାଯାଉଛି। ମାତ୍ର ଏହାର ଆଖପାଖ ଅଞ୍ଚଳକୁ ସାନିଟାଇଜ କରାଯାଉନାହିଁ। କୋଭିଡ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟଣା ପ୍ରଶାସନର ଦୁର୍ବଳତାକୁ ପଦାରେ ପକାଇଛି। ଏହି ସବୁ ବିଷୟ ଉଲ୍ଲେଖ କରି ଦେବାଶିଷ ଘୋଷ, ଶାରଦା ଷଡ଼ଙ୍ଗୀ, ରାକେଶ ସାହୁ, ପ୍ରଶାନ୍ତ ଦାସ ଏବଂ ସାର୍ଥକ ରାୟଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଚିଠି ଓଡ଼ିଶା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏଥିରେ କଟକ ସହର ପ୍ରତି ବିଶେଷ ଦୃଷ୍ଟି ଦେବାକୁ ନିବେଦନ କରାଯାଇଛି।




ଲେବର କାର୍ଡଧାରୀଙ୍କୁ କୋଭିଡ୍ ସହାୟତା ପ୍ରଦାନ ଦାବିରେ ସିପିଆଇ(ଏମ୍) ଏକାମ୍ର ଭୁବନେଶ୍ୱର ଶାଖା ପକ୍ଷରୁ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ଆକ୍ରମଣ ଘଟଣା: ୨ ଗିରଫ

**ଖୋର୍ଦ୍ଧା ଅଫିସ,୨୨।୯**

ଜଣେ ଯୁବକଙ୍କୁ କଇଞ୍ଚିରେ ଆକ୍ରମଣ ଘଟଣାରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ମଙ୍ଗଳବାର ଦେୱାନ ସାହିର ଦିଲୀପ କୁମାର ମହାପାତ୍ର ଓରଫ ଦିଲୁଙ୍କୁ ଗିରଫ କରିଛି। ଗତ ଅଗଷ୍ଟ ୧୭ରେ କୌଣସି କାରଣକୁ ନେଇ ଦିଲୁ ଏବଂ ଦିବେଶ ସାହୁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଦିଲୁ ତାଙ୍କୁ କଇଞ୍ଚିରେ ଆକ୍ରମଣ କରିଥିଲେ। ଦିବେଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୮୫/୨୦) ରୁଜୁକରି ତଦନ୍ତ ଚଳାଇଥିଲା। ସେହିପରି ଜଣେ ମହିଳାଙ୍କୁ ଠେଙ୍ଗାରେ ଆକ୍ରମଣ ଘଟଣାରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ମଙ୍ଗଳବାର ବିକୁଡିଆ ଗ୍ରାମର ମିଟୁ ସେଠୀ(୨୮)ଙ୍କୁ ଗିରଫ କରିଛି। ଅଗଷ୍ଟ ମାସରେ ମିଟୁ ଉକ୍ତ ଗ୍ରାମର ଜଣେ ମହିଳାଙ୍କୁ କୌଣସି କାରଣକୁ ନେଇ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୨୭୪/୨୦) ରୁଜୁ ହୋଇଥିଲା।

## ଓଡ଼ିଆ ସ୍ୱାକ୍ଷର ସଂକଳ୍ପ ଦିବସ

**କଟକ ଅଫିସ,୨୨।୯**

ନୀଳଶୈଳ ଏବଂ ରାଜକିଶୋର ରାଜ ସ୍ମୃତି ସଂସଦ ପକ୍ଷରୁ ତେଲେଙ୍ଗାବଜାରଠାରେ ଓଡ଼ିଆ ସ୍ୱାକ୍ଷର ସଂକଳ୍ପ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଆଇନଜୀବୀ ଧରଣୀଧର ନାୟକଙ୍କ ବାସଭବନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ରାଜକିଶୋର ରାଜଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଭାପତି ନାୟକଙ୍କ ପୌରୋହିତ୍ୟରେ ଓଡ଼ିଆ ସ୍ୱାକ୍ଷର ସଂକଳ୍ପ ନିଆଯାଇଥିଲା। ଏଥିରେ ଉପଦେଷ୍ଟା ତଥା ଭାଜପା ନେତା ସଜ୍ଜନ ଶର୍ମା, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ନାୟକ, ମନୋରଞ୍ଜନ ରାଉତରାୟ, ଦିଲ୍ଲୀପ ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ଏକ ଭର୍ଚୁଆଲ ବୈଠକ ମାଧମରେ ବିଶ୍ୱ ଓଡ଼ିଆ ସମ୍ମିଳନୀର ସଭାପତି ଡା. ମୁରଲୀ ମନୋହର ଶର୍ମା, ବାଙ୍ଗାଲୋରରେ ଅବସ୍ଥିତ ବୈଜ୍ଞାନିକ ନିହାର ସାନ୍ତ୍ରା, ପ୍ରତିବେଶୀ ସମ୍ପାଦକ ପୀତାମ୍ବର ବାରିକ, ଭୁବନେଶ୍ୱର ନୀଳଶୈଳ ସମ୍ପାଦକ ରଜନୀକାନ୍ତ ପଣ୍ଡା ପ୍ରମୁଖ ଓଡ଼ିଆ ସ୍ୱାକ୍ଷର ସଂକଳ୍ପ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ମହିଳା ଗାଁ ସାଥୀ ନିଯୁକ୍ତି ବିଜ୍ଞପ୍ତି ପ୍ରତ୍ୟାହାର ଦାବି

**ଖୋର୍ଦ୍ଧା ଅଫିସ,୨୨।୯**

କୋଭିଡ୍-୧୯ ଯୋଗୁ ଗତ ମାର୍ଚ୍ଚ ମାସଠାରୁ ଗାଁ ସାଥୀମାନେ କାମ ନ ପାଇ ହଇରାଣ ହେଉଛନ୍ତି। ଏହି ସମୟରେ ରାଜ୍ୟ ସରକାର ପ୍ରତି ରାଜସ୍ୱ ଗ୍ରାମରେ ଦୁଇଜଣ ମହିଳା ଗାଁ ସାଥୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି ବିଜ୍ଞପ୍ତିଙ୍କୁ ପ୍ରତ୍ୟାହାର ଦାବିରେ ନିଖିଳ ଓଡ଼ିଶା ଗାଁ ସାଥୀ ସଂଘ, ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଗାନ୍ଧୀ ଜୟନ୍ତୀରେ ଜିଲାପାଳଙ୍କ ଅଫିସ ଆଗରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ପଞ୍ଚାୟତିରାଜ ପାନୀୟଜଳ ବିଭାଗ ଚିଠି ନଂ. ପିଆର-ଏନଆରଇଜି/୦୦୦୩-୨୦୧୯-୧୩୦୬୫ ଜାରି ବିଜ୍ଞପ୍ତିକୁ ପ୍ରତ୍ୟାହାର କରାଯାଉ। ଗାଁ ସାଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି ଦିଆଯାଉ। କରୋନା ସମୟରେ ଗ୍ରାମକୁ ଫେରିଥିବା ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଏନ୍ଆରଇଜିଏସରେ କାମ ଯୋଗାଇ ଦିଆଯାଉ। ମୋ ବଗିଚା ଭଳି କୃଷି କ୍ଷେତ୍ରରେ ଏନଆରଇଜିଏସକୁ ସାମିଲ କରି ଗାଁସାଥୀଙ୍କୁ ମାସିକ ସର୍ବନିମ୍ନ ୭୫ଶହ ଟଙ୍କା ପ୍ରଦାନ କରିବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଶ୍ମଶାନ ଜମି ଜବରଦଖଲ ଅଭିଯୋଗ

**କୋଣାର୍କ,୨୨।୯(ଡି.ଏନ୍.ଏ.)**

କୋଣାର୍କ ଥାନା ଖଡୋଲ ଗ୍ରାମର ଶ୍ମଶାନ ଜମିକୁ କେତେଜଣ ଯୁବକ ଜବରଦଖଲ କରୁଥିବା ନେଇ ରଉତ ସାହି ଓ କାକରପୁଟ ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ପ୍ଲଟ ନଂ ୧୩୧୫ ଶ୍ମଶାନ ଜମିରେ ଏହି ଦୁଇ ଗ୍ରାମବାସୀ ଶବଦାହ କରିଥାନ୍ତି। ଗତ ୨୧ ତାରିଖରେ ଖଡୋଲ ଗ୍ରାମର କେତେଜଣ ଯୁବକ ଶ୍ମଶାନ ଜମିରେ ବାଡ ପକାଇ ଏହାକୁ ଅବରୋଧ କରିଥିଲେ। ଏହି ଘଟଣାକୁ ନେଇ ରଉତସାହି ଓ କାକରପୁଟ ଗ୍ରାମବାସୀ ବିରୋଧ କରିବାରୁ ଯୁବକମାନେ ଗାଳିଗୁଲଜ କରିଥିଲେ। ଫଳରେ ୨ ଗ୍ରାମବାସୀ ଅଭିଯୋଗ କରିବା ପାଇଁ ଥାନାକୁ ଆସିଥିଲେ। କିନ୍ତୁ ଏସଆଇ ସେମାନଙ୍କୁ ଆର୍‌ଆଇ ଅଫିସକୁ ଯାଅ ବୋଲି କହି ଫେରାଇ ଦେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ୨ ଗ୍ରାମର ପ୍ରାୟ ୨୫ରୁ ୩୦ଜଣ ଥାନା ସମ୍ମୁଖରେ ଧାରଣା ଦେବାକୁ ଆସିଥିବାବେଳେ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଏ ସମ୍ପର୍କରେ ପ୍ରସନ କୁମାର ବିଶ୍ୱାଳ, ଶିଶିର ବିଶ୍ୱାଳ, କପିଳ ପରିଡା ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାଧିକାରୀ ମଲ୍ଲିକ କହିଛନ୍ତି, ଅଭିଯୋଗପତ୍ର ମୋର ହସ୍ତଗତ ହୋଇଛି। ଏହା ଉପରେ ତଦନ୍ତ କରାଯିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଜଳ ବିଶୋଧନ ପାଇଁ ବ୍ଲିଚିଂ ପକାଗଲା

**ପୁରୀ ଅଫିସ,୨୨।୯**

**ନରେନ୍ଦ୍ର ପୁଷ୍କରିଣୀରେ ମାଛ ମରିବା ଘଟଣା**

ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ମାଛ ମରିବା ଘଟଣାକୁ ମତ୍ସ୍ୟ ବିଭାଗ ଗୁରୁତ୍ୱର ସହ ନେଇଛି। କାହିଁକି ଓ କେଉଁ ପରିସ୍ଥିତିରେ ମାଛ ମଲେ ତାହାର ଅନୁଧ୍ୟାନ ଚାଲିଛି। ତେବେ ସିଫାର ବରିଷ୍ଠ ବୈଜ୍ଞାନିକଙ୍କ ପରାମର୍ଶ ଅନୁଯାୟୀ ମଙ୍ଗଳବାର ପ୍ରାଥମିକ ପଦକ୍ଷେପ ସ୍ୱରୂପ ନରେନ୍ଦ୍ରର ଜଳ ବିଶୋଧନ ଲାଗି ବ୍ଲିଚିଂ ପକାଯାଇଛି।

ନରେନ୍ଦ୍ରରେ ମାଛ ମରିବା ଘଟଣାରେ ସୋମବାର ସିଫାର ଏକ ୪ଜଣିଆ ପ୍ରତିନିଧି ପୁରୀ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ପୁଷ୍କରିଣୀର ବିଭିନ୍ନ ସ୍ଥାନରୁ ଜଳ ନମୁନା ସଂଗ୍ରହ କରିବା ସହ ନିକଟସ୍ଥ ମୂଷାନଈର ପାଣି ମଧ୍ୟ ପରୀକ୍ଷା ପାଇଁ ନେଇଥିଲେ। ଏତଦ୍‌ବ୍ୟତୀତ ନରେନ୍ଦ୍ରର ଜୀଅନ୍ତା ମାଛ ବି ନେଇଥିଲେ। ତେବେ ଏହି ରିପୋର୍ଟ ଆସିବା ପୂର୍ବରୁ ପ୍ରାଥମିକ ଭାବେ ଜଳ ବିଶୋଧନ ଲାଗି ପରାମର୍ଶ ଦେଇଥିଲେ। ସେହି ମୁତାବକ ମଙ୍ଗଳବାର ଜିଲା ମତ୍ସ୍ୟ ବିଭାଗ ଏବଂ ପୁରୀ ପୌରସଂସ୍ଥା ପକ୍ଷରୁ ନରେନ୍ଦ୍ର ଜଳ ବିଶୋଧନ ଲାଗି ୫ କିଲୋ ବ୍ଲିଚିଂକୁ ପାଣିରେ ଗୋଳାଯାଇ ପୋଖରୀ ଚତୁଃପାର୍ଶ୍ୱରେ ପକାଯାଇଛି ବୋଲି ଜିଲା ମତ୍ସ୍ୟ ଅଧିକାରୀ ଦେବେନ୍ଦ୍ର ବେହେରା କହିଛନ୍ତି।

## ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

**ନିମାପଡ଼ା,୨୨।୯(ଡି.ଏନ୍.ଏ.)**

ନିମାପଡ଼ା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ ମଙ୍ଗଳବାର ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ଉପାଧକ୍ଷ ଅଜୟ ସ୍ୱାଇଁ, ବିଡିଓ ମନୋଜ କୁମାର ବେହେରା, ଜିପିଓ ପ୍ରିୟଦର୍ଶନ ବରାଳ ପ୍ରମୁଖ ଯୋଗଦେଇଥିଲେ। ଅଧିବେଶନରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଓ ୫ମ ରାଜ୍ୟ ଅର୍ଥ ଆୟୋଗର ୩ କୋଟି ୪୨ଲକ୍ଷ ଟଙ୍କା ଅର୍ଥ ରାଶି ବଜେଟ ପାରିତ ହୋଇ ଚିଠା ଅନୁମୋଦନ ହୋଇଛି। ପ୍ରତି ପଞ୍ଚାୟତକୁ ଏକ ୟୁନିଟ ଭାବେ ଧରାଯାଇ ପ୍ରତି ୟୁନିଟର ଉନ୍ନୟନ କାର୍ଯ୍ୟ ପାଇଁ ୧୦ଲକ୍ଷ ୭୦ହଜାର ଟଙ୍କା ଦେବା ପାଇଁ ନିଷ୍ପତ୍ତି ହୋଇଛି। ବନ୍ୟାରେ କ୍ଷତିଗ୍ରସ୍ତ ୧୪ ପଞ୍ଚାୟତର ୧୧ହଜାର ୮୪ଟି ବିପନ୍ନ ପରିବାରକୁ ସରକାରୀ ରିଲିଫ ସହାୟତା ଦିଆଯାଇଥିବାବେଳେ ଆହୁରି ହଜାର ହଜାର ବିପନ୍ନ ବାଦ ପଡ଼ିଥିବାରୁ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ସୁମନ୍ତ ଦାଶ, ସ୍ୱର୍ଣ୍ଣଲତା ପ୍ରଧାନ ସମେତ ୫୫ଜଣ ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ସାମିଲ ଥିଲେ।

## ନିରାଡ଼ମ୍ବରରେ ଦଶହରା ହେଉ

**କଟକ ଅଫିସ,୨୨।୯**

**ପୂଜା କମିଟିକୁ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ନିବେଦନ**

କଟକ ଦଶହରାରେ ମୂର୍ତ୍ତି ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ବଡ ମୂର୍ତ୍ତି ନିର୍ମାଣ ପାଇଁ କେତେକ ପୂଜା କମିଟି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଙ୍ଗଳବାର ଗାନ୍ଧୀ ଭବନରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ପ୍ରାକ୍ତନ ସଭାପତି ଶୈଳଜ ରବି ଓ ଟ୍ରଷ୍ଟି ଡା. ବିଶ୍ୱଜିତ କହିଛନ୍ତି ଯେ, କରୋନା ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ପର୍ବପର୍ବାଣି, ମେଳା ମହୋତ୍ସବ ସ୍ଥଗିତ ରଖିବାକୁ ସରକାର ବା ବିଚାରାଳୟ ଅପରିବର୍ତ୍ତନୀୟ କଠୋର ଆଦେଶ ଦେବା ପରିବର୍ତ୍ତେ ସର୍ତ୍ତମୂଳକ ସୁଯୋଗ ଦେଉଛନ୍ତି। ଜନସାଧାରଣ ପ୍ରାୟତଃ ସେସବୁ ସର୍ତ୍ତକୁ ମାନୁନାହାନ୍ତି। ଚଳିତବର୍ଷ ଦଶହରାକୁ ନିରାଡମ୍ବରରେ ପାଳନ କରାଯାଉ ନଚେତ ମଣ୍ଡପରେ ପୂଜା ବନ୍ଦ କରି ଘରେ ପୂଜା ଆୟୋଜନ ହେଉ ବୋଲି ଅନୁଷ୍ଠାନ ପକ୍ଷରୁ ସମସ୍ତ ପୂଜା କମିଟିକୁ ନିବେଦନ କରାଯାଇଛି। ଅନ୍ୟପକ୍ଷେ କରୋନା ଦ୍ୱାରା ପ୍ରଭାବିତ ଦିନ ମଜୁରିଆ ଓ ଛୋଟ ବ୍ୟବସାୟୀଙ୍କ ଘରେ ଚୁଲି ଜଳୁନାହିଁ। ବେକାର ଯୁବକ ହତାଶ ହୋଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ପ୍ରତି ଅଞ୍ଚଳର ପୂଜା କମିଟି ସେମାନଙ୍କୁ ଥଇଥାନ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବା ଉଚିତ। ପୂଜାରେ ଖର୍ଚ୍ଚ ହେବାକୁ ଥିବା ଅର୍ଥକୁ କରୋନା ଦ୍ୱାରା ପ୍ରଭାବିତ ହୋଇଥିବା ପରିବାରକୁ ଦାନ କଲେ ସେମାନେ ଉପକୃତ ହୋଇପାରିବେ ବୋଲି ଶୈଳଜ ରବି ଏବଂ ଡା. ବିଶ୍ୱଜିତ କହିଛନ୍ତି।

## କୋଭିଡ୍ ହସ୍ପିଟାଲରେ ଅଗ୍ନିଶମ ବାହିନୀର ମକ୍‌ଡ୍ରିଲ

**କଟକ ଅଫିସ/ପୁରୀ ଅଫିସ/ ଭୁବନେଶ୍ୱର (ବ୍ୟୁରୋ) ୨୨।୯**

କଟକ ଜଗତ୍‌ପୁରସ୍ଥିତ ସଦ୍‌ଗୁରୁ କୋଭିଡ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ପରେ ମଙ୍ଗଳବାର ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ କରାଯାଇଛି। କଟକ ଜିଲା ଅଗ୍ନିଶମ ଅଧିକାରୀ ସତ୍ୟପୀର ବେହେରାଙ୍କ ନେତୃତ୍ୱରେ କଟକ ସହରସ୍ଥ ସନ୍, ସୃଷ୍ଟି ଏବଂ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ମକ୍‌ଡ୍ରିଲ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି। ଅଗ୍ନିକାଣ୍ଡ ଘଟିଲେ କିପରି ନିଆଁକୁ ଆୟତ୍ତ କରାଯିବ, ରୋଗୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣାଯିବ ଆଦି ବୁଝାଇ ଦିଆଯାଇଥିଲା। ସେହିପରି ଫାୟାର ଅଫିସର ସୁଶାନ୍ତ ଦାସଙ୍କ ନେତୃତ୍ୱରେ ଏସ୍‌ସିବି ଆଇସୋଲେଶନ ୱାର୍ଡରେ ମକ୍‌ଡ୍ରିଲ ହୋଇଥିଲା। ପୁରୀ ଜିଲାର କୋଭିଡ୍ ହସ୍ପିଟାଲଗୁଡ଼ିକରେ ମଧ୍ୟ ଅଗ୍ନିଶମ ବାହିନୀ ପକ୍ଷରୁ ମକ୍‌ଡ୍ରିଲ କରାଯାଇଛି। ଜିଲା ଅଗ୍ନିଶମ କେନ୍ଦ୍ରର ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ଥିବା କୋଭିଡ୍ କେୟାର ସେଣ୍ଟର, ଆଇଡିଏଚ୍ ପରିସର କୋଭିଡ୍ ହସ୍ପିଟାଲ ଏବଂ ଆୟୁର୍ବେଦ ମହାବିଦ୍ୟାଳୟ ପରିସରସ୍ଥ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ମକ୍‌ଡ୍ରିଲ କରିଥିଲେ। ପ୍ରଥମେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଏବଂ ଯନ୍ତ୍ରାଂଶର ଯାଞ୍ଚ କରାଯାଇଥିଲା। ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଲେ କିପରି ସଙ୍ଗେସଙ୍ଗେ ନିଆଁକୁ ନିୟନ୍ତ୍ରଣ କରାଯାଇପାରିବ ତାହାର କୌଶଳ ଦେଖାଇଥିଲେ। କିପରି ପ୍ରାରମ୍ଭିକ ଏହି ଦୁର୍ଘଟଣାକୁ ଏଡାଇ ଦେଇହେବ ସେ ନେଇ ଚିକିତ୍ସାଳୟ କର୍ମଚାରୀ ଏବଂ ସୁରକ୍ଷା କର୍ମୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

ସେହିପରି ଅଗ୍ନିଶମ ବିଭାଗର ୮ ଜଣିଆ ଟିମ୍ ଭୁବନେଶ୍ୱରର ସମ୍, କିମ୍ସ ଓ ଆଦିତ୍ୟ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ପିପିଇ କିଟ୍ ପିନ୍ଧି ମକ୍‌ଡ୍ରିଲ ଏବଂ ଯାଞ୍ଚ କରିଥିଲେ।



ଅଶ୍ୱିନୀ କୋଭିଡ୍ ହସ୍ପିଟାଲ ପରିସରରେ ଅଗ୍ନିଶମ କର୍ମଚାରୀ ମକ୍‌ଡ୍ରିଲ କରୁଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ସେପ୍ଟେମ୍ବର ୨୩/୨୦୨୦ Wednesday, September 23/2020

# ହକି ଆନାଲିଟିକାଲ କୋଚ୍ ସିରିଲୋଙ୍କ ଇସ୍ତଫା

ନୂଆଦିଲ୍ଲୀ, ୨୨।୯ (ପି.ଟି.)

ସ୍ୱାସ୍ଥ୍ୟ ପ୍ରସଙ୍ଗ ଦର୍ଶାଇ ଭାରତୀୟ ପୁରୁଷ ହକି ଦଳର କୋଚ୍ ଖ୍ରିସ୍ ସିରିଲୋ ତାଙ୍କ ପଦତ୍ୟାଗ କରିଛନ୍ତି। କିଛିଦିନ ପୂର୍ବେ ଡେଭିଡ୍ ଜନ୍ ହାଇ ପର୍ଫର୍ମାନ୍ସ ଡାଇରେକ୍ଟର ପଦବୀରୁ ଇସ୍ତଫା ପ୍ରଦାନ କରିଥିଲେ। ଫଳରେ ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଭାରତୀୟ ଦଳକୁ ଶକ୍ତ ଧକ୍କା ହୋଇଛି। ପୂର୍ବତନ ଅଷ୍ଟ୍ରେଲୀୟ ଡ୍ରାଗ୍‌ଫ୍ଲିକର ସିରିଲୋ ଅଲିମ୍ପିକ ବ୍ରୋଞ୍ଜ ବ୍ୟତୀତ ବିଶ୍ୱକପ୍ ସ୍ୱର୍ଣ୍ଣ ଏବଂ ଏକାଧିକ ପଦକ ଜିତିଛନ୍ତି। ଗତ ରବିବାର ସେ ଭିକ୍ଟୋରିଆସ୍ଥିତ ତାଙ୍କ ବାସଭବନରୁ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ୩୪ ବର୍ଷୀୟ ସିରିଲୋ କୋଭିଡ୍-୧୯ ମହାମାରୀ ମଧ୍ୟଭାଗ ଜୁନ୍ ମାସରେ ଅଷ୍ଟ୍ରେଲିଆ ପଳାଇଥିଲେ। ସେତେବେଳେ ଜାତୀୟ ଖେଳାଳିମାନଙ୍କୁ ଏକ ମାସ ଛୁଟି ଦିଆଯାଇଥିଲା। ବେଙ୍ଗାଲୁରୁସ୍ଥିତ ସାଇ ସାଉଥ ସେଣ୍ଟରରେ ଅଗଷ୍ଟ ୪ରୁ ଏକ ମାସରୁ ଅଧିକ ସମୟ ହେଲା ଜାତୀୟ କ୍ୟାମ୍ପ ଚାଲିଛି। କିନ୍ତୁ ସିରିଲୋ ଫେରି ନ ଥିଲେ। କିନ୍ତୁ ଶୁଣିବାକୁ ମିଳୁଛି ଯେ, ଏହି ଅଷ୍ଟ୍ରେଲୀୟ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଭାରତୀୟ ହକି ସହିତ ସମ୍ପର୍କ ଛିନ୍ନ କରିଛନ୍ତି। ସିରିଲୋଙ୍କ ନିକଟତମ ମହଲରୁ ପ୍ରକାଶ ତାଙ୍କର ସ୍କିନ୍ ଇନ୍‌ଫ୍ଲାମେଶନ ସମସ୍ୟା ରହିଛି। ଏଥିପାଇଁ ସେ ଚିକିତ୍ସିତ ହେଉଛନ୍ତି। ଏହି କାରଣ ଦର୍ଶାଇ ସେ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ସିରିଲୋ ଭାରତୀୟ ଦଳ ସହ ଅଢ଼େଇ ବର୍ଷ କାର୍ଯ୍ୟ କରିବା ପରେ ଟୋକିଓ ଅଲିମ୍ପିକ୍ସ ଦୃଷ୍ଟିରୁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତାଙ୍କ କାର୍ଯ୍ୟକାଳ ଆହୁରି ଏକ ବର୍ଷ ବୃଦ୍ଧି କରିଥିଲା। ସିରିଲୋ ହେଉଛନ୍ତି ହକି ଇଣ୍ଡିଆର ତୃତୀୟ ଅଷ୍ଟ୍ରେଲୀୟ ସପୋର୍ଟ ଷ୍ଟାଫ୍। ମାସକ ପୂର୍ବେ ଇସ୍ତଫା ଦେଇଥିବା ଅନ୍ୟ ଦୁଇଜଣ ଷ୍ଟାଫ୍ ହେଲେ ହାଇ ପର୍ଫର୍ମାନ୍ସ ଡାଇରେକ୍ଟର ଜନ୍ ଏବଂ ପୁରୁଷ ଟିମ୍ ଫିଜିଓ ଡେଭିଡ୍ ମ୍ୟାକ୍‌ଡୋନାଲ୍ଡ।


ଖ୍ରିସ୍ ସିରିଲୋ

# ଜୋକୋଭିଚ୍‌ଙ୍କୁ ଟାଇଟଲ

ରୋମ, ୨୨।୯ (ଏପି)

## ଇଟାଲିଆନ ଓପନ୍ ଟେନିସ୍



ସର୍ବୀୟାର ନୋଭାକ୍ ଜୋକୋଭିଚ୍ ଇଟାଲିଆନ ଓପନ୍ ଟେନିସ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଫାଇନାଲରେ ସେ ଆର୍ଜେଣ୍ଟିନାର ଡିଏଗୋ ସ୍ୱାର୍ଜମ୍ୟାନଙ୍କୁ ୭-୫, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏଥରକୁ ମିଶାଇ ସେ ୫ମ ଥର ପାଇଁ ଇଟାଲିଆନ ଓପନ ଜିତିଛନ୍ତି। ରାଫାଲ ନାଡାଲ ଏଠାରେ ସର୍ବାଧିକ ୯ଥର ଚାମ୍ପିୟନ ହୋଇ ରେକର୍ଡ କରିଛନ୍ତି। ପୁନଶ୍ଚ ଏହା ହେଉଛି ତାଙ୍କର ୩୬ତମ ମାଷ୍ଟର୍ସ ଟାଇଟଲ। ରୋଲାଣ୍ଡ ଗ୍ୟାରସଠାରେ ଆଉ କିଛିଦିନ ପରେ ଆରମ୍ଭ ହେବ ଫ୍ରେଞ୍ଚ ଓପନ। ଇଟାଲିଆନ ଓପନ ଜିତିବା ଦ୍ୱାରା ଏହି ଟୁର୍ନାମେଣ୍ଟ ପାଇଁ ଜୋକୋଭିଚ୍‌ଙ୍କ ଆତ୍ମବିଶ୍ୱାସ ବୃଦ୍ଧିପାଇଛି। ସେ କହିଛନ୍ତି, ଏଠାରେ ଚାମ୍ପିୟନ ହୋଇଥିଲେ ମଧ୍ୟ ସେ ତାଙ୍କ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ନାହାନ୍ତି। ଫ୍ରେଞ୍ଚ ଓପନରେ ସେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ୨୮ବର୍ଷୀୟ ସ୍ୱାର୍ଜମ୍ୟାନ କ୍ୱାର୍ଟର ଫାଇନାଲରେ ନାଡାଲଙ୍କୁ ପରାସ୍ତ କରିଥିଲେ। ଟାଇଟଲ ମୁକାବିଲାରେ କିନ୍ତୁ ଜୋକୋଭିଚ୍ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ବିଶ୍ୱର ନମ୍ବର ୱାନ ହେବାପାଇଁ ସେ ହକ୍‌ଦାର ବୋଲି ପ୍ରମାଣ କରି ଦେଖାଇ ଦେଇଥିଲେ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ